# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 2/ 2019 ★★★★

୪୫ଶ ଭାଗ ୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-


DSPL-379

ଓଡ଼ିଶା ସରକାର

# କାଳିଆ

## କୃଷକ ସଶକ୍ତିକରଣ ପାଇଁ ଓଡ଼ିଶାର ଅଗ୍ରଣୀ ଯୋଜନା



### ଆଗେଇ ଚାଲିଛି କାଳିଆ

ପ୍ରଥମ କିସ୍ତିରେ **୧୨ ଲକ୍ଷ ୪୫ ହଜାରରୁ** ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯାଇଛି **୬୨୨ କୋଟିରୁ** ଅଧିକ ଟଙ୍କା

**୫୭,୦୦୦** ରୁ ଅଧିକ ଭାଗଚାଷୀଙ୍କୁ ମିଳିଛି **୨୮ କୋଟି ଟଙ୍କାରୁ** ଊର୍ଦ୍ଧ୍ୱ ସହାୟତା

### ଭୂମିହୀନ ଚାଷୀଙ୍କ ପାଇଁ କାଳିଆ

ପ୍ରଥମ କିସ୍ତିରେ **୫ ଲକ୍ଷ** ଭୂମିହୀନ ଚାଷୀଙ୍କୁ ଏ ବର୍ଷ ମିଳିବ **୨୫୦ କୋଟି ଟଙ୍କାର** ସହାୟତା

### ଧାର୍ଯ୍ୟ ହେଲା କାଳିଆ ଦିବସ

ଏଣିକି ପ୍ରତିବର୍ଷ **ଅକ୍ଷୟ ତୃତୀୟା** ଓ **ନୂଆଖାଇ** ରେ ମିଳିବ କାଳିଆ ଯୋଜନାରେ ସହାୟତା

39001/13/0013/1819

# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି



କାଳିଆ ଚାଷୀ ମହାସମାବେଶ, ମାଳତୀପାଟପୁର ପୁରୀ
୨୫ ଜାନୁଆରୀ



କାଳିଆ ଚାଷୀ ମହାସମାବେଶ, ଗୋପାଳପୁର, ଗଞ୍ଜାମ
୨୭ ଜାନୁଆରୀ

www.kalia.co.in

କାଳିଆ ହେଲପ୍‌ଲାଇନ୍ ୧୮୦୦ ୫୭୨ ୧୧୨୨



ଆମେରିକାରେ ଚିକିତ୍ସାଧୀନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ କୃଷକ ଓ ଗରିବ ହିତୈଷୀ ବଜେଟ ଉପସ୍ଥାପନ କରିଥିବା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ବଜେଟ ମଧ୍ୟବିତ୍ତଙ୍କ କ୍ରୟଶକ୍ତି ବଢ଼ାଇବ । ଏହା ସରକାରଙ୍କ ବିଗତ ୫ ବର୍ଷ ପ୍ରଦର୍ଶନର ଆତ୍ମନିରୀକ୍ଷଣ ଲାଗି ଏକ ସୁଯୋଗ ବୋଲି ଜେଟ୍‌ଲୀ କହିଛନ୍ତି।





ମୁଣ୍ଡ ଉପରେ ନିର୍ବାଚନ । ଜିତିବାକୁ ହେଲେ ଭୋଟ ଦେବାକୁ ଯାଉଥିବା ଚାଷୀ, ଶ୍ରମିକ ଓ ଗରିବଙ୍କୁ ଖୁସି କରିବାକୁ ପଡ଼ିବ । ଏଭଳି ଚିନ୍ତାକରି ୨୦୧୯-୨୦ ଅନ୍ତରୀଣ ବଜେଟରେ ଏହି ବର୍ଗର ଲୋକଙ୍କୁ ସୁହାଇଲା ଭଳି ପେଡ଼ି ଖୋଲିଦେଇଛନ୍ତି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ । କଂଗ୍ରେସ କୃଷିଋଣ ଛାଡ଼ର ପ୍ରତିଶ୍ରୁତି ଦେଇ ୩ ହିନ୍ଦୀଭାଷୀ ରାଜ୍ୟ ଭାଜପା ହାତରୁ ଛଡ଼ାଇନେବା ପରେ ଆଶା କରାଯାଉଥିଲା ନିର୍ବାଚନୀ ବର୍ଷର ଏହି ବଜେଟରେ କେନ୍ଦ୍ର ସରକାର ମଧ୍ୟ କୃଷକଙ୍କ ଋଣବୋଝ ହ୍ରାସ କରିବେ । ହେଲେ ଅର୍ଥମନ୍ତ୍ରୀ ସେପରି ନ କରି ସେମାନଙ୍କ ପାଇଁ ଆର୍ଥିକ ପ୍ୟାକେଜ୍‌ର ବ୍ୟବସ୍ଥା କରିଛନ୍ତି । ଏହାସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ପେନ୍‌ସନ ଆଦିକୁ ଗୁରୁତ୍ୱ ଦେଇ ଗ୍ରାମ୍ୟ ଅର୍ଥନୀତି ସୁଦୃଢ଼ କରିବା ଦିଗରେ ମଧ୍ୟ ଯତ୍ନବାନ ହୋଇଛନ୍ତି । ତେବେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଏସବୁ କେତେ ସହାୟକ ହେବ ତାହା ସମୟ କହିବ ।

## ବଜେଟ -୨୦୧୯

# ଚାଷୀଙ୍କୁ ଲୋଭ

**ନୂଆଦିଲ୍ଲୀ,୧।୨(ପି.ଟି.)**



୨ ହେକ୍ଟରରୁ କମ୍ ଚାଷଜମି ଥିବା କୃଷକମାନେ ବାର୍ଷିକ ୬,୦୦୦ ଟଙ୍କା ପାଇବେ। ୩ଟି କିସ୍ତିରେ ଏହି ପ୍ରତ୍ୟକ୍ଷ ଆୟ ଅର୍ଥରାଶି ସେମାନଙ୍କୁ ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ଏହି ନୂଆ ଯୋଜନାରେ ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ଲାଭାନ୍ୱିତ ହେବେ। ଏଥିପାଇଁ ସରକାର ୭୫,୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି।

୨୦୧୯-୨୦ ଆର୍ଥିକବର୍ଷର ବହୁ ପ୍ରତୀକ୍ଷିତ ଅନ୍ତରୀଣ ବଜେଟ ଶୁକ୍ରବାର ଲୋକ ସଭାରେ ଉପସ୍ଥାପିତ ହୋଇଛି। ଏହି ଅବସରରେ ଗୋୟଲ କୃଷିକ୍ଷେତ୍ରରେ ଦେଖାଦେଉଥିବା କେତେକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଥିସକାଶେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବା (ପିଏମ୍-କିଷାନ) ଗଠନ କରାଯାଇଛି। ୨୦୧୯-୨୦ରେ ଏହି ଯୋଜନାରେ ୭୫,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାବାଦ୍ ଚଳିତ ଆର୍ଥିକବର୍ଷ ୨୦୧୮-୧୯ ପାଇଁ ଅତିରିକ୍ତ ୨୦,୦୦୦ କୋଟିର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ବର୍ଷକୁ ୩ଟି ସମାନ କିସ୍ତିରେ ୬,୦୦୦ ଟଙ୍କା ଦିଆଯିବ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୨୦୧୮ ଡିସେମ୍ବର ୧ରୁ ପିଛିଲା ଭାବେ ଏହା ଲାଗୁ ହେବ। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। କୃଷକମାନେ ପୂର୍ବରୁ ସେମାନଙ୍କ ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପାଉ ନ ଥିଲେ। ତେଣୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆୟ ସମର୍ଥନ ଦେବା ଲାଗି ଏହି ଯୋଜନା କରାଯାଇଥିବା ଗୋୟଲ କହିଛନ୍ତି। କିନ୍ତୁ ପ୍ରକୃତ ହିସାବ କଲେ ବ୍ୟାଙ୍କ ଖାତାରେ ଜମା ହେବାକୁ ଥିବା ଏହି ରାଶି ଦିନକୁ ୧୭ ଟଙ୍କାରୁ କମ୍। କୃଷି ସର୍ବେକ୍ଷଣ ଅନୁସାରେ ୨୦୧୫-୧୬ରେ ଦେଶରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୮୬.୨୧% ଥିଲେ। ୨୦୧୦-୧୧ରେ ଏହି ସଂଖ୍ୟା ୮୪.୯୭% ଥିଲା। ସେହିପରି ଗୋପାଳନକୁ ପ୍ରୋତ୍ସାହନ ଦେବା ଲାଗି ଜାତୀୟ କାମଧେନୁ ଆୟୋଗ ଗଠନ କରାଯିବ। ଗୋକୁଳ ମିଶନ ପାଇଁ ୭୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ପ୍ରାଣୀ ସମ୍ପଦକୁ ପ୍ରୋତ୍ସାହନ ଦେବା ପାଇଁ କୃଷକଙ୍କୁ ଋଣ ଉପରେ ୨% ସୁଧ ସବ୍‌ସିଡି ପ୍ରଦାନ କରାଯିବ। ସ୍ୱତନ୍ତ୍ର ମତ୍ସ୍ୟ ବିଭାଗ ପ୍ରତିଷ୍ଠା କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଚାଷୀଙ୍କୁ ୨% ସୁଧ ରିହାତି ଦିଆଯିବ। ଉଚିତ ସମୟରେ ଋଣ ପରିଶୋଧ କଲେ ଅତିରିକ୍ତ ୩% ସୁଧ ରିହାତି ମିଳିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଗତବର୍ଷ ୧୩,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ଏଥର ଏହି ରାଶି ୧୪,୦୦୦ କୋଟିକୁ ବୃଦ୍ଧି କରାଯାଇଛି। ମୋଟାମୋଟି ଭାବେ କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରକୁ ପୂର୍ବ ତୁଳନାରେ ୪୩% ଅଧିକ ଅର୍ଥ (୨.୮୯ ଲକ୍ଷ କୋଟି) ଦେବା ପାଇଁ ଏଥର ବ୍ୟବସ୍ଥା କରାଯାଇଛି।

ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଶ୍ରମିକ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନାରେ ମାସିକ ୧୦୦ ଟଙ୍କା ଜମା କଲେ ୩ ହଜାର ଲେଖାଏ ପେନ୍‌ସନ ପାଇବେ। ଏହାଦ୍ୱାରା ଦେଶର ୧୦ ହଜାର କୋଟି ଶ୍ରମିକ ଲାଭବାନ ହେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)କୁ ୬୦,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଗରିବଙ୍କୁ କମ୍ ଦରରେ ଖାଦ୍ୟଶସ୍ୟ ଯୋଗାଣ ପାଇଁ ୨୦୧୮-୧୯ରେ ୧.୭ ଲକ୍ଷ କୋଟି ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ୨୦୧୩-୧୪ରେ ଏହି ରାଶିର ପରିମାଣ ୯୨,୦୦୦ କୋଟି ଟଙ୍କା ଥିଲା ବୋଲି ସେ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସହର ଭଳି ସୁବିଧା ଯୋଗାଇ ଦେବାକୁ ସରକାର ଯୋଜନା କରିଛନ୍ତି। ଏଥିପାଇଁ ସହର ଓ ଗ୍ରାମ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଦେଶର ସମ୍ବଳଗୁଡ଼ିକ ଉପରେ ପ୍ରଥମ ଅଧିକାର ଗରିବଙ୍କ ରହିଛି ବୋଲି ଗୋୟଲ କହିଛନ୍ତି।

### କୃଷି ଓ ଗ୍ରାମ୍ୟ ଅର୍ଥନୀତିକୁ ଗୁରୁତ୍ୱ

- ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨ ହେକ୍ଟରରୁ କମ୍ ଚାଷଜମି ଥିବା କୃଷକ ପାଇବେ ବର୍ଷକୁ ୬,୦୦୦
- ପ୍ରାଣୀ ସମ୍ପଦକୁ ପ୍ରୋତ୍ସାହନ ଦେବା ପାଇଁ ୨% ସୁଧ ସବ୍‌ସିଡି
- ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଶ୍ରମିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା
- ଏମ୍‌ଜିଏନ୍‌ଆର୍‌ଇଜିଏ ପାଇଁ ୬୦,୦୦୦ କୋଟି ଟଙ୍କା



## ହିନ୍ଦୀରେ ବଜେଟ ବୁଝାଇଲେ ଗୋୟଲ

**ନୂଆଦିଲ୍ଲୀ, ୧।୨ (ପି.ଟି)**

ଅର୍ଥମନ୍ତ୍ରୀମାନେ ପାରମ୍ପରିକ ଭାବେ ଇଂଲିଶରେ ଲିଖିତ ବଜେଟ ଅଭିଭାଷଣ ପଢ଼ିଥାନ୍ତି। କିନ୍ତୁ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ ବେଳେ ମୁଖ୍ୟ ପ୍ରସ୍ତାବଗୁଡ଼ିକୁ ହିନ୍ଦୀରେ ବୁଝାଇଥିଲେ, ଯାହାକୁ ଶାସକ ଦଳର ସଦସ୍ୟମାନେ ଟେବୁଲ ବାଡ଼େଇ ସ୍ୱାଗତ କରିଥିଲେ। ୧୦୦ ମିନିଟର ଭାଷଣରେ ଗୋୟଲ ଅନେକ ଥର ହିନ୍ଦୀ କହିଥିଲେ। ଏହା ମଧ୍ୟରେ ସେ 'ଉରି' ଚଳଚ୍ଚିତ୍ର ଏବଂ ହରିୟାଣା ଉପନିର୍ବାଚନରେ ଭାଜପାର ବିଜୟ ସମ୍ପର୍କରେ ମଧ୍ୟ କହିଥିଲେ। ଗୋଟିଏ ସମୟରେ ଜଣେ ବିରୋଧୀ ଦଳ ସଦସ୍ୟ ଜୋରରେ ହସିବାରୁ ଏହା ତାଙ୍କୁ ରାମଲୀଳା କଥା ମନେ ପକାଇଦେଉଛି ବୋଲି ଗୋୟଲ କହିଥିଲେ।



"ଅନ୍ତରୀଣ ବଜେଟରେ ସମାଜର ସବୁ ଶ୍ରେଣୀକୁ ଗୁରୁତ୍ୱ ଦିଆଯାଇଛି। ଲୋକ ସଭା ନିର୍ବାଚନ ପରେ ଭାରତକୁ ସମୃଦ୍ଧି ପଥରେ ଆଗେଇ ନେବାରେ ମାର୍ଗଦର୍ଶନ ଦେବା ଲାଗି ଏହା ଏକ ଝଲକ। ଏହାଦ୍ୱାରା ୧୨ କୋଟି କୃଷକ, ତିନିକୋଟି ମଧ୍ୟବିତ୍ତ ପରିବାର, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ୩୦ରୁ ୪୦ କୋଟି ଶ୍ରମିକ ଉପକୃତ ହୋଇପାରିବେ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



"ଏହା ଏକ ନିର୍ବାଚନୀ ବଜେଟ। ମଧ୍ୟବିତ୍ତ, କ୍ଷୁଦ୍ର ଚାଷୀ ଏବଂ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ସରକାର ହାତ ଖୋଲିଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗକୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଥିବା ସ୍ପଷ୍ଟ ହୋଇଛି।

**-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**



"ଅନ୍ତରୀଣ ବଜେଟ ସମାଜର ସବୁ ବର୍ଗଙ୍କୁ ଉପକୃତ କରିବ। ଦେଶର ଯୁବପିଢ଼ି, କୃଷକ ଏବଂ ଗରିବଙ୍କ ଆଶା ଆକାଂକ୍ଷା ପୂରଣ ଲାଗି ନରେନ୍ଦ୍ର ମୋଦି ସରକାର ସମର୍ପିତ ଏହା ବଜେଟରୁ ପ୍ରମାଣିତ ହୋଇଛି। ଆୟକର ଛାଡ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ଘୋଷଣା ଐତିହାସିକ ଯାହା ମଧ୍ୟବିତ୍ତଙ୍କ ଲାଗି ସହାୟକ ହେବା ସହ ଦେଶ ବିକାଶରେ ସେମାନଙ୍କ ଭାଗୀଦାରିତାକୁ ମଜଭୁତ କରିବ।

**-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



"ପାଞ୍ଚବର୍ଷ ହେଲା କୃଷକମାନଙ୍କ ଜୀବନ ଜୀବିକାକୁ ଧ୍ୱସ୍ତ କରିଥିବା ସରକାର ସେମାନଙ୍କ ଲାଗି ଅନ୍ତରୀଣ ବଜେଟରେ ଦିନକୁ ୧୭ ଟଙ୍କା ୪୪ ପଇସା ଘୋଷଣା କରିବା ସେମାନଙ୍କ ପାଇଁ ଅପମାନ। ଏହା ନରେନ୍ଦ୍ର ମୋଦି ସରକାରଙ୍କ ଶେଷ ଜୁମ୍‌ଲା ବଜେଟ।

**- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**



"ଏହା କେନ୍ଦ୍ର ସରକାରଙ୍କ 'ଭୋଟ ଅନ ଆକାଉଣ୍ଟ' (କାମଚଳା ବଜେଟ) ନୁହେଁ ବରଂ 'ଆକାଉଣ୍ଟ ଫର ଭୋଟ୍‌ସ'। ସରକାର ଆର୍ଥିକ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରି ନାହାନ୍ତି।

**-ପି. ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ**



"କେନ୍ଦ୍ର ବଜେଟ ଭାଜପାର ନିର୍ବାଚନୀ ଇସ୍ତାହାର। ସାଧାରଣ ନିର୍ବାଚନ ପୂର୍ବରୁ ଶାସକ ଦଳ ଭୋଟରଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଛି। ବଜେଟରେ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ନିର୍ବାଚନୀ ଥୋପ ଏବଂ ଜୁମ୍‌ଲା। ଭାଜପା ଉକ୍ତ ପ୍ରତିଶ୍ରୁତିକୁ ପୂରଣ କରିପାରିବ ନାହିଁ ।

**-ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା**



"ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛନ୍ତି। ଆସନ୍ତା ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ଏହାର ଜବାବ ଦେବେ।

**-ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଏନ୍‌ଡିଏ ସରକାରର କାର୍ଯ୍ୟକାଳ ଖୁବ୍‌ଶୀଘ୍ର ଶେଷ ହେଉଥିବାରୁ ୨୦୧୯-୨୦ ଅନ୍ତରୀଣ ବଜେଟ ବସ୍ତୁତଃ ମୂଲ୍ୟହୀନ। ନିର୍ବାଚନ କମିଶନ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା କରିବା ପରେ ବଜେଟ ଯୋଜନା କାର୍ଯ୍ୟକାରୀ କରାଯାଇପାରିବ ନାହିଁ । ଭାଜପା ସରକାରଙ୍କର ଏଭଳି ଘୋଷଣା କରିବାର ନୈତିକ ଅଧିକାର ନାହିଁ।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ଏହି ବଜେଟ ଏକ ନିର୍ବାଚନୀ ଜୁମ୍‌ଲା। ଗୋଟିଏ କୃଷକ ପରିବାରରେ ୫ ସଦସ୍ୟ ଥିଲେ ପ୍ରତି ସଦସ୍ୟଙ୍କୁ ଦିନକୁ ୩ ଟଙ୍କା ମିଳିବ। ଗ୍ରାମାଞ୍ଚଳର ସଙ୍କଟଠାରୁ ମୋଦି ସରକାର କେତେଦୂରରେ ତାହା ଏଥିରୁ ସ୍ପଷ୍ଟ ହେଉଛି। କୃଷକ ଓ ଗ୍ରାମାଞ୍ଚଳର ସମସ୍ୟା ପାଇଁ ଏହି ସରକାର ଦାୟୀ।

**- ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**



"ଏହା ବିକାଶୋନ୍ମୁଖୀ ବଜେଟ ନୁହେଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ବଜେଟରେ କୌଣସି ଘୋଷଣା ନାହିଁ। ଆର୍ଥିକ ପରିଚାଳନାରେ ସରକାରଙ୍କ ବିଫଳତାକୁ ଲୁଚାଇବାର ଯୋଜନା ବଜେଟରେ ହୋଇଛି।

**-ଡି. ରାଜା, ସିପିଆଇ ନେତା**



"ଏହି ବଜେଟ କୃଷକଙ୍କ କଟା ଘା'ରେ ଲୁଣ ଦେବା ଭଳି। କୃଷକ ପରିବାରକୁ ବର୍ଷକୁ ୬୦୦୦ ଟଙ୍କା ମିଳିଲେ ୫ ଜଣିଆ ପରିବାରରେ ଜଣପିଛା ଦିନକୁ ୩ ଟଙ୍କା ପଡୁଛି, ଯାହା ବାର୍ଦ୍ଧକ୍ୟ ଭତ୍ତାଠାରୁ ବି କମ୍।

**-ଯୋଗେନ୍ଦ୍ର ଯାଦବ, ସ୍ୱରାଜ ଇଣ୍ଡିଆ ନେତା**

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୧.୦୩ ଲକ୍ଷ କୋଟି



**ନୂଆଦିଲ୍ଲୀ,୧।୨(ପି.ଟି.):** ପୋଲିସ ବାହିନୀର ସୀମାନ୍ତ ଭିତ୍ତିଭୂମି ବିକାଶକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲାଗି ୧,୦୩,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତବର୍ଷ ଏହି ମନ୍ତ୍ରଣାଳୟକୁ ୯୯,୦୩୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ଏଥର ୪.୯% ବୃଦ୍ଧି କରାଯାଇଛି। ଦିଲ୍ଲୀ ପୋଲିସ ଲାଗି ୭୪୯୬.୯୧ କୋଟି ଏବଂ ସୀମାନ୍ତ ଭିତ୍ତିଭୂମି ବିକାଶ ପାଇଁ ୨୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜମ୍ମୁ-କଶ୍ମୀର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପାଇଁ ୨୩,୭୪୨.୦୪ କୋଟି, ସୀମା ସୁରକ୍ଷା ବଳ (ବିଏସଏଫ୍)କୁ ୧୯,୬୪୭.୫୯ କୋଟି ବ୍ୟୟବରାଦ ହୋଇଛି। ସିଆର୍‌ପିଏଫ୍, ବିଏସ୍‌ଏଫ, ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବଳ, ସଶସ୍ତ୍ର ସୀମା ବଳ, ଆସାମ ରାଇଫଲ୍ସ ଏବଂ ଏନ୍‌ଏସ୍‌ଜି ଲାଗି ବଜେଟରେ ମୋଟ ୭୧,୬୧୮.୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଗୋଇନ୍ଦା ବ୍ୟୁରୋକୁ ୨୧୯୮.୩୫ କୋଟି, ଏସପିଜିକୁ ୫୩୦.୭୫ କୋଟି ଏବଂ ପୋଲିସ ଭିତ୍ତିଭୂମି ବିକାଶ ଲାଗି ୫୧୧୭ କୋଟି, ପୋଲିସ ଆଧୁନିକୀକରଣ ଲାଗି ୩୩୭୮ କୋଟି, ସୀମାନ୍ତ ଭିତ୍ତିଭୂମି ଓ ପରିଚାଳନା ଲାଗି ୨୦୦୦ କୋଟି, ମହିଳା ସୁରକ୍ଷା ଓ ସଶକ୍ତୀକରଣ ମିଶନରେ ୧୩୩୦ କୋଟି ଏବଂ ସୀମାନ୍ତ ଅଞ୍ଚଳ ବିକାଶ ପାଇଁ ୮୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ପ୍ରତିରକ୍ଷା ପାଇଁ ୩.୦୫ ଲକ୍ଷ କୋଟି



**ନୂଆଦିଲ୍ଲୀ, ୧।୨ (ପି.ଟି):** ପ୍ରଥମ ଥର ଲାଗି ଦେଶର ପ୍ରତିରକ୍ଷା ବଜେଟ ୩ ଲକ୍ଷ କୋଟି ଟଙ୍କା ଟପିଛି। ଏଥର ପ୍ରତିରକ୍ଷା କ୍ଷେତ୍ର ପାଇଁ ୩.୦୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏହି କ୍ଷେତ୍ରକୁ ୨.୮୫ ଲକ୍ଷ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ଯବାନମାନେ ଦେଶର ସୀମାକୁ ସୁରକ୍ଷା ଦେଉଛନ୍ତି। ତେଣୁ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯିବା ଆବଶ୍ୟକ ବୋଲି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ୪୦ ବର୍ଷ ଧରି ଅଟକି ରହିଥିବା ୱାନ ର୍‍ୟାଙ୍କ୍ ୱାନ ପେନ୍‌ସନ (ଓଆର୍‌ଓପି) ଏନ୍‌ଡିଏ ସରକାର କାର୍ଯ୍ୟକାରୀ କରିଥିବା ସେ କହିଛନ୍ତି। ତିନିବାହିନୀର ଯବାନଙ୍କ ଲାଗି ମିଲିଟାରି ସର୍ଭିସ ପେ' ବୃଦ୍ଧି କରାଯିବା ସହ ବିପଦପୂର୍ଣ୍ଣ ସ୍ଥାନରେ କାର୍ଯ୍ୟରତ ନୌସେନା ଏବଂ ବାୟୁସେନା କର୍ମଚାରୀଙ୍କ ଲାଗି ସ୍ୱତନ୍ତ୍ର ଭତ୍ତା ଘୋଷଣା କରାଯାଇଛି।

## 'ଉରି'ରୁ 'ଜୋସ୍'

ନୂଆଦିଲ୍ଲୀ,୧।୨(ପି.ଟି.)ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ ବେଳେ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଉରି- ଦି ସର୍ଜିକାଲ ଷ୍ଟ୍ରାଇକ୍' ଏବଂ ଏହାର ଲୋକପ୍ରିୟ ସଂଳାପ କଥା ଉଲ୍ଲେଖ କରିଥିଲେ। ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ନିର୍ମିତ ଏହି ଚଳଚ୍ଚିତ୍ର ସେ ଦେଖିଛନ୍ତି ଏବଂ ଏହା ତାଙ୍କୁ ଖୁବ୍ ଆନନ୍ଦ ଓ ଜୋସ୍ (ଶକ୍ତି) ଦେଇଛି ବୋଲି ଗୋଏଲ କହିଥିଲେ। ସଙ୍ଗେ ସଙ୍ଗେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ସମେତ କେତେଜଣ ସଦସ୍ୟ ଉକ୍ତ ଚଳଚ୍ଚିତ୍ରର ସଂଳାପ ଉପସ୍ଥାପନ କରିବାକୁ ଗୋୟଲଙ୍କୁ କହିଥିଲେ। ବଜେଟରେ ଜୋସ୍ ଶବ୍ଦକୁ ଗୋୟଲ ଦୁଇ ଥର ଉଚ୍ଚାରଣ କରିଥିଲେ।

## ସ୍ୱାସ୍ଥ୍ୟରେ ଖର୍ଚ୍ଚ ହେବ ୬୧,୩୯୮ କୋଟି

**ନୂଆଦିଲ୍ଲୀ,୧।୨(ପି.ଟି.):** ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ଅନ୍ତରୀଣ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୬୧,୩୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ଆର୍ଥିକବର୍ଷରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ବିଗତ ୨ ଆର୍ଥିକ ବର୍ଷ ତୁଳନାରେ ସର୍ବାଧିକ। ୨୦୧୮-୧୯ରେ ୫୨,୮୦୦ କୋଟି ଆବଣ୍ଟିତ ହୋଇଥିବାବେଳେ ଏଥର ୧୬% ବୃଦ୍ଧି କରାଯାଇଛି। ଏଥିରୁ ୬,୪୦୦ କୋଟି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ)ରେ ଖର୍ଚ୍ଚ ହେବ।




## ବଜେଟ ପଛର ମୁଣ୍ଡ

**ନୂଆଦିଲ୍ଲୀ,୧।୨:** ନିର୍ବାଚନୀ ବର୍ଷରେ ଏନ୍‌ଡିଏ ସରକାର ଶେଷ ବଜେଟ (ଅନ୍ତରୀଣ) ଶୁକ୍ରବାର ଉପସ୍ଥାପନ କରିଛନ୍ତି। ଏହା ପଛରେ କେଉଁମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥନୈତିକ ବ୍ୟାପାର ବିଭାଗ ଅନ୍ୟ ମନ୍ତ୍ରଣାଳୟ ଓ ପକ୍ଷଙ୍କ ସହ ପରାମର୍ଶ କରି ବଜେଟ ପ୍ରସ୍ତୁତ କରିଥାଏ। ବଜେଟ ପ୍ରସ୍ତୁତିରେ ଯେଉଁମାନଙ୍କ ହାତ ରହିଛି ସେମାନେ ହେଲେ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ, ଦୁଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପୋନ୍ ରାଧାକ୍ରିଷ୍ଣନ୍ ଓ ଶିବପ୍ରତାପ ଶୁକ୍ଳା। ସେହିପରି ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ, ବ୍ୟୟ ସଚିବ ଅଜୟ ନାରାୟଣ ଝା, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କ୍ରିଷ୍ଣାମୂର୍ତ୍ତି ସୁବ୍ରମଣ୍ୟନ୍, ପ୍ରଧାନ ଅର୍ଥନୈତିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ। ଅର୍ଥମନ୍ତ୍ରୀ ଲୋକ ସଭାରେ ବଜେଟ ଅଭିଭାଷଣ ଦେବା ପୂର୍ବରୁ ସମସ୍ତ ଦସ୍ତାବିଜକୁ ଗୋପନ ରଖାଯାଇଥାଏ। ଏହାକୁ ନର୍ଥ ବ୍ଲକ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥାଏ। ଏଥିରେ ଥିବା ତଥ୍ୟ ସମ୍ପର୍କରେ କେବଳ ପ୍ରାୟ ୧୦୦ ଅଧିକାରୀ ଜାଣିଥାନ୍ତି। ସେମାନେ କାହା ଆଗରେ ଏପରି କି ନିଜ ପରିବାର ସଦସ୍ୟଙ୍କ ନିକଟରେ ମଧ୍ୟ ତାକୁ ପ୍ରକାଶ କରନ୍ତି ନାହିଁ।

## ଡବ୍ଲ୍ୟୁସିଡି ପାଇଁ ୨୦% ଅଧିକ

**ନୂଆଦିଲ୍ଲୀ,୧।୨(ପି.ଟି.):** ମହିଳା ଓ ଶିଶୁ ବିକାଶ (ଡବ୍ଲ୍ୟୁସିଡି) ମନ୍ତ୍ରଣାଳୟ ପାଇଁ ଅନ୍ତରୀଣ ବଜେଟରେ ୨୯,୧୬୪.୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ୨୦୧୮-୧୯ ଆର୍ଥିକବର୍ଷ ତୁଳନାରେ ୨୦% ଅଧିକ ବୋଲି ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ବଜେଟରେ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପିଏମ୍‌ଏମ୍‌ଭିୱାଇ) ପାଇଁ ୨,୫୦୦ କୋଟିର ବ୍ୟବସ୍ଥା କରାଯାଇଛି। ପୂର୍ବ ବଜେଟରେ ଏଥିସକାଶେ ୧,୨୦୦ କୋଟି ଟଙ୍କା ଆବଣ୍ଟିତ ହୋଇଥିବାବେଳେ ଏଥର ଦୁଇଗୁଣାରୁ ଅଧିକ ବୃଦ୍ଧି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରସୂତି ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ୬,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥାଏ। ଆଇସିଡିଏସ୍ ଅଧୀନ ଶିଶୁ ସୁରକ୍ଷା ସେବା କାର୍ଯ୍ୟକ୍ରମ ପାଇଁ ଏଥର ୯୨୫ କୋଟିରୁ ୧,୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅଙ୍ଗନୱାଡି କର୍ମୀଙ୍କ ପାଇଁ ୧୯,୮୩୪.୩୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨/୨୦୧୯ Bhubaneswar, Saturday, February 2/ 2019 | ପୃଷ୍ଠା-୧



## କ୍ରିଷ୍ଣା ସେନ୍ ବାୟୋପିକ୍‌ରେ ସ୍ୱରା ଭାସ୍କର

କ୍ରିଷ୍ଣା ସେନ୍‌ଙ୍କ ଜୀବନୀକୁ ନେଇ ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ଏକ ବାୟୋପିକ୍ ଫିଲ୍ମ ନିର୍ମାଣ କରୁଛନ୍ତି।

୧୪

୧୭

## ମିଥାଲିଙ୍କ ରେକର୍ଡ

ଭାରତୀୟ ଅଧିନାୟିକା ମିଥାଲି ରାଜ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ଭାବେ ୨୦୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବା ଗୌରବ ଅର୍ଜନ କରିଛନ୍ତି।



# ବାଲଟ ପାଇଁ ବଜେଟ

ନୂଆଦିଲ୍ଲୀ,୧।୨

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୨୭ ଲକ୍ଷ ୮୪ ହଜାର ୨୦୦ କୋଟି ଟଙ୍କାର ଅନ୍ତରୀଣ ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି। ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀ, ମଧ୍ୟବିତ୍ତ ଓ ଶ୍ରମିକ ଭୋଟବ୍ୟାଙ୍କକୁ ହାତେଇବା ଲକ୍ଷ୍ୟରେ ସରକାର ଆର୍ଥିକ ଥୋପ ଦେଇ ଖୁସି କରିବାକୁ ଉଦ୍ୟମ କରିଛନ୍ତି। ଚାଷୀଙ୍କୁ ବାର୍ଷିକ ତିନୋଟି କିସ୍ତିରେ ୬ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବାକୁ ଘୋଷଣା କରାଯାଇଥିବାବେଳେ ମଧ୍ୟବିତ୍ତଙ୍କ ଲାଗି ଟିକସ କ୍ଷେତ୍ରରେ ରିହାତି ଦିଆଯାଇଛି। ସେହିଭଳି ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆକର୍ଷିତ କରିବାକୁ ସ୍ୱତନ୍ତ୍ର ଯୋଜନା ଘୋଷଣା କରାଯାଇଛି। ଫଳରେ କୃଷକ, ଟିକସଦାତା,ଗ୍ରାମୀଣ ଭାରତ,ଶ୍ରମିକମାନେ ଏହାର ଲାଭ ପାଇବାକୁ ଯାଉଥିବା ବେଳେ କୃଷି ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସାଧାରଣ ନିର୍ବାଚନକୁ ମାତ୍ର ୨ ମାସ ବାକି ଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଭୋଟ ହାତେଇବା ପାଇଁ ରାଜକୋଷ ଖୋଲି ଦେଇଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜକୁ ଲକ୍ଷ୍ୟ କଲେ ଦେଶର ଅର୍ଥନୀତି ଉପରେ ବୋଝ ପଡିବା ଜଳଜଳ ଦିଶୁଛି। ତଥାପି ବାଲଟ ପାଇଁ କେନ୍ଦ୍ର ସରକାର ଏହି ଅନ୍ତରୀଣ ବଜେଟ ପେଡି ଖୋଲି ଦେବା ନେଇ ବିରୋଧୀ ଓ ସମାଲୋଚକମାନେ ନିନ୍ଦା କରିଛନ୍ତି।

ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ୱାସ୍ଥ୍ୟଗତ କାରଣରୁ ବିଦେଶରେ ଥିବାବେଳେ ତାଙ୍କ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ଗୋୟଲ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ଏହା ପ୍ରାୟ ୧ ଘଣ୍ଟା ୪୫ ମିନିଟ ଧରି ଚାଲିଥିଲା। ଉପସ୍ଥାପନ ବେଳେ ଗୋୟଲ ଇଂଲିଶରେ ବଜେଟ ପଢୁଥିବାବେଳେ ହିନ୍ଦୀରେ ବୁଝାଉଥିବା ଦେଖିବାକୁ ମିଳିଥିଲା। ଚାଷୀଙ୍କ ଲାଗି ଓଡ଼ିଶା ସରକାରଙ୍କ 'କାଳିଆ' ଯୋଜନା ଓ ତେଲେଙ୍ଗାନା ସରକାରଙ୍କ 'ରୟଥୁ ବନ୍ଧୁ' ଯୋଜନା ଢାଞ୍ଚାରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା'କୁ ଘୋଷଣା କରାଯାଇଛି। ଏଥିପାଇଁ ୭୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଦେଶର ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ୨୦୧୮ ଡିସେମ୍ବରରୁ ଏହା ପିଛିଲା ଭାବେ ଲାଗୁ କରାଯିବ। ସେହିପରି ଚାଷୀମାନେ ନେଉଥିବା ଋଣ ଉପରେ ସୁଧ ରିହାତିକୁ ୨ ଗୁଣ କରାଯିବା ସହିତ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳର ଚାଷୀଙ୍କୁ ଅଧିକ ସୁଧ ରିହାତି ମିଳିବ। ସୁଧ ରିହାତି ୨% ଏବଂ ଠିକ୍ ସମୟରେ ଋଣ ପରିଶୋଧ କରିବା ଅବସରରେ ଚାଷୀଙ୍କୁ ଆଉ ୩% ରିହାତି ମିଳିବ। ଫଳରେ ସେମାନେ






- ୨୭,୮୪,୨୦୦ କୋଟିର ବଜେଟ
- ଚାଷୀଙ୍କ ଲାଗି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା
- ବାର୍ଷିକ ୩ଟି କିସ୍ତିରେ ମିଳିବ ୬ ହଜାର ଟଙ୍କା
- ଗୋକୁଳ ମିଶନ ଅଧୀନରେ ୭୫୦ କୋଟିର ପାଣ୍ଠି
- ରାଷ୍ଟ୍ରୀୟ କାମଧେନୁ ଆୟୋଗ ଗଠନ କରାଯିବ
- ଟିକସଛାଡ଼ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି
- ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ୪୦ ହଜାରରୁ ୫୦ ହଜାରକୁ ବୃଦ୍ଧି
- ବ୍ୟାଙ୍କ, ପୋଷ୍ଟ ଅଫିସ ସୁଧ ଉପରେ ଟିକସ ରିହାତି ୪୦ହଜାରକୁ ବୃଦ୍ଧି
- ଗ୍ରାଚୁଇଟି ସୀମା ୩୦ ଲକ୍ଷକୁ ବୃଦ୍ଧି
- ଶ୍ରମିକଙ୍କ ଲାଗି ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା
- ରେଳପଥକୁ ୧.୫୮ ଲକ୍ଷ କୋଟି ଟଙ୍କା
- ପ୍ରତିରକ୍ଷା ବ୍ୟୟବରାଦ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି




### ଚାଷୀ, ମଧ୍ୟବିତ୍ତ, ଶ୍ରମିକଙ୍କୁ ଥୋପ

ମୋଟ୍‌ରେ ସୁଧ ଉପରେ ୫% ରିହାତି ପାଇବେ। ଅନୁରୂପ ଭାବେ ମତ୍ସ୍ୟ ଓ ପଶୁପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାକୁ ଯାଇ ଅର୍ଥମନ୍ତ୍ରୀ ଏଭଳି ଚାଷୀଙ୍କ ପାଇଁ ୨ % ସୁଧ ରିହାତି ଘୋଷଣା କରିଛନ୍ତି। ସେହିପରି ଗାଈ ସୁରକ୍ଷା ଲାଗି ଗୋକୁଳ ମିଶନ ଅଧୀନରେ ୭୫୦କୋଟି ଟଙ୍କା ପାଣ୍ଠି ଘୋଷଣା କରାଯାଇଛି। ଅନୁରୂପଭାବେ ଦେଶୀ ପ୍ରଜାତିର ଗାଈ ସଂରକ୍ଷଣ ଲାଗି ରାଷ୍ଟ୍ରୀୟ କାମଧେନୁ ଆୟୋଗ ଗଠନ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ଅର୍ଥମନ୍ତ୍ରୀ ମଧ୍ୟବିତ୍ତଙ୍କୁ ଖୁସି କରିବାକୁ ଅନ୍ତରୀଣ ବଜେଟରେ ଯଥେଷ୍ଟ ପ୍ରୟାସ କରିଛନ୍ତି। ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ବାର୍ଷିକ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଷ୍ଟାଣ୍ଡାର୍ଡ ଡିଡକ୍ସନ ପରିମାଣ ୪୦ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ବ୍ୟାଙ୍କ ଓ ପୋଷ୍ଟ ଅଫିସ ସଞ୍ଚୟ ଜମା ରାଶିରେ ମିଳୁଥିବା ସୁଧ ଉପରେ ଟିଡିଏସ୍ ରିହାତି ପରିମାଣକୁ ୧୦ରୁ ୪୦ ହଜାର ଟଙ୍କାକୁ ଏବଂ ଘର ଭଡ଼ା ଉପରେ ଟିଡିଏସ୍ ପରିମାଣ ୧.୮୦ଲକ୍ଷରୁ ୨.୪୦ ଲକ୍ଷକୁ ବୃଦ୍ଧି କରାଯାଇଛି।

☞ପୃଷ୍ଠା-୨

## ନ୍ୟୁ ଇଣ୍ଡିଆ ଲାଗି ୧୦ ସୂତ୍ରୀ ଆଭିମୁଖ୍ୟ

ନୂଆଦିଲ୍ଲୀ,୧।୨

ଦେଶକୁ ନୂତନ ଶିଖରରେ ପହଞ୍ଚାଇବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ଗୋୟଲ ବଜେଟ୍‌ରେ ୧୦ ସୂତ୍ରୀ ଆଭିମୁଖ୍ୟ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା(୧) ଭୌତିକ ଓ ସାମାଜିକ ଭିତ୍ତିଭୂମି ନିର୍ମାଣ,(୨) ଡିଜିଟାଲ ଭାରତ ଓ ଅର୍ଥବ୍ୟବସ୍ଥାର ଭିତ୍ତିଭୂମିକୁ ସୁଦୃଢ଼ କରିବା,(୩) ଏକ ପ୍ରଦୂଷଣମୁକ୍ତ ରାଷ୍ଟ୍ର ଗଠନ,(୪) ଗ୍ରାମ୍ୟ ଉଦ୍ୟୋଗୀକରଣର ସଂପ୍ରସାରଣ,(୫) ସ୍ୱଚ୍ଛ ନଦୀ ଓ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ,(୬)ବେଳାଭୂମି ଓ ସମୁଦ୍ର ଜଳରୁ ଶକ୍ତି ବିକାଶ, (୭) ୨୦୨୨ ସୁଦ୍ଧା ମହାକାଶରେ ଭାରତୀୟଙ୍କୁ ପଦାର୍ପଣ କରାଇବା, (୮) ଖାଦ୍ୟ ଉତ୍ପାଦନରେ ଭାରତକୁ ସ୍ୱାବଲମ୍ବୀ କରାଇବା,(୯) ସ୍ୱାସ୍ଥ୍ୟପ୍ରଦ ଭାରତ ଏବଂ (୧୦) ଛୋଟ ସରକାର, ସର୍ବୋତ୍ତମ ପ୍ରଶାସନ।

## ମୁଦ୍ରା ଯୋଜନାରେ ୭.୨୩ ଲକ୍ଷ କୋଟି ଋଣ ମଞ୍ଜୁର

ନୂଆଦିଲ୍ଲୀ, ୧।୨ (ପି.ଟି)

ମୁଦ୍ରା ଯୋଜନାରେ ସରକାର ୧୫.୫୬ ଲକ୍ଷ ଋଣ ମଞ୍ଜୁର କରିଛନ୍ତି, ଯାହାର ପରିମାଣ ୭.୨୩ ଲକ୍ଷ କୋଟି ଟଙ୍କା। ଏହି ଯୋଜନାରେ ୭୦ ପ୍ରତିଶତରୁ ଅଧିକ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। ମହିଳା ସଶକ୍ତିକରଣ ଲାଗି ନରେନ୍ଦ୍ର ମୋଦି ସରକାର ପ୍ରଧାନମନ୍ତ୍ରୀ ମାତୃତ୍ୱ ଯୋଜନା ସମେତ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ବ୍ୟବସାୟକୁ ସହଜ କରିବା ଲାଗି ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏବେ ୫୯ ମିନିଟରେ ୧ କୋଟି ଟଙ୍କା ଋଣ ମିଳିପାରୁଛି ବୋଲି ଅର୍ଥମନ୍ତ୍ରୀ କହିଥିଲେ।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

### ଆଜିର ସମ୍ପାଦକୀୟ

କେରଳର ବାବୁ ସମସ୍ୟା

### ଆଜିର ମନ୍ତବ୍ୟ

"ଅନ୍ତରୀଣ ବଜେଟ ଐତିହାସିକ। ଏହା ନୂତନ ଭାରତ ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ।

-ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ

### କିଛି ତଥ୍ୟ

ଏପ୍ରିଲ-ଡିସେମ୍ବରରେ ଦେଶରୁ ସାମଗ୍ରୀ ରପ୍ତାନୀ ୧୦.୧୮% ବୃଦ୍ଧି ଘଟି ୨୪୫.୪୫ ବିଲିୟନ ଡଲାର ଛୁଇଁଛି।

- ବାଣିଜ୍ୟ ମନ୍ତ୍ରଣାଳୟ

## ବଜେଟ ନୈରାଶ୍ୟଜନକ:ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୨(ବ୍ୟୁରୋ)

**ନବୀନ ଦେଲେ ୨.୫ ମାର୍କ**

ଭାଜପା ପରିଚାଳିତ ଏନଡିଏ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଶେଷ କାମଚଳା ବଜେଟ ଶୁକ୍ରବାର ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ବଜେଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ନମ୍ବରରୁ ୨.୫ ନମ୍ବର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବାଜେଟ ନୂତନ ଭାରତ ପାଇଁ ଉଦ୍ଦିଷ୍ଟ କହୁଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ନୈରାଶ୍ୟଜନକ ବୋଲି କହିଛନ୍ତି।



ଏହି ବଜେଟରେ ଜାତୀୟ ସୁରକ୍ଷା ଯୋଜନା ତଥା ବାର୍ଦ୍ଧକ୍ୟ ଭତ୍ତା ଏବଂ ଅନ୍ୟ ଭତ୍ତା କ୍ଷେତ୍ରରେ କୌଣସି ବୃଦ୍ଧି ହୋଇ ନାହିଁ। ରାଜ୍ୟ ସରକାର ପ୍ରତ୍ୟେକ ମାସରେ ୪୮ ଲକ୍ଷ ହିତାଧିକାରୀଙ୍କୁ ମାସିକ ୫୦୦ ଟଙ୍କା ଦେଉଥିବା ବେଳେ କେନ୍ଦ୍ର ସରକାର ମାତ୍ର ୨୦ ଲକ୍ଷ ହିତାଧିକାରୀଙ୍କୁ ୨୦୦ ଟଙ୍କା ଦେଉଛନ୍ତି। ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି) କଲ୍ୟାଣ ପାଇଁ ବଜେଟରେ ସେପରି କିଛି ଆଖିଦୃଶିଆ ବୃଦ୍ଧି ହୋଇ ନାହିଁ । ଏସ୍‌ସି/ଏସ୍‌ଟି ଅଞ୍ଚଳ ଭିତ୍ତିଭୂମି ଓ ଶିକ୍ଷା

☞ପୃଷ୍ଠା-୨

## ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ୭୦୧୦କୋଟି

ଭୁବନେଶ୍ୱର,୧।୨(ବ୍ୟୁରୋ)



- ତାଳଚେର-ଅନୁଗୋଳ ମଧ୍ୟରେ ନୂଆ ଲାଇନ
- ମୋଟ ବ୍ୟୟ ବରାଦରେ ୧୩% ବୃଦ୍ଧି
- ହରିଦାସପୁର-ପାରାଦୀପ ପ୍ରକଳ୍ପକୁ ୪୦୦ କୋଟି

ଚଳିତ ବର୍ଷ ଅନ୍ତରୀଣ ବଜେଟରେ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଲାଗି ମୋଟ ୭୦୧୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ପୂର୍ବତଟ ରେଳପଥ ଅଧୀନରେ ଆସୁଥିବା ତାଳଚେର-ଅନୁଗୋଳ ମଧ୍ୟରେ ୧୪.୫ କିମିର ଏକ ନୂଆ ଲାଇନ ବିଛାଇବା ଲାଗି ଯୋଜନା ରହିଛି। ଏହି ପ୍ରକଳ୍ପ ଲାଗି ମୋଟ ୨୭୮ କୋଟି ଟଙ୍କାର ବ୍ୟୟ ଧାର୍ଯ୍ୟ କରାଯାଇଛି। ଗତବର୍ଷର ମୋଟ ବ୍ୟୟ ବରାଦ ହୋଇଥିବା ଅର୍ଥ ତୁଳନାରେ ଚଳିତ ବର୍ଷ ଏଥିରେ ୧୩% ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଏହା ମଧ୍ୟରେ ରେଲୱେର ବିଭିନ୍ନ ପ୍ରକଳ୍ପ, ବିଦ୍ୟୁତୀକରଣ, ଯାତ୍ରୀ ସୁବିଧାର ଉନ୍ନତୀକରଣ, ୱାର୍କଶପ ସ୍ଥାପନ, ଟ୍ରାକ୍ ଉନ୍ନତିକରଣ ଭଳି ବିଭିନ୍ନ କ୍ଷେତ୍ର ରହିଛି। ନୂଆ ଲାଇନ ପାଇଁ ଚଳିତ ବର୍ଷ ୨୬୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ଗତବର୍ଷ ତୁଳନାରେ ୬୭% ଅଧିକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

ଏହା ବାଦ ଯାତ୍ରୀ ସୁବିଧା ଉନ୍ନତୀକରଣ ବାବଦକୁ ୧୮୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତବର୍ଷ ଏହା ୮୨ କୋଟି ଟଙ୍କା ରହିଥିଲା। ଏହି ତୁଳନାରେ ଚଳିତ ବର୍ଷ ଏଥିରେ ୧୧୯% ବୃଦ୍ଧି ଘଟିଛି। ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଯଥା- ଅନୁଗୋଳ-ସୁକିନ୍ଦା ରୋଡ ରେଳ ପ୍ରକଳ୍ପ ଲାଗି ୨୫୦ କୋଟି, ହରିଦାସପୁର-ପାରାଦୀପ ପ୍ରକଳ୍ପ ବାବଦକୁ ୪୦୦ କୋଟି, ଖୋର୍ଦ୍ଧାରୋଡ-ବଲାଙ୍ଗୀର ପାଇଁ ୩୫୦ କୋଟି, ତାଳଚେର-ବିମଳାଗଡ ପ୍ରକଳ୍ପ ଲାଗି ୧୫୦ କୋଟି, ଜୟପୁର-ମାଲକାନଗିରି ୭୦ କୋଟି, ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ଲାଗି ୧୦ କୋଟି ଟଙ୍କା ବଜେଟ ଅନୁଦାନ ମିଳିଛି।

ସେହିଭଳି ଦୋହରୀକରଣ ଏବଂ ତୃତୀୟ ଲାଇନ ବିଛାଇବା ଲାଗି ବଜେଟରେ ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହା ମଧ୍ୟରେ ରାଜ୍ୟର ସମ୍ବଲପୁର-ତାଳଚେର ରେଳ ପ୍ରକଳ୍ପ ବାବଦକୁ ୨୪୯ କୋଟି ଟଙ୍କା ପାଣ୍ଠି ପ୍ରଦାନ କରାଯାଇଥିବା ବେଳେ ସମ୍ବଲପୁର-ଟିଟିଲାଗଡ ପାଇଁ ୧୭୦ କୋଟି, ବାଂଶପାଣି-ଦୈତାରି-ଟମକା-ଜଖପୁରା ୮୫ କୋଟି, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୮୬ କୋଟି,ବିଜୟ ନଗରମ-ସମ୍ବଲପୁର ତୃତୀୟ ଲାଇନ ପାଇଁ ୩୫୦ କୋଟି ଖର୍ଚ୍ଚ ହେବା ନେଇ ଅନୁଦାନ ପ୍ରଦାନ କରାଯାଇଛି। ସେହିଭଳି ଜରପଡା-ବୁଢାପଙ୍କ ୩ୟ ଏବଂ ୪ର୍ଥ ଲାଇନ ପାଇଁ ୧୨୦ କୋଟି, ବୁଢାପଙ୍କ-ସାଲେଗାଓଁର ୩ୟ,୪ର୍ଥ ଲାଇନ ୨୧୦ କୋଟି, କୋରାପୁଟ-ସିଙ୍ଗପୁର

☞ପୃଷ୍ଠା-୨

■ ୨୨ରୁ ମାଟ୍ରିକ ପରୀକ୍ଷା

## ବଦଳିଲା ସମୟ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ

କଟକ ଅଫିସ,୧।୨

- ୮ରୁ ମିଳିବ ଆଡମିଟ୍ କାର୍ଡ
- ସିସିଟିଭି ବଳୟରେ ରହିବ ପରୀକ୍ଷା କେନ୍ଦ୍ର
- ସମସ୍ତଙ୍କ ପାଇଁ ମୋବାଇଲ ଫୋନ ନିଷେଧ
- ୩ ପର୍ଯ୍ୟାୟ ସିଲ୍ ଭିତରେ ଯିବ ପ୍ରଶ୍ନପତ୍ର

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ହେବାକୁ ଥିବା ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ଆଡମିଟ୍ କାର୍ଡ ଆସନ୍ତା ୮ ତାରିଖରୁ ଉପଲବ୍ଧ ହେବ। ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.inରେ ସ୍କୁଲ କର୍ତ୍ତୃପକ୍ଷ ୟୁଜର ଆଇଡି ଓ ପାସୱାର୍ଡ ଦେଇ ଛାତ୍ରୀଛାତ୍ରଙ୍କ ଆଡମିଟ୍ କାର୍ଡ ଡାଉନଲୋଡ କରିପାରିବେ। ଫେବୃୟାରୀ ୨୨ରୁ ଉପରୋକ୍ତ ୩ଟି ଯାକ ପରୀକ୍ଷା ଆରମ୍ଭ ହେବ। ହେଲେ ପରୀକ୍ଷା ସମୟରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଘୋଷଣା ହୋଇଥିବା ସକାଳ ୯ଟା ପରିବର୍ତ୍ତେ ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ। ବୋର୍ଡ କାର୍ଯ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସମସ୍ତ ସୂଚନା ଦିଆଯାଇଥିଲା।

୫ଲକ୍ଷ ୭୨ହଜାର ୬୯୯ ଜଣ ମାଟ୍ରିକ୍ ପରୀକ୍ଷା ଦେବେ। ସେଥିମଧ୍ୟରେ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୫ଲକ୍ଷ ୪୫ହଜାର ୩୬୪ ରହିଥିବାବେଳେ ୨୫ହଜାର ୮ ଜଣ ଏକ୍ସରେଗୁଲାର, ୨୧୦୬ଜଣ

☞ପୃଷ୍ଠା-୨

## ଟ୍ରେନ୍ ଧକ୍କାରେ ହାତୀ ମୃତ

ଢେଙ୍କାନାଳ ଅଫିସ, ୧।୨

ଢେଙ୍କାନାଳ ଜିଲା ସଦର ଥାନା ଦାଣ୍ଡିମାଳ ପାସେଞ୍ଜର ହଲ୍ଟ ରେଳଷ୍ଟେଶନ ନିକଟରେ ରେଳଧାରଣା ପାର ହେଉଥିବାବେଳେ ଶୁକ୍ରବାର ଟ୍ରେନ୍ ଧକ୍କାରେ ଏକ ମାଈହାତୀର ମୃତ୍ୟୁ ଘଟିଛି। ସନ୍ଧ୍ୟା ପ୍ରାୟ ୭ଟାରେ ଏହି ଦୁର୍ଘଟଣା ଘଟିଛି। ମୃତହାତୀର ଆନୁମାନିକ ବୟସ ୪୦ ବର୍ଷ ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି।



- ଗୁରୁତର ହୋଇ ଜଙ୍ଗଲକୁ ପଳାଇଥିଲା
- ମୃତଦେହ ଉଦ୍ଧାର କଲେ ବନ କର୍ମଚାରୀ

ବାରଦା ଗ୍ରାମ ରେଲୱେ ଲେଭଲ କ୍ରସିଂର ୫୦୦ମିଟର ପୂର୍ବରୁ ରେଳଧାରଣାରେ ହାତୀକୁ ଦେଖି ମାଲବାହୀ ଟ୍ରେନ ଚାଳକ ଟ୍ରେନ୍‌ର ବେଗ କମାଇଥିଲେ। ହେଲେ ଟ୍ରେନ୍ ଅଟକିବା ପୂର୍ବରୁ ହାତୀ ସହ ଧକ୍କା ହୋଇଥିଲା। ଗୁରୁତର ଆଘାତ ପାଇବା ପରେ ହାତୀଟି ଜଙ୍ଗଲ

☞ପୃଷ୍ଠା-୨

SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

NECC NATIONAL EGG CO-ORDINATION COMMITTEE 01.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 87 | 141 | 151 |
| DKL | 87 | 141 | 151 |
| BDK | 88 | 142 | 152 |
| BLS | 88 | 142 | 152 |
| ANG | 87 | 141 | 151 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers



BHUBANESWAR - Opp. Deputy Commissioner Office, Vani Vihar Square, Janpath
135 BRANCHES SPREAD ACROSS INDIA AND MIDDLE EAST | OPEN ON ALL SUNDAYS | WWW.KALYANJEWELLERS.NET | FOLLOW US ON

# ୮୮ କୋଟିର ପ୍ରକଳ୍ପ ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୧।୨ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସି ୮୮ କୋଟି ଟଙ୍କାର ୫ଟି ନୂଆ ପ୍ରକଳ୍ପ ପାଇଁ ଘୋଷଣା କରିଛନ୍ତି। ସମ୍ବଲପୁର-ସୋନପୁର ରାସ୍ତା ମାଳତୀ ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ୨୦ କୋଟି ଟଙ୍କା, ଦୁର୍ଗାପାଲି-ଏନଏଚ୍-୫୩ ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୫ କୋଟି, ଜିଲା ସ୍କୁଲରୁ-ନକ୍ସାପାଲି ରାସ୍ତା ପାଇଁ ୪୦ କୋଟି, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପାଇଁ ୩ କୋଟି, ବାଲିବନ୍ଧାରେ ବ୍ରିଜ ପାଇଁ ୧୦ କୋଟି ଟଙ୍କ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାନଦୀରେ ଦ୍ୱିତୀୟ ସେତୁ, ହୀରାକୁଦରେ ରୋପୱେ, ରିଭର ପଏଣ୍ଟ ଭ୍ୟୁ ଭଳି ୧୯ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୧୪ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପ ଓ ଶିଳାନ୍ୟାସ ଲାଗି ଘୋଷଣା ହୋଇଥିବା ପ୍ରକଳ୍ପକୁ ମିଶାଇ ୭ଶହ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ସମ୍ବଲପୁରୀବାସୀଙ୍କୁ ଭେଟି ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରୁ ଆସି ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ । ସେଠାରୁ ହେଲିକପ୍ଟର୍ ଯୋଗେ ମନ୍ଦଲିଆ ପଡ଼ିଆରେ ପହଞ୍ଚି କାର ଯୋଗେ ଯାଇ ସମଲେଇ ମନ୍ଦିର ନିକଟ ରିଭର ପଏଣ୍ଟ ଭ୍ୟୁର ଉଦ୍‌ଘାଟନ କରିଥିଲେ। ଏହାପରେ ନେଲସନ ମଣ୍ଡେଲା ଛକ ନିକଟରେ ମହାନଦୀ ଉପରେ ୧୧୭.୭୨ କୋଟି ଟଙ୍କା ବ୍ୟୟରେ ନିର୍ମିତ (ଦେଢ କି.ମି.ଯୁକ୍ତ ଲମ୍ବ) ଦ୍ୱିତୀୟ ସେତୁ ଉଦ୍‌ଘାଟନ କରିଥିଲେ। ଶେଷରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହୀରାକୁଦରେ ରୋପୱେ ସମେତ ୧୯ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୧୪ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେଠାରେ ଯୁବ ସମାବେଶ ପାଇଁ ବିଭିନ୍ନ ଅଞ୍ଚଳରୁ ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ କିଛି ଅଭିଭାଷଣ ରଖି ନ ଥିଲେ। କେବଳ ୫ ନୂଆ ପ୍ରକଳ୍ପ ପାଇଁ ଅନ୍ ଦି ସ୍ପଟ୍ ଘୋଷଣା କରି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ସମ୍ପର୍କରେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀ ଓ ମୋ ହିରୋ ଯୋଜନାରେ ସଫଳ ଭାବେ କାର୍ଯ୍ୟ କରିଥିବା ଯୁବକମାନଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ମୁଖ୍ୟମନ୍ତ୍ରୀ ଷ୍ଟାଡ଼ିୟମରୁ କାର ଯୋଗେ ଆସି ଧନକଉଡା ହାଇସ୍କୁଲ ପଡିଆରେ ପହଞ୍ଚିଥିଲେ। ସେଠାରୁ ହେଲିକପ୍ଟର ଯୋଗେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚି ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଫେରିଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୋଲିସ ଭାଜପା ଓ କଂଗ୍ରେସର ୭୬ ଜଣ ନେତା ଓ କର୍ମୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖିଥିଲା । ମୁଖ୍ୟମନ୍ତ୍ରୀ ଗସ୍ତ ପରେ ଅପରାହ୍ନ ୩ଟାରେ ସେମାନଙ୍କୁ ଛାଡି ଦିଆଯାଇଥିଲା।



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବିଜୁ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ 'ମୁଁ ହିରୋ'ଙ୍କୁ ପୁରସ୍କୃତ କରୁଛନ୍ତି ।

**ନବୀନଙ୍କ ଦିନିକିଆ ସମ୍ବଲପୁର ଗସ୍ତ**

- ମହାନଦୀ ଦ୍ୱିତୀୟ ସେତୁ, ରୋପ୍‌ୱେ ଲୋକାର୍ପିତ
- ୧୪ ପ୍ରକଳ୍ପର ଶିଳାନ୍ୟାସ, ୧୯ ପ୍ରକଳ୍ପର ଉଦ୍‌ଘାଟନ
- ବିଜୁ ଯୁବ ସମାବେଶରେ ଯୋଗଦେଲେ
- ଜିଲାକୁ ୭ଶହ କୋଟି ଟଙ୍କାର ଭେଟି
- ବିରୋଧ କରି ୭୬ ଅଟକ

# ଅନ୍‌ଲାଇନରେ ହେବ ଓଟିଇଟି

**କଟକ ଅଫିସ, ୧।୨**

ଓଡ଼ିଶା ଟିଚର ଏଲିଜିବିଲିଟ ଟେଷ୍ଟ (ଓଟିଇଟି) ଅଫ୍‌ଲାଇନରେ ହେବା ଯୋଗୁ ପ୍ରଶ୍ନପତ୍ର ଲିକ୍ କିମ୍ବା ଅନ୍ୟାନ୍ୟ ଅନିୟମିତତା ଆଶଙ୍କା ରହୁଛି। ଏଣୁ ଓଟିଇଟି ଏଣିକି ଅନଲାଇନରେ ହେବ ବୋଲି ନିଷ୍ପତ୍ତି ନେଇଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ ଏ କଥା କହିଛନ୍ତି। ସୂଚନାଥାଉକି, ଗତ ଜାନୁୟାରୀ ୧୬ରେ ହୋଇଥିବା ଓଟିଇଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ପ୍ରଶ୍ନପତ୍ର-୧ ବଣ୍ଟାଯିବାର କିଛି ମିନିଟ ପରେ ତାହା ଲିକ ହୋଇଛି ବୋଲି ଜଣାପଡ଼ିଥିଲା। ଫଳରେ ୨୫୧ଟି ସେଣ୍ଟରର ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହାପରେ ବୋର୍ଡ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହେବା ସହ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

# ପ୍ରକାଶ ପାଇଲା ଡି.ଇଏଲ୍.ଇଡି. ପରୀକ୍ଷାଫଳ

**କଟକ ଅଫିସ, ୧।୨**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଡି.ଇଏଲ୍.ଇଡି.(ଡିପ୍ଲୋମା ଇନ ଏଲିମେଣ୍ଟାରି ଏଜୁକେଶନ) ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ୬୦୧୩ଜଣ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରେ ୫୮୧୨ଜଣ ରେଗୁଲାର ଓ ୨୦୧ଜଣ ବ୍ୟାକ ପେପର ପରୀକ୍ଷାର୍ଥୀ ଥିଲେ। ଜଣେ କପି କରି ଧରା ପଡ଼ିଥିବା ବେଳେ ୫୮୬୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ବର୍ଷରେ ମୋଟ୍ ପରୀକ୍ଷା ଦେଇଛନ୍ତି ୬୦୫୫ଜଣ। ଏମାନଙ୍କ ମଧ୍ୟରୁ ୧୧ଜଣ କପି କରି ଧରାପଡ଼ିଥିଲେ। ସୂଚନାଥାଉକି, ଏହି ପରୀକ୍ଷା ଗତ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ରାଜ୍ୟର ୪୨ କେନ୍ଦ୍ରରେ ହୋଇଥିଲା।

# ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୧।୨ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିବା ଅବସରରେ ଜିଲା ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଜମାଦାରପାଲି ଏୟାରଷ୍ଟ୍ରିପରେ ପ୍ରାୟ ୭ ମିନିଟ ଧରି ମୁଖ୍ୟମନ୍ତ୍ରୀ ଓକିଲମାନଙ୍କ ସହ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କଥା ହୋଇଥିଲେ। ଏହି ଆଲୋଚନା ସଫଳ ହୋଇଛି। ଖୁବ ଶୀଘ୍ର ଦାବି ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଓକିଲ ସଂଘ ଆଶା ରଖିଛି । ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଖୁବ ଶୀଘ୍ର ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ କହିଛନ୍ତି । ଅନ୍ୟପକ୍ଷେ ଯଦି ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦାବି ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରନ୍ତି ତେବେ ଓକିଲ ସଂଘ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେବ ବୋଲି ସଭାପତି ପ୍ରଧାନ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଓକିଲମାନେ ଆଲୋଚନା ବେଳେ ଜିଲାପାଳ ସମର୍ଥ ବର୍ମା, ଏଡିଏମ୍ ଅଜୟ କୁମାର ଜେନା, ସଂଘ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ଉପସଭାପତି ବେଦବ୍ୟାସ ସାଥୁଆ, ସୁରେଶ୍ୱର ମିଶ୍ର, ପ୍ରମୋଦ ଦାଶ, ଦୀପକ କୁଅଁର, ପ୍ରଦୀପ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୩୦ ତାରିଖରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ସେ ସମୟରେ ଜିଲାପାଳ ବର୍ମା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମିରେଜ୍-୨୦୦୦ ଦୁର୍ଘଟଣାଗ୍ରସ୍ତ: ୨ ପାଇଲଟ୍ ଶହୀଦ

**ବେଙ୍ଗାଲୁରୁ, ୧।୨ (ପି.ଟି.)**

ଭାରତୀୟ ବାୟୁସେନା ବିମାନ ମିରେଜ୍-୨୦୦୦ ଶୁକ୍ରବାର ସ୍ଥାନୀୟ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ଏୟାରପୋର୍ଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇ ପାଇଲଟ୍ ଶହୀଦ ହୋଇଥିବା ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପାଇଲଟ୍ ଦ୍ୱୟ ବିମାନରୁ ବାହାରି ଆସିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ସେମାନଙ୍କ ଦେହରେ ଅଚାନକ ନିଆଁ ଲାଗିଯାଇଥିଲା। ବିମାନଟି ହାଲ୍ ଏୟାରପୋର୍ଟରେ ଉଡାଣ କରିବା କ୍ଷଣି ଏଥିରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ସୃଷ୍ଟି ହୋଇଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଦୁଇ ପାଇଲଟ୍ ହେଉଛନ୍ତି ସ୍କ୍ୱାଡ୍ରନ୍ ଲିଡର ସମିର ଆବ୍ରଲ ଏବଂ ସ୍କ୍ୱାଡ୍ରନ ଲିଡର ସିଦ୍ଧାର୍ଥ ନେଗୀ। ସେମାନେ ଏୟାରକ୍ରାଫ୍ଟ ଏବଂ ସିଷ୍ଟମ୍ସ ଟେଷ୍ଟିଂ ଏଷ୍ଟାବ୍ଲିଶମେଣ୍ଟର କର୍ମଚାରୀ। ଜଣେ ପାଇଲଟ୍‌ଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଦ୍ୱିତୀୟ ପାଇଲଟଙ୍କୁ କମାଣ୍ଡ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଏହି ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିମାନଟି ଉପରକୁ ଉଠିବା ମାତ୍ରେ ଏଥିରେ ବିସ୍ଫୋରଣ ଘଟିବାରୁ ଧୂଆଁମୟ ହୋଇଯାଇଥିଲା। ବିମାନବନ୍ଦରରେ ଥିବା ଲୋକମାନେ ଏହା ଦେଖି ଭୟଭୀତ ହୋଇପଡିଥିଲେ।









*ଏହି ରେଟ୍ 17 ମାସରୁ ଆରମ୍ଭ କରି 18 ମାସ ପର୍ଯ୍ୟନ୍ତ ଅତି କମ୍‌ରେ ଏଫ୍‌ଡି ପାଇଁ ଲାଗୁ ଅଟେ। ବରିଷ୍ଠ ନାଗରିକଙ୍କ ବ୍ୟତୀତ ଅନ୍ୟସବୁ ବ୍ୟକ୍ତିମାନଙ୍କ ପାଇଁ ଏଫ୍‌ଡିର ଦର 7.60% ଅଟେ। ଏକ୍ସିସ୍ ବ୍ୟାଙ୍କ ଗ୍ରାହକମାନେ ଇଣ୍ଟର୍‌ନେଟ୍ ବ୍ୟାଙ୍କିଙ୍ଗ/ମୋବାଇଲ ଆପ୍ଲିକେଶନ୍ ଜରିଆରେ ମଧ୍ୟ ଟର୍ମ ଡିପୋଜିଟ୍‌ସ ବୁକ୍ କରିପାରନ୍ତି। ସୁଧ ଦର ସମୟକୁ ସମୟ ବିନା କୌଣସି ପୂର୍ବ ସୂଚନାରେ ପରିବର୍ତ୍ତନ ହୋଇପାରେ। ଦୟାକରି ସୁଧ ଦର ପାଇଁ ଶାଖା ପ୍ରତିନିଧିଙ୍କ ସହିତ ସମ୍ପର୍କ କରନ୍ତୁ। ଅଧିକ ବିବରଣୀ ପାଇବା ପାଇଁ www.axisbank.com ରେ ଲଗ୍ ଅନ୍ କରନ୍ତୁ। ନିୟମ ଓ ସର୍ତ୍ତ ଲାଗୁ ହେବ।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଓ ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ।

-ଶ୍ରୀମା



# କେରଳର ବାବୁ ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆସନ୍ତା କିଛି ମାସ ଭିତରେ କେରଳର ବହୁ ବରିଷ୍ଠ ବାବୁ ଅବସର ନେବାର ଥିବାରୁ ଏହି ରାଜ୍ୟରେ ଅଭିଜ୍ଞ ବାବୁମାନଙ୍କର ଘୋର ଅଭାବ ଦେଖାଯିବାର ସମ୍ଭାବନା ରହିଛି। ଅତିରିକ୍ତ ମୁଖ୍ୟ ସଚିବ (ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା) ପି.ଏଚ୍. କୁରିଏନ୍ ଗତମାସରେ ଅବସର ନେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ (ଗୃହ ଓ ଭିଜିଲାନ୍ସ) ସୁଭଦ୍ରା ବିଶ୍ୱାସ ଆସନ୍ତା ଏପ୍ରିଲ ମାସରେ ଏବଂ ଅତିରିକ୍ତ ମୁଖ୍ୟ ସଚିବ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ରାଜୀବ ସଦାନନ୍ଦନ ମେ ମାସରେ ଅବସର ନେବାର ଅଛି। ସଂସ୍କୃତି ବ୍ୟାପାର, ପ୍ରାଣୀ ପାଳନ, ଡାଇରି ଉନ୍ନୟନ ଓ ପ୍ରାଣୀ ଉଦ୍ୟାନ ବିଭାଗ ସଚିବ ଅନିଲ ଜାଭିୟର, ସାଧାରଣ ପ୍ରଶାସନ (ସୈନିକ କଲ୍ୟାଣ) ବିଭାଗ ସଚିବ ସୁମନ ଏନ୍ ମେନନ, ଭୂ-ରାଜସ୍ୱ କମିଶନର ଏ.ଟି. ଜେମ୍ସ, ସପ୍ଲାଇକୋ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏମ୍.ଏସ୍. ଜୟ ଏବଂ କେରଳ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଇ. ଦେବଦାସ ମଧ୍ୟ ଆଉ କିଛି ମାସ ଭିତରେ ଅବସର ନେବେ। ଭିଜିଲାନ୍ସ ବିଭାଗ ମୁଖ୍ୟ ତଥା ଦୁର୍ନୀତି ବିରୋଧୀ ବ୍ୟୁରୋ ଡିଜିପି ବି.ଏସ୍. ମହମ୍ମଦ ୟାସିନ ଫେବୃୟାରୀ ୨୮ରେ ଅବସର ନେବାର ଅଛି। ଭିଜିଲାନ୍ସ ନିର୍ଦ୍ଦେଶକ ଏକ ଗୁରୁତ୍ୱପୂର୍ଣ୍ଣ ତଥା କ୍ୟାଡର ପଦବୀ, ଯାହା ସରକାରଙ୍କ ଭାବମୂର୍ତ୍ତି ତିଆରି କରିପାରେ ବା ନଷ୍ଟ କରିଦେଇପାରେ। ତେଣୁ ଏହି ପଦବୀରେ ନିଯୁକ୍ତି ଦେବାବେଳେ ସରକାର ଯଥେଷ୍ଟ ସତର୍କତା ଅବଲମ୍ବନ କରିପାରନ୍ତି। ପୁନଶ୍ଚ ଆଉ ଦୁଇଜଣ ବରିଷ୍ଠ ଅଧିକାରୀ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନରେ ଯିବାର ସମ୍ଭାବନା ରହିଛି। ପ୍ରମୁଖ ସଚିବ (ଅର୍ଥ) ମନୋଜ ଜୋଷୀ ଏଥିପାଇଁ ଅନୁମତି ମାଗିଥିଲାବେଳେ ତାଙ୍କୁ କେନ୍ଦ୍ରକୁ ଡେପୁଟେଶନରେ ଯିବା ପାଇଁ ଅନୁମତି ମିଳିଥିବା ଜଣାପଡ଼ିଛି।

### ମୁହଁ ଖୋଲ, ମୂଲ୍ୟ ଦିଅ

୧୯୮୫ ବ୍ୟାଚ୍ ଅଫିସର ତଥା ଭାରତୀୟ ରେଳ ଟ୍ରାଫିକ୍ ସେବା (ଆଇଆର୍‌ଟିଏସ୍) ଅଧିକାରୀ ସୁଶାନ୍ତ କୁମାର ମିଶ୍ର ନୂଆ କରି ରେଲ୍‌ୱେ ବୋର୍ଡ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ତାଙ୍କ ପୂର୍ବସୂରି ରଞ୍ଜନେଶ ସହାୟ ଉକ୍ତ ପଦରୁ ବିଦାହେବା ପଛରେ ଏକ ରୋଚକ କାହାଣୀ ରହିଛି। ପ୍ରାପ୍ତ ସୂଚନା ଅନୁସାରେ ଏକ ନିବନ୍ଧରେ ରେଳମନ୍ତ୍ରୀଙ୍କୁ ଆକ୍ଷେପ କରିଥିବା କ୍ଷମତାଶାଳୀ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସ୍‌ଡି)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସହାୟ ଦାବି କରିଥିଲେ। ପୁନଶ୍ଚ ସେ ସରକାରୀ ଆଦବକାଇଦା ଭାଙ୍ଗିବା ତଥା ଅସଙ୍ଗତ ଆଚରଣ ପାଇଁ ୨୦୦୫ ବ୍ୟାଚ୍‌ର ଭାରତୀୟ ରେଳପଥ କାର୍ମିକ ସେବା (ଆଇଆର୍‌ପିଏସ୍) ଅଧିକାରୀ ସଞ୍ଜୀବ କୁମାରଙ୍କୁ ତତ୍କାଳ ପ୍ରତ୍ୟାବାସନ (ନିଜ ମନ୍ତ୍ରଣାଳୟକୁ ବଦଳି) ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)କୁ ଚିଠି ଲେଖିଥିଲେ। କୁମାର ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଓଏସ୍‌ଡି, ଯେଉଁ ମନ୍ତ୍ରୀଙ୍କ ହାତରେ ପିଏମ୍‌ଓର ରାଷ୍ଟ୍ରମନ୍ତ୍ରିତ୍ୱ ଓ ଉତ୍ତର-ପୂର୍ବାଞ୍ଚଳ ଉନ୍ନୟନ ବିଭାଗ ସମେତ ଅନେକ ବିଭାଗ ରହିଛି। ଆଇଆର୍‌ପିଏସ୍ ସଞ୍ଜୀବ କୁମାରଙ୍କ ଅସଙ୍ଗତ ଆଚରଣ ତଥା ଆଧିକାରିକ ମର୍ଯ୍ୟାଦା ଉଲ୍ଲଂଘନ କରିବା ଅଭିଯୋଗଟି ରେଲୱେ ବୋର୍ଡର ଦୃଷ୍ଟିକୁ ଅଣାଯାଇଥିଲା। ସଞ୍ଜୀବ କୁମାର ଏକ ନିବନ୍ଧ ଲେଖିଥିଲେ, ଯେଉଁଥିରେ ସେ ସଚିବସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ଜ୍ଞାନ ବିଷୟରେ ପ୍ରଶ୍ନ କରିଥିଲେ ବୋଲି ସହାୟ ଦାବି କରିଛନ୍ତି। ତା'ଛଡ଼ା ସେ ଏଥିରେ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ମଧ୍ୟ ଆକ୍ଷେପ କରିଥିଲେ। ସହାୟ ଡିଓପିଟି ସଚିବ ସି. ଚନ୍ଦ୍ରମୌଳିଙ୍କୁ ଲେଖିଥିଲେ ଯେ ତୁରନ୍ତ ସଞ୍ଜୀବ କୁମାରଙ୍କୁ ଏହି ମନ୍ତ୍ରଣାଳୟକୁ ବଦଳି କରାଯାଉ ଯାହା ଫଳରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହା ପ୍ରତି ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କ ସମର୍ଥନ ଅଛି ବୋଲି ମଧ୍ୟ ସେ ସୂଚାଇଥିଲେ। କିନ୍ତୁ ଏହା ସହାୟଙ୍କ ପ୍ରତି ବୁମେରାଂ ହେଲା। ସଞ୍ଜୀବ କୁମାରଙ୍କ ବଦଳରେ ତାଙ୍କୁ ପଦବୀରୁ ହଟାଇ ଦିଆଗଲା।

### ଟିକସ ବାବୁଙ୍କ କ୍ଷେତ୍ରାଧିକାର ଦାବି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନ ହେବା ସହ ଏଥିରେ ବହୁ ସଂଖ୍ୟାରେ ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍) କାର୍ଯ୍ୟ କରୁଥିଲେ ମଧ୍ୟ ଏଥିରେ ଦୀର୍ଘକାଳ ହେଲା ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ରାଜୁତି କରିଆସୁଛନ୍ତି। ଏହାକୁ ନେଇ ଆଇଆର୍‌ଏସ୍ ବାବୁମାନେ ଖୁବ୍ ଅସନ୍ତୁଷ୍ଟ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ ୧୫ ବର୍ଷ ତଳେ ଶେଷ ଥର ପାଇଁ ଜଣେ ଆଇଆର୍‌ଏସ୍ ଅଫିସର ଇଡିର ମୁଖ୍ୟ ଥିଲେ। ତେବେ ନିକଟରେ ମୋଦି ସରକାର ଚାହିଁଲେ ଅଣଆଇଏଏସ୍ ଅଫିସରଙ୍କୁ ବରିଷ୍ଠ ପଦବୀରେ ନିଯୁକ୍ତି ଦେବା ପାଇଁ ଏବଂ ପୂର୍ବତନ ଆୟକର ଅଧିକାରୀ ଏସ୍.କେ. ମିଶ୍ରଙ୍କୁ ଇଡିର ମୁଖ୍ୟ ଭାବେ ନିଯୁକ୍ତି ଦେଇ ୧୫ ବର୍ଷର ପରମ୍ପରା ଭଙ୍ଗ କଲେ। ବର୍ତ୍ତମାନ ଯାହା ଜଣାପଡ଼ିଛି ମିଶ୍ର ଚାହୁଁଛନ୍ତି ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ବଦଳରେ ତାଙ୍କ ବିରାଦର ଆଇଆର୍‌ଏସ୍ ଅଫିସରମାନଙ୍କୁ ନିର୍ଦ୍ଦେଶାଳୟର ଗୁରୁତ୍ୱପୂର୍ଣ୍ଣ ବରିଷ୍ଠ ପଦପଦବୀରେ ନିଯୁକ୍ତି ଦେବା ପାଇଁ। ବର୍ତ୍ତମାନ ନିର୍ଦ୍ଦେଶାଳୟରେ ତିନିଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ, ୭ ଜଣ ଯୁଗ୍ମ ନିର୍ଦ୍ଦେଶକ ଓ ୨ ଜଣ ଅତିରିକ୍ତ ନିର୍ଦ୍ଦେଶକଙ୍କୁ ନେଇ ୧୨ଟି ପଦବୀ ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ଉକ୍ତ ସମସ୍ତ ପଦବୀରେ କେବଳ ଆଇଆର୍‌ଏସ୍ ପ୍ରାର୍ଥୀମାନଙ୍କ ନାମ ବିଚାରକୁ ନିଆଯାଇଥିବା ଜଣାପଡ଼ିଛି।

Email: dilipcherian@gmail.com

# ପ୍ରଦୂଷଣ ବିପକ୍ଷରେ ଲଢ଼େଇ



ସୁଧୀର କୁମାର ନାୟକ

ସୌରଜଗତର ପୃଥିବୀ ଏକମାତ୍ର ଗ୍ରହ, ଯେଉଁଠାରେ ଜୀବଜଗତର ଉତ୍ପତ୍ତି, କ୍ରମବିକାଶ ଓ ସ୍ଥିତି ପାଇଁ ଅନୁକୂଳ ପରିବେଶ ଅଛି। ପୃଥିବୀରେ ହିଁ ଜୀବନଧାରଣ ପାଇଁ ଆବଶ୍ୟକ ଅମ୍ଳଜାନ ଓ ଜଳ ମିଳିପାରେ। ବୈଜ୍ଞାନିକଙ୍କ ଅନୁସନ୍ଧାନ ଜାରି ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମନୁଷ୍ୟର ବସବାସ ପାଇଁ ପୃଥିବୀର ବିକଳ୍ପ ଗ୍ରହର ସନ୍ଧାନ ମିଳିପାରି ନାହିଁ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଓ ଋତୁଚକ୍ର ଏହାର ପରିବେଶକୁ ଜୀବଜଗତ ତିଷ୍ଠିବା ପାଇଁ ଉପଯୁକ୍ତ କରିପାରିଛି। ଏହିସବୁ କାରଣରୁ ଏଯାବତ୍ ପୃଥିବୀ ହିଁ ମାନବ ପାଇଁ ଏକମାତ୍ର ବାସୋପଯୋଗୀ ଗ୍ରହ । ଦିନକୁ ଦିନ ବିଶ୍ୱ ଜନସଂଖ୍ୟାର ଦ୍ରୁତ ବୃଦ୍ଧି, କଳକାରଖାନା ସ୍ଥାପନ, ଗାଡ଼ି ମୋଟରର ବହୁଳ ବ୍ୟବହାର, ଜଙ୍ଗଲ ଧ୍ୱଂସ, କୃଷି କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ କୀଟନାଶକ ଓ ରାସାୟନିକ ସାରର ପ୍ରୟୋଗ, ମୃତ୍ତିକା କ୍ଷୟ ଆଦି ପ୍ରାକୃତିକ ପରିବେଶକୁ ପ୍ରଦୂଷିତ କରିଚାଲିଛି। ୧୯୩୫ ମସିହାରେ ବ୍ରିଟିଶ୍ ପରିବେଶବିତ୍ ଟ୍ରାନ୍‌ସଲେ ସର୍ବପ୍ରଥମେ ପରିବେଶ ସୁରକ୍ଷା ପାଇଁ ପରିବେଶ ପରିସଂସ୍ଥା (ଇକୋ ସିଷ୍ଟମ୍) ଶବ୍ଦ ପ୍ରବର୍ତ୍ତନ କରିଥିଲେ। ଆଜି ବିଶ୍ୱର ଅଧିକାଂଶ ସହର ପ୍ରଦୂଷଣର ଶିକାର, ଯାହା ପ୍ରଭାବରେ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ୍, ହାଇଡ୍ରୋଜେନ୍ ସଲଫାଇଡ୍, ନାଇଟ୍ରୋଜେନ୍ ଅକ୍‌ସାଇଡ୍, ଆମୋନିଆ, ଓଜୋନ ଆଦି ବିଷାକ୍ତ ଗ୍ୟାସ୍ ଓ ଉପାଦାନଗୁଡ଼ିକର ବୃଦ୍ଧି ଘଟି ଜୀବଜଗତ ପାଇଁ ଭୟଙ୍କର ବିପଦ ସୃଷ୍ଟି କରିଛି। ଅସନ୍ତୁଳିତ ପ୍ରାକୃତିକ ପରିବେଶ ଯୋଗୁ ପୃଥିବୀରୁ ବହୁ ପ୍ରାଣୀ କ୍ରମଶଃ ଲୋପ ପାଇଚାଲିଛନ୍ତି।

ଏକବିଂଶ ଶତାବ୍ଦୀରେ କାନାଡ଼ା, ଚାଇନା ସହ ଭାରତର ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ ଆଦି ସହରରେ ଅମ୍ଳଜାନ ଥଳି ବିକ୍ରି ହେଲାଣି। ଦିଲ୍ଲୀରେ ୧୦ ଲିଟର ବିଶୁଦ୍ଧ ବାୟୁର ମୂଲ୍ୟ ୫୫୦ ଟଙ୍କା। ଭାରତର ମୋଟ ଜନସଂଖ୍ୟାର ପାଖାପାଖି ୭୭% ବାୟୁ ପ୍ରଦୂଷଣଜନିତ ସମସ୍ୟା ଭୋଗୁଛନ୍ତି, ଯାହାଦ୍ୱାରା ବର୍ଷକୁ ୩ ଲକ୍ଷ ୫୦ ହଜାର ଲୋକ ବିଭିନ୍ନ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ପରିବେଶ ସୁରକ୍ଷା ପାଇଁ ପରିବେଶବିତ୍, ପରିବେଶ ସୁରକ୍ଷାକର୍ମୀ, ସମାଜସେବୀ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ପ୍ରତ୍ୟେକ ବର୍ଷ କିଛି ପରିବେଶ ସୁରକ୍ଷା ସଂଗ୍ରାମୀଙ୍କୁ ହତ୍ୟା କରାଯାଉଛି। ଦେଶର ପ୍ରଗତି ପାଇଁ ଶିଳ୍ପାୟନ, କଳକାରଖାନା ସ୍ଥାପନର ଆବଶ୍ୟକତା ଅଛି। ତେବେ କମ୍ପାନୀଗୁଡ଼ିକ ପାଇଁ ଉପୁଜୁଥିବା ସମସ୍ୟାର ସମାଧାନ ଜରୁରୀ । ଏହା କିଛି ନୂଆ କଥା ନୁହେଁ, କାରଖାନା ମାଲିକ ବା କମ୍ପାନୀମାନେ ସ୍ଥାପନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥାନ୍ତି, କମ୍ପାନୀ ଚାଲିଲା ପରେ ସେ ସବୁକୁ ଭୁଲିଯାନ୍ତି। ବିଶେଷକରି ଭାରତରେ କମ୍ପାନୀଗୁଡ଼ିକର ଖାମଖିଆଲି ମନୋଭାବ ଯୋଗୁ ଅନବରତ ଆନ୍ଦୋଳନ, ବିକ୍ଷୋଭ ହେଉଛି। ପ୍ରଶାସନ ତରଫରୁ ସମସ୍ୟାଗୁଡ଼ିକର ସମାଧାନ ପାଇଁ ତତ୍ପରତା ରହୁନାହିଁ।

ଗତବର୍ଷ ମେ'ରେ ତାମିଲନାଡୁର ଟୁଟିକୋରିନ୍‌ଠାରେ ବେଦାନ୍ତ କମ୍ପାନୀ ତରଫରୁ ପିତ୍ତଳ ସ୍ମେଲଟର କାରଖାନା ସମ୍ପ୍ରସାରଣ ଓ ପ୍ରଦୂଷଣ ବିରୋଧରେ ସଂଗ୍ରାମ କରି ପୋଲିସ ଗୁଳିରେ ୧୩ ଜଣଙ୍କର ଜୀବନହାନି ହୋଇଥିଲା। ଓଡ଼ିଶାର ଝାରସୁଗୁଡ଼ାସ୍ଥିତ ବେଦାନ୍ତ ସ୍ମେଲଟର ପ୍ଲାଣ୍ଟରେ କୋଇଲା ପାଉଁଶ ପୋଖରୀ ବନ୍ଧ ଭାଙ୍ଗି ବ୍ୟାପକ ଚାଷଜମିରେ ପାଉଁଶପାଣି ମାଡିଯିବାରୁ ଫସଲ ନଷ୍ଟ ହେବା ସହ ଜମିରେ ଚାରି ପାଞ୍ଚ ଫୁଟ୍ ବହଳର ପାଉଁଶ ଆସ୍ତରଣ ପଡିଯାଇଥିଲା। ପ୍ରବାହିତ ଭେଡେନ୍ ନଦୀଜଳ ପ୍ରଦୂଷିତ ହୋଇଯିବାରୁ ସ୍ଥାନୀୟ ଲୋକେ ନାନା ରୋଗର ଶିକାର ହେଉଛନ୍ତି। ନଦୀଜଳ ପ୍ରଦୂଷଣକୁ ରୋକିବା ସହ ମାଡ଼ିଯାଇଥିବା ଚାଷଜମିର ପାଉଁଶ ନିଷ୍କାସନ ପାଇଁ ଚାଷୀମାନେ ପ୍ରଶାସନ ପାଖରେ ଆପତ୍ତି କଲେ, କିନ୍ତୁ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେଇ ନ ଥିଲା। ଲୋକେ ହତାଶ ହୋଇ ଝାରସୁଗୁଡ଼ା ବଞ୍ଚାଅ ସମିତି ଗଠନ କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ। ଯଦି ଏମାନଙ୍କ ସମସ୍ୟା ସମାଧାନ ନ ହୁଏ ଆଗାମୀ ଦିନରେ କୌଣସି ଅପ୍ରୀତିକର ଘଟଣା ଯେ ନ ଘଟିବ କହିହେବ ନାହିଁ। ଅତୀତର କିଛି କମ୍ପାନୀ ସ୍ଥାପନକୁ କେନ୍ଦ୍ରକରି ହୋଇଥିବା ଗୁଳିକାଣ୍ଡକୁ ଲକ୍ଷ୍ୟ କଲେ ୨୦୦୦ ଡିସେମ୍ବରରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ମାଇକଞ୍ଚଠାରେ ସ୍ଥାନୀୟ ଆଦିବାସୀମାନେ ଆଲୁମିନା କାରଖାନା ପ୍ରତିଷ୍ଠାକୁ ବିରୋଧ କଲାବେଳେ ପୋଲିସ ଗୁଳିରେ ୩ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। ୨୦୦୬ ମସିହାରେ ଯାଜପୁର ଜିଲା କଳିଙ୍ଗନଗରଠାରେ ଟାଟା ଷ୍ଟିଲ ସ୍ଥାପନକୁ କେନ୍ଦ୍ରକରି ଆନ୍ଦୋଳନକାରୀ ଓ ପ୍ରଶାସନ ମଧ୍ୟରେ ଗଣ୍ଡଗୋଳ ଘଟି ପୋଲିସ ଗୁଳିରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା।

ଦେଶବିଦେଶରେ ବହୁ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ୧୯୮୦ ମସିହାରେ ବିହାରରେ ଜଙ୍ଗଲ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା। ୧୯୮୨ ମସିହାରେ ନଭବାଦ୍ୟ ସଂଗଠନ ମୁଖ୍ୟ ବନ୍ଦନା ଶିଭ୍ ଜୈବବିବିଧତା ସଂରକ୍ଷଣ ଡାକରା ଦେଇ ଲୋକଙ୍କୁ ସଚେତନ କରିଥିଲେ। ଜଣାଶୁଣା ସମାଜସେବୀ ମେଧା ପାଟକର୍ ୧୯୮୫ ମସିହାରେ ତାଙ୍କର ନର୍ମଦା ବଞ୍ଚାଅ ଅଭିଯାନ ପାଇଁ ବେଶ୍ ପରିଚିତ ଥିଲେ। ବର୍ତ୍ତମାନ ଓଡ଼ିଶାରେ ମହାନଦୀ ବଞ୍ଚାଅ ଅଭିଯାନ ଚାଲିଛି। ତେବେ ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବହୁ ପରିବେଶ ରକ୍ଷାକର୍ତ୍ତାଙ୍କ ଜୀବନ ବିପଦରେ ଥିବାବେଳେ କିଛି କର୍ମୀଙ୍କୁ କମ୍ପାନୀ ମାଲିକ, ମାଫିଆ, ଜଙ୍ଗଲ ଦସ୍ୟୁ, ଦଲାଲମାନେ, ଏପରି କି କିଛି ପ୍ରଭାବଶାଳୀ ରାଜନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ହତ୍ୟା କରୁଛନ୍ତି। ୨୦୧୭ ମସିହାରେ ମୋଟ ୨୦୭ ଜଣ ପରିବେଶ ସୁରକ୍ଷା କର୍ମୀଙ୍କୁ ହତ୍ୟା କରାଯାଇଛି। ଏହିବର୍ଷ ପ୍ରତି ସପ୍ତାହରେ ଚାରିଜଣଙ୍କୁ ହତ୍ୟା କରାଯାଉଥିବାର ତଥ୍ୟ ଗାର୍ଡିଏନ୍ ପ୍ରକାଶ କରିଛି। ୨୦୧୮ ଜାନୁୟାରୀରୁ ଏଯାବତ୍ ପରିବେଶ ସୁରକ୍ଷା ପାଇଁ ୬୬ ଜଣ ସୁରକ୍ଷାକର୍ମୀ ହତ୍ୟାର ଶିକାର ହୋଇଛନ୍ତି। ଏଥିମଧ୍ୟରୁ ୩ ଜଣ ଭାରତୀୟ ଥିବାବେଳେ ଅନ୍ୟମାନେ ବିଭିନ୍ନ ଦେଶର। ଜଣେ ଭାରତୀୟ ସାମ୍ବାଦିକ ସନ୍ଦୀପ୍ ଶର୍ମା ବେଆଇନ ବାଲି ଚାଲାଣ ଉପରେ ଅନୁସନ୍ଧାନମୂଳକ ଲେଖା ପ୍ରକାଶ କରିବାରୁ ତାଙ୍କ ଉପରେ ମାଫିଆମାନେ ଟ୍ରକ୍ ଚଢ଼ାଇ ହତ୍ୟା କରିଥିଲେ। ୨୦୧୭ ମସିହାରେ କେବଳ ଭାରତରେ ୧୧ ଜଣ ପରିବେଶ ସୁରକ୍ଷାକର୍ମୀଙ୍କୁ ହତ୍ୟା କରାଯାଇଥିବାବେଳେ କଲମ୍ବିଆରେ ୩୨, ବ୍ରାଜିଲରେ ୫୭, ମେକ୍ସିକୋରେ ୧୫, ଫିଲିପାଇନ୍ସରେ ୪୧ ଜଣଙ୍କୁ ହତ୍ୟା କରାଯାଇଥିଲା। ତେବେ ୨୦୦୨ ପରଠାରୁ ୨୦୧୬ ମସିହାରେ ସବୁଠୁ ଅଧିକ ପରିବେଶ ସୁରକ୍ଷାକର୍ମୀଙ୍କୁ ହତ୍ୟା କରାଯାଇଥିବାର ଜଣାପଡିଛି। ରିପୋର୍ଟରୁ ଜଣାଯାଇଛି ଯେ, ବିକାଶଶୀଳ ଦେଶର ନିଭୃତ ଅଞ୍ଚଳରେ ଏପରି ହତ୍ୟାକାଣ୍ଡ ଅଧିକ ଘଟୁଛି। ବାଣିଜ୍ୟ ଓ ଶିଳ୍ପ ପାଇଁ ନିରୀହ ଜନତାଙ୍କଠାରୁ କମ୍ପାନୀମାନେ ଚଞ୍ଚକତା କରି ଜମି ଛଡ଼ାଇ ନେଉଛନ୍ତି। ଇଣ୍ଡୋନେସିଆର ମହିଳା ପରିବେଶବିତ୍ ଫରବିଜାନ୍ ଲିଜର୍ ତାଙ୍କ ପ୍ରଚେଷ୍ଟାରେ ୨.୬ ମିଲିଅନ୍ ହେକ୍ଟର ନୂତନ ଜଙ୍ଗଲ ସୃଷ୍ଟିକରି ଜାତିସଂଘ ଦ୍ୱାରା ସମ୍ମାନିତ ହୋଇଛନ୍ତି। ତାଙ୍କ ଦେଶରେ ତାଳଗଛ ଲଗାଇବା ପାଇଁ ଏବଂ କଳକାରଖାନା ସ୍ଥାପନ ଲାଗି ସରକାର ବିଭିନ୍ନ କମ୍ପାନୀକୁ ସ୍ୱୀକୃତି ଦେଇଥିଲେ। ହେଲେ ଯେତେବେଳେ ଜଣାଗଲା ଏହା ପାଇଁ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ହେବ, ସେ ତା' ବିରୋଧରେ ବର୍ଷ ବର୍ଷ ଧରି ନିଜ ନେତୃତ୍ୱରେ ବିଭିନ୍ନ ସଂଗଠନ ମାଧ୍ୟମରେ ସଂଗ୍ରାମ ଜାରି ରଖିଥିଲେ। ଫଳରେ ସରକାର ଏପରି ନିଷ୍ପତ୍ତିରୁ ଓହରିଥିଲେ।

ଗୋଟାଏ ପଟେ ଭାରତର ସାଂଘାତିକ ପରିବେଶ ପ୍ରଦୂଷଣ ସମସ୍ୟା, ଅନ୍ୟପଟେ ପରିବେଶକୁ ସୁରକ୍ଷା ଦେବା ପାଇଁ ତଥା ଜଙ୍ଗଲ, ବନ୍ୟଜନ୍ତୁ, ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସ୍ଥାୟିତ୍ୱ ଲାଗି ଲଢ଼େଇ କରୁଥିବା ବହୁସଂଖ୍ୟକ ପରିବେଶ ସୁରକ୍ଷାକର୍ମୀଙ୍କ ଜୀବନ ବିପଦରେ ଥିବା ଜଣାପଡ଼ିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଆଧାରରେ ବିଶ୍ୱର ୧୫ଟି ସର୍ବାଧିକ ପ୍ରଦୂଷିତ ନଗରୀ ମଧ୍ୟରେ ଭାରତର ୧୪ଟି ସହର ସ୍ଥାନ ପାଇଛି। ୨୦୧୦ରୁ ୨୦୧୬ ମଧ୍ୟରେ ହୋଇଥିବା ଏହି ଅନୁଧ୍ୟାନରେ ପି.ଏମ୍.-୧୦ ମାନଦଣ୍ଡ ଅନୁସାରେ ୧୪ ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ନଗରୀଗୁଡ଼ିକ ମଧ୍ୟରେ ଦିଲ୍ଲୀ ସବୁଠାରୁ ଉପରେ ଅଛି। ନିକଟରେ ଆଇଆଇଟି ଦିଲ୍ଲୀ ସହ ମିଳିତ ହୋଇ ପରିବେଶ ସୁରକ୍ଷା ସଂଗଠନ ଦେଶର ମୋଟ ୩ଟି ରାଜ୍ୟ ସର୍ଭେ କରି ଦେଇଥିବା ରିପୋର୍ଟ ଅନୁସାରେ ବାୟୁ ପ୍ରଦୂଷଣ ଯୋଗୁ ଅକାଳ ମୃତ୍ୟୁସଂଖ୍ୟା ବଢ଼ିଛି। ଅସ୍ୱଚ୍ଛ ଅମ୍ଳଜାନ, ଶ୍ୱାସକ୍ରିୟା ଦ୍ୱାରା ଭାରତର ହୃଦରୋଗୀ, ଫୁସ୍‌ଫୁସ୍ କର୍କଟ, ଆଜ୍‌ମା ରୋଗୀ ସଂଖ୍ୟା ବୃଦ୍ଧି ପାଇବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଛି। ପ୍ରି ମ୍ୟାଚୁଅର ଡେଥ୍ କାନପୁରରେ ସର୍ବାଧିକ। ଯଦି ସରକାର ପ୍ରଦୂଷଣଜନିତ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେବେନାହିଁ କିମ୍ବା ପରିବେଶ ଓ ପ୍ରାକୃତିକ ସମ୍ପଦ ସୁରକ୍ଷା ଦିଗରେ କଠୋର ପଦକ୍ଷେପ ନ ନିଅନ୍ତି ଆଗାମୀ ଦିନରେ ପ୍ରକୃତି ଓ ପାଣିପାଗର ଏକ ବିରାଟ ପରିବର୍ତ୍ତନ ଘଟିବା ସୁନିଶ୍ଚିତ। ଫଳରେ ମାନବ ସମାଜ ଓ ଜୀବଜଗତ ତିଷ୍ଠିବା କଷ୍ଟକର ହୋଇପଡ଼ିବ।

ଧାମନଗର, ଭଦ୍ରକ, ମୋ- ୯୯୩୮୦୮୦୨୯୪

# ଆର୍ଦ୍ରଭୂମିର ସୁରକ୍ଷା



ଡ. କୃପାସିନ୍ଧୁ ଭଟ୍ଟ

ଆର୍ଦ୍ରଭୂମି ସମ୍ମିଳନୀ ହେଉଛି ଏକ ଅନ୍ତର୍ଦ୍ଦେଶୀୟ ଚୁକ୍ତି, ଏହା ଇରାନ୍‌ର ରାମସର ସହରରେ ୧୯୭୧ ମସିହା ଫେବୃୟାରୀ ୨ତାରିଖରେ ୧୮ଟି ଦେଶ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ଏହି ଅନ୍ତର୍ଜାତୀୟ ଆର୍ଦ୍ରଭୂମି ସମ୍ମିଳନୀର ପ୍ରଥମ ଆଭିମୁଖ୍ୟ ଥିଲା ଆର୍ଦ୍ରଭୂମିଗୁଡ଼ିକରେ ବାସ କରୁଥିବା ଜଳଚର ପକ୍ଷୀଙ୍କ ସୁରକ୍ଷା ଓ ସଂରକ୍ଷଣ। ସମୟାନୁକ୍ରମେ ଏହି ସମ୍ମିଳନୀ ଆର୍ଦ୍ରଭୂମିଗୁଡ଼ିକର ସାମଗ୍ରିକ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିଆସୁଛି। ୧୯୭୧ ମସିହାରେ ୧୮ଟି ଦେଶ ଏହାର ସଦସ୍ୟ ଥିବାବେଳେ ୨୦୧୮ ଫେବୃୟାରୀ ସୁଦ୍ଧା ଏହାର ସଦସ୍ୟ ଦେଶ ସଂଖ୍ୟା ୧୭୦ରେ ପହଞ୍ଚିବା ସହିତ ମେ' ୨୦୧୮ ସୁଦ୍ଧା ୨୩୩୧ଟି ରାମସର ସ୍ଥଳୀ ଚିହ୍ନଟ ହୋଇଛି, ଯାହାର ସମୁଦାୟ କ୍ଷେତ୍ରଫଳ ୨.୧ ମିଲିୟନ ବର୍ଗ କି.ମି.। ରାମସର ସମ୍ମିଳନୀର ପ୍ରତିଷ୍ଠାତା ହେଉଛନ୍ତି ଲ୍ୟୁକ୍ ହଫ୍‌ମ୍ୟାନ୍, ଜି.ଭି.ଟି. ମାଥ୍ୟୁସ୍,ଏରିକ୍ କାର୍ପ ଏବଂ ଇସ୍‌କନ୍ଦର ଫିରୋଜ୍। ପ୍ରଥମେ ଦୁଇଟି ଅନ୍ତର୍ଜାତୀୟ ସଂସ୍ଥା ଯଥା ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଏବଂ ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂଗଠନ ଏହି ସମ୍ମିଳନୀରେ ଭାଗ ନେଇଥିଲେ। ସେହିପରି ଏହି ଆର୍ଦ୍ରଭୂମି ସମ୍ମିଳନୀକୁ ରୂପାୟନ କରିବାରେ ୩ ଅନ୍ତର୍ଜାତୀୟ ବେସରକାରୀ ସଂସ୍ଥା ଯଥା ଅନ୍ତର୍ଜାତୀୟ ଜଳଚର ପକ୍ଷୀ ଓ ଆର୍ଦ୍ରଭୂମି ଗବେଷଣା ବ୍ୟୁରୋ (ବର୍ତ୍ତମାନ ଅନ୍ତର୍ଜାତୀୟ ଆର୍ଦ୍ରଭୂମି ସଂସ୍ଥା), ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ଓ ବିଶ୍ୱ ବନ୍ୟଜନ୍ତୁ ନିଧି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବର୍ତ୍ତମାନ ୬ ଅନ୍ତର୍ଜାତୀୟ ବେସରକାରୀ ସଂସ୍ଥା ସମ୍ମିଳନୀର ଅନ୍ତର୍ଜାତୀୟ ସହାୟକ ସଂସ୍ଥା ଭାବରେ ସ୍ୱୀକୃତିପ୍ରାପ୍ତ ହୋଇଛନ୍ତି। ପ୍ରଥମ ରାମସର ସ୍ଥଳୀ ହେଉଛି ଅଷ୍ଟ୍ରେଲିଆ ଉତ୍ତରାଞ୍ଚଳର କୋବାର୍ଗ ଉପଦ୍ୱୀପ, ଯାହାକି ୮।୫।୧୯୭୪ରେ ସ୍ୱୀକୃତି ପାଇଥିଲା। ଇଂଲଣ୍ଡରେ ସର୍ବାଧିକ ୧୭୦ ଆର୍ଦ୍ରଭୂମି ଅଞ୍ଚଳ ଚିହ୍ନିତ ହୋଇଥିବାବେଳେ ବଲିଭିଆରେ ସର୍ବାଧିକ ୧୪୦ ଲକ୍ଷ ବର୍ଗ କିମି ଆର୍ଦ୍ରଭୂମି ଅଞ୍ଚଳ ରହିଛି।

ଆର୍ଦ୍ରଭୂମି ବା ଜଳାଭୂମି ଏହି ସବୁ ସ୍ଥାନକୁ ବୁଝାଇଥାଏ ଯାହା ବର୍ଷସାରା ଜଳ ଥିବା ଅଗଭୀର ଅଞ୍ଚଳ। ଏହା ସନ୍ତସନ୍ତିଆ କିମ୍ବା ଜଳର ଉପରିଭାଗ ଘାସ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଏହା ପ୍ରାକୃତିକ କିମ୍ବା କୃତ୍ରିମ, ଏହି ଜଳାଧାର ଚିରସ୍ଥାୟୀ କିମ୍ବା ସାମୟିକ, ଏହା ସ୍ଥିର କିମ୍ବା ପ୍ରବହମାନ ଏବଂ ଏହା ମଧୁର ଜଳ, କ୍ଷାର ଜଳ କିମ୍ବା ଲବଣ ଜଳ ହୋଇପାରେ, ଯାହାର କି ଗଭୀରତା ୬.୦ ମିଟର ଭିତରେ ହୋଇଥିବ। ଏହି ଜଳାଧାର ସାଧାରଣତଃ ୫ ଭାଗରେ ବିଭକ୍ତ, ଯଥା- (କ) ସାମୁଦ୍ରିକ- ଏଥିରେ ଉପକୂଳ ହ୍ରଦ, ପଥୁରିଆ ବେଳାଭୂମି, ପ୍ରବାଳ ପ୍ରାଚୀର ଅନ୍ତର୍ଭୁକ୍ତ, (ଖ) ସମୁଦ୍ର ମୁହାଣ ଅଞ୍ଚଳ- ଏଥିରେ ତ୍ରିକୋଣଭୂମି, ଜୁଆରିଆ ଘାସୁଆ

### ବିଶ୍ୱ ଆର୍ଦ୍ରଭୂମି ଦିବସ ଉପଲକ୍ଷେ

ଅଞ୍ଚଳ ଏବଂ ହେନ୍ତାଳବଣର ସନ୍ତସନ୍ତିଆ ଅଞ୍ଚଳ ଅନ୍ତର୍ଭୁକ୍ତ, (ଗ) ହ୍ରଦାଞ୍ଚଳ- ହ୍ରଦ ସହିତ ମିଶିକରି ଥିବା ଅଞ୍ଚଳ, (ଘ) ନଦୀକୂଳ ଅଞ୍ଚଳ- ନଦ, ନଦୀ ଓ ନାଳ ଅଞ୍ଚଳ, (ଙ) ସନ୍ତସନ୍ତିଆ ଅଞ୍ଚଳ ଏହାର ଅନ୍ତର୍ଭୁକ୍ତ। ଆର୍ଦ୍ରଭୂମି ଜୈବବିବିଧତାକୁ ଧରି ରଖିଥାଏ। ଏହା ଜଳ ଏବଂ ଜଳଜ ଉଦ୍ଭିଦରୁ ପ୍ରାଥମିକ ଉତ୍ପାଦକ ତିଆରି କରିଥାଏ, ଯାହା ଉପରେ କି ଅଗଣିତ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀ ନିର୍ଭର କରିଥାଆନ୍ତି। ଏତଦ୍‌ବ୍ୟତୀତ ଏହି ଜଳାଭୂମି ମଧ୍ୟ ବିଭିନ୍ନ ପ୍ରଜାତିର ପକ୍ଷୀ, ସ୍ତନ୍ୟପାୟୀ ଜୀବ, ସରୀସୃପ, ଉଭୟଚର ଜୀବ, ମାଛ ଓ ଅମେରୁଦଣ୍ଡୀ ପ୍ରାଣୀଙ୍କର ଆବାସସ୍ଥଳୀ ରୂପେ ବିବେଚିତ ହୋଇଥାଏ। ରାମସର ସମ୍ମିଳନୀ ୧୯୯୬ ମାର୍ଚ୍ଚରେ ହୋଇଥିଲା ଏବଂ ସେହି ବର୍ଷ ଅକ୍ଟୋବରରେ ଏହାର ସ୍ଥାୟୀ କମିଟି ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ରୂପେ ପାଳନ କରିବା ନିମନ୍ତେ ସ୍ୱୀକୃତି ଦେଇଥିଲା। ୧୯୯୭ ଫେବୃୟାରୀ ୨କୁ ପ୍ରଥମ ବିଶ୍ୱ ଆର୍ଦ୍ରଭୂମି ଦିବସ ରୂପେ ପାଳନ କରାଗଲା।

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିର୍ଦ୍ଦେଶରେ ୧୯୯୮ରୁ ଭାରତରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହେଉଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୨୬ଟି ରାମସର ସ୍ଥଳୀ ଚିହ୍ନିତ ହୋଇଛି ଏବଂ ତନ୍ମଧ୍ୟରୁ ଓଡ଼ିଶାର ଚିଲିକା ଓ ଭିତରକନିକା ଅନ୍ୟତମ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଚିଲିକାର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରିବା ସହିତ ବିଭିନ୍ନ ସଭାସମିତି ମାଧ୍ୟମରେ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି। ୧୯୯୮ରୁ ୨୦୧୯ ପର୍ଯ୍ୟନ୍ତ ଚିଲିକାର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରାଯାଉଛି ଏବଂ ଏହାର ଶୀର୍ଷକ ବିଷୟ ବିଭିନ୍ନ ବର୍ଷରେ ଭିନ୍ନ ଭିନ୍ନ ରହିଥାଏ। ଏହି ଶୀର୍ଷକ ବିଷୟବସ୍ତୁକୁ ନେଇ ଚିଲିକା ଉପକୂଳର ବିଭିନ୍ନ ଅଞ୍ଚଳର ସ୍କୁଲ ପିଲାଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥାଏ। ଏଥିରେ ସମ୍ପୃକ୍ତ ଅଞ୍ଚଳର ସ୍କୁଲ ପିଲାଙ୍କ ସହିତ ନିକଟସ୍ଥ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକେ, ମତ୍ସ୍ୟଜୀବୀ ଓ ବିଭିନ୍ନ ସରକାରୀ ଅଧିକାରୀମାନଙ୍କୁ ସମ୍ପୃକ୍ତ କରାଯାଇ ସଭାସମିତି ମାଧ୍ୟମରେ ଉକ୍ତ ଦିବସର ତାତ୍ପର୍ଯ୍ୟ ବିଷୟରେ ସମ୍ୟକ୍ ଧାରଣା ଦିଆଯାଇଥାଏ। ବିଶ୍ୱ ଆର୍ଦ୍ରଭୂମି ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ବିତରଣ କରାଯାଇଥାଏ। ଉକ୍ତ ସଭାର କାର୍ଯ୍ୟାବଳୀକୁ ରାମସର ସମ୍ମିଳନୀର ମୁଖ୍ୟ ଦପ୍ତରକୁ ପ୍ରେରଣ କରାଯାଇଥାଏ। ଚଳିତ ବର୍ଷର ଶୀର୍ଷକ ହେଉଛି 'ଆର୍ଦ୍ରଭୂମି ଓ ଜଳବାୟୁ ପରିବର୍ତ୍ତନ'। ଏହି ବର୍ଷ ଜାତୀୟସ୍ତରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ଓଡ଼ିଶାର ଦ୍ୱିତୀୟ ରାମସର ସ୍ଥଳୀ ଭିତରକନିକାରେ ପାଳିତ ହେଉଛି। ଆର୍ଦ୍ରଭୂମିର ସୁରକ୍ଷା ହିଁ ସୃଷ୍ଟିର ସୁରକ୍ଷା, ଜୀବଜଗତର ସୁରକ୍ଷା।

E-mail: bhattaks@yahoo.co.uk

## ଏଇ ଭାରତରେ

ମଣିଷ ଅପରାଧ କଲେ ଜେଲ୍ ଯିବା କଥା ଆମେ ଜାଣୁ। କିନ୍ତୁ ଜ୍ଞାନହୀନ ପଶୁ ଯଦି ଭୁଲ୍ କରିବସନ୍ତି ତେବେ ସେମାନଙ୍କୁ ହିଁ ଜେଲ୍‌ଦଣ୍ଡ ଭୋଗ କରିବାକୁ ପଡୁଛି। ଏପରି ଏକ ଅଭିନବ ଘଟଣା ଘଟିଛି ଲକ୍ଷ୍ନୌରେ। ଗଧ ଓ ଘୋଡ଼ାକୁ ସେମାନଙ୍କ ଅପରାଧ ପାଇଁ ୩ ଦିନ ଜେଲ ଜୀବନ କାଟିବାକୁ ପଡିଛି। ଉତ୍ତରପ୍ରଦେଶର ଜାଲୌନରେ ଘଟିଥିବା ଏହି ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଛି। ୨ଟି ଗଧ ଏବଂ ୨ଟି ଘୋଡାଙ୍କୁ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ସ୍ଥାନୀୟ ଜିଲା ଜେଲ ପରିସରରେ ଥିବା ଫୁଲଗଛକୁ ଖାଇବା ଅପରାଧରେ ଗଧ ଓ ଘୋଡାଙ୍କୁ ଜେଲର ୩ ଦିନ ପାଇଁ ଜେଲ୍‌ରେ ବନ୍ଦକରି ରଖିଥିଲେ। ମାଲିକ ଆସିବା ପରେ ଗଧ-ଘୋଡାଙ୍କୁ ଜେଲରୁ ମୁକ୍ତି ମିଳିଥିଲା। ସୌନ୍ଦର୍ଯ୍ୟକରଣ ପାଇଁ ଜେଲ ପରିସରରେ ଫୁଲଗଛ ଲଗାଯାଇଥିଲା। ତେବେ ଏହାକୁ ଗଧ, ଘୋଡା ଖାଇବା ସହିତ ନଷ୍ଟ କରିଦେବାରୁ ଦୁଇ ନିରୀହ ପଶୁଙ୍କୁ ଏଭଳି ଦଣ୍ଡ ମିଳିଥିଲା। ଜେଲରଙ୍କ ଏପରି କାର୍ଯ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି।

## ଚିରନ୍ତନୀ

ଜଗତର ଜରାରାଶି ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର ତବ ନବ ଗଉରବ ଗାନ।

(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨ ଫେବୃୟାରୀ ୧୯୯୪**

- ଆମେରିକା ଗୋଇନ୍ଦା ସଂସ୍ଥାର ସ୍ପାଇ ଏୟାରକ୍ରାଫ୍ଟଗୁଡିକ ଇଟାଲୀର ଆକାଶବାହିନୀ ଘାଟିରୁ ପୂର୍ବତନ ଯୁଗୋସ୍ଲାଭିଆ ଅଞ୍ଚଳ ଅବଲୋକନ ପ୍ରସ୍ତାବକୁ ଇଟାଲୀର ଅଗ୍ରାହ୍ୟ।
- ବାଳିକା ସାକ୍ଷରତା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଫ୍ରାନ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସେଠାରେ ଶତକଡା ୧୦୦ଭାଗ ବାଳିକା ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ନେଇ ଏକ ରିପୋର୍ଟ ପ୍ରକାଶ।
- ପ୍ରକୃତ ନିୟନ୍ତ୍ରଣରେଖା ସୀମାନ୍ତରୁ ସେନା ଅପସାରଣ ନେଇ ଭାରତ ଏବଂ ଚାଇନା ମଧ୍ୟରେ ଆଲୋଚନା ଆରମ୍ଭ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 8 | 6 | | 2 | 4 | | | | E | |
| | 0 | | | | 3 | | A | | B | | | | | |
| 5 | | 1 | B | | | | | 8 | | | 7 | A | | |
| | | | 4 | | 9 | | B | D | | | 1 | | | |
| 9 | | 6 | | | | C | | | | | | | | B |
| | | D | | | | | E | | | | | | 6 | |
| 4 | | B | 6 | 2 | | | | 3 | | | | | | C |
| 2 | | | | | | D | | | 8 | | 0 | | | 3 |
| | E | 7 | A | | | | | 1 | 2 | | | | | 4 |
| A | 5 | | 3 | | 7 | | | | C | B | | | | 2 |
| | 6 | A | | C | | | 5 | | | 4 | | | | 9 |
| C | | | | | | 1 | | | | | | | | |
| E | | 0 | D | | B | | | | | | | | 1 | A |
| 1 | 7 | | 8 | | 0 | 3 | C | | | 9 | D | | | |
| | | 5 | 2 | | A | | 8 | | 0 | 6 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 2 | 1 | 9 | E | D | C | A | 5 | 0 | 6 | 7 | 4 | 8 |
| 5 | C | 4 | A | B | D | 1 | 8 | 6 | 2 | 7 | 9 | 0 | E | 3 |
| 1 | E | 0 | 5 | 6 | 2 | 7 | 9 | 4 | D | 3 | 8 | C | A | B |
| A | 7 | 9 | 0 | 4 | 8 | B | 3 | 2 | E | 1 | C | 5 | D | 6 |
| 6 | 8 | D | 3 | C | 7 | E | 0 | 5 | B | 4 | A | 2 | 1 | 9 |
| E | 9 | C | 8 | 0 | 1 | 2 | 4 | D | 6 | B | 7 | A | 3 | 5 |
| 0 | D | 1 | 9 | 3 | 4 | 8 | 6 | 7 | A | C | 5 | E | B | 2 |
| 8 | 2 | 3 | 7 | A | 5 | C | B | 9 | 1 | E | D | 6 | 0 | 4 |
| 7 | A | 6 | C | E | B | 5 | 1 | 0 | 4 | 2 | 3 | 8 | 9 | D |
| B | 4 | 5 | 2 | D | 6 | A | E | 3 | 9 | 8 | 0 | 1 | C | 7 |
| 9 | 5 | B | 6 | 8 | A | 0 | 7 | 1 | 3 | D | E | 4 | 2 | C |
| 4 | 0 | 8 | E | 5 | 3 | 6 | D | B | C | A | 2 | 9 | 7 | 1 |
| D | 6 | E | 4 | 7 | C | 3 | 2 | 8 | 0 | 9 | 1 | B | 5 | A |
| C | 1 | A | D | 2 | 9 | 4 | 5 | E | 7 | 6 | B | 3 | 8 | 0 |
| 2 | 3 | 7 | B | 1 | 0 | 9 | A | C | 8 | 5 | 4 | D | 6 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡବିଧାନ ସ୍ୱାଗତଯୋଗ୍ୟ

ମହାଶୟ,

ଢେଙ୍କାନାଳ କମଳାଙ୍ଗଠାରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣାରେ ନ୍ୟାଶ୍‌ନାଲ ଗ୍ରୀନ୍ ଟ୍ରାଇବୁନାଲଙ୍କ ଦଣ୍ଡବିଧାନ ସ୍ୱାଗତଯୋଗ୍ୟ। ବିଳମ୍ବରେ ହେଲେ ମଧ୍ୟ ଠିକ୍ କାର୍ଯ୍ୟାନୁଷ୍ଠାନ ହୋଇଛି। ପୂର୍ଣ୍ଣାଙ୍ଗ ତଦନ୍ତ ପରେ ସମସ୍ତ ଦୋଷୀ ସେସୁ କର୍ମଚାରୀ ଓ ବନବିଭାଗ ଅଧିକାରୀଙ୍କୁ ଉପଯୁକ୍ତ ଅର୍ଥଦଣ୍ଡ ସହିତ ଜେଲଦଣ୍ଡରେ ଦଣ୍ଡିତ କଲେ ଏହା ଭବିଷ୍ୟତ ପାଇଁ ଏକ ଚେତାବନୀ ହେବ। ନିଜଆଡୁ ମାମଲା ରୁଜୁ କରି ଦଣ୍ଡ ପ୍ରଦାନ କରିଥିବାରୁ ଏନ୍‌ଜିଟିଙ୍କୁ ସାଧୁବାଦ ଜଣାଉଛୁ। ବିଦ୍ୟୁତ୍ ସଂଯୋଗ ଓ ପରିବହନ କ୍ଷେତ୍ରରେ ଶତପ୍ରତିଶତ ସାବଧାନତା ଅବଲମ୍ବନ କଲେ ଅମୂଲ୍ୟ ବନ୍ୟପ୍ରାଣୀ ତଥା ମୂଲ୍ୟବାନ ଜନଜୀବନ ସୁରକ୍ଷିତ ରହିପାରନ୍ତା।

ଅରୁଣ କୁମାର ଦାସ, ବଳରାମପୁର, କେନ୍ଦୁଝରଗଡ଼, କେନ୍ଦୁଝର

### ବେଶି ଦିନ ରହିଲେ ବିପଦ

ଧରିତ୍ରୀ (୧୨।୧)ରେ କେତେକ ପୋଲିସ ଅଫିସର ଭୁବନେଶ୍ୱର ଓ କଟକରେ ବହୁଦିନ ଧରି ରହି ବଦଳି ହେଲେ ମଧ୍ୟ ଗାଦି ଛାଡୁନାହାନ୍ତି ବୋଲି ଖବର ପ୍ରକାଶ ପାଇଛି। ଅବଶ୍ୟ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ କିଛିବର୍ଷ ରହିଲେ ସେ ସ୍ଥାନ ପ୍ରତି ମାୟା ଲାଗିଯାଏ। ଅବଶ୍ୟ ପାରିବାରିକ କାରଣରୁ ଅନେକେ ବଦଳିକୁ ଗ୍ରହଣ କରି ନ ପାରି ଧରାଧରି କରି ବାତିଲ କରିଦିଅନ୍ତି। ଅବଶ୍ୟ କର୍ମଚାରୀ ଯେଉଁଠାକୁ ଗଲେ ମଧ୍ୟ ନିଜ କର୍ତ୍ତବ୍ୟ କରିବେ। କିନ୍ତୁ ପେଇଙ୍ଗ୍ ଷ୍ଟେଶନରେ ବେଶି ଦିନ ରହିଲେ ଭିଜିଲାନ୍ସ ଦୃଷ୍ଟିକୁ ଆସିବା ସ୍ୱାଭାବିକ। ତେଣୁ ଯେତିକି ମିଳିଲା ସେତିକି ନେଇ ଚାଲ। ଅପେକ୍ଷା କଲେ ବିପଦ ଆସିବା ଅସମ୍ଭବ ନୁହେଁ। ଯଦି ଭିଜିଲାନ୍ସ ଜାଲରେ ପଡ଼ିଲ ତେବେ ସିଧା ମାମୁଘର।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କିଡ୍‌ନୀ ରୋଗରେ ମହିଳାଙ୍କ ମୃତ୍ୟୁ

ନାଉଗାଁ,୧।୨(ସ୍ୱ.ପ୍ର.): ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତର ଶୁଣୁଳ ଗ୍ରାମରେ ମଙ୍ଗଳବାର କିଡ୍‌ନୀ ରୋଗରେ ଜଣେ ଦଳିତ ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ସେ ହେଲେ ଲିପିନା ଭୋଇ(୨୮)। ସେ ଦିନମଜୁରିଆ ଭାବେ କାଳାତିପାତ କରୁଥିଲେ। ୬ ମାସ ହେଲା ତାଙ୍କର ଦୁଇ କିଡ୍‌ନୀ ନଷ୍ଟ ହୋଇଯାଇଥିଲା। ଗ୍ରାମବାସୀ ଓ ଓମ୍ ବାବା ୟୁଥ୍ କ୍ଲବ ସହାୟତାରେ ସେ ଚିକିତ୍ସିତ ହେଉଥିଲେ। ସ୍ୱାମୀ ସୁବଳ ଭୋଇ ମଧ ଜଣେ ଦିନ ମଜୁରିଆ। ତାଙ୍କର ୫ ବର୍ଷର ଏକମାତ୍ର ପୁଅ ରହିଛି। ତାଙ୍କ ଶୁଦ୍ଧିକ୍ରିୟା କରିବା ପାଇଁ ସୁବଳଙ୍କ ପାଖରେ ଆବଶ୍ୟକ ଅର୍ଥ ନାହିଁ। ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ସମେତ କ୍ଲବ୍‌ର ସଦସ୍ୟ ବିକ୍ରମ ଦାସ, କାର୍ତ୍ତିକ ପରିଡ଼ା ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଶିଶୁମନ୍ଦିର ସମାବର୍ତ୍ତନ ଉତ୍ସବ

ପାରାଦୀପ,୧।୨(ସ୍ୱ.ପ୍ର.): ପାରାଦୀପ ଉପକଣ୍ଠ ନୂଆଗଡ଼ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଥମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ଜଣାଇବା ପାଇଁ ୭ମ ଶ୍ରେଣୀ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଉତ୍ସବ ଆୟୋଜନ କରିଥିଲେ। ପ୍ରଧାନ ଶିକ୍ଷକ ବାବୁରାମ ବାରିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ୍ୟଲକ୍ଷ୍ମୀ ନାୟକ, ପ୍ରେମଲତା ରାଉତ, ନଳିନୀ ପ୍ରିୟଦର୍ଶିନୀ ସ୍ୱାଇଁ, କେତନ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତି ଦାବିରେ ବିଶୋଧନାଗାର ଘେରାଉ

ପାରାଦୀପ,୧।୨ (ସ୍ୱ.ପ୍ର.)


ବିଶୋଧନାଗାର ସମ୍ମୁଖରେ ଧାରଣାରତ ଜମିହରା କୃଷକ ମଞ୍ଚର କର୍ମକର୍ତ୍ତା ଓ ଚାଷୀ।

**ଜମିହରା କୃଷକ ଏକତା ମଞ୍ଚର ଧାରଣା**
- ନିଯୁକ୍ତି ପରେ ଯାଇ ପ୍ରତ୍ୟାହାର ହେବ
- କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆନ୍ଦୋଳନ

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ସମ୍ମୁଖରେ ଶୁକ୍ରବାର ପୁଣି ଥରେ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ଏଥର ଦାବି ହାସଲ ହେବା ପରେ ଧାରଣା ପ୍ରତ୍ୟାହୃତ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଆସନ୍ତା ୬ ତାରିଖରେ ପାରାଦୀପ ଗସ୍ତରେ ଆସୁଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ଏହି ଧାରଣା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏହା ରାଜନୈତିକ ମୋଡ଼ ନେବାର ସମ୍ଭାବନା ମଧ୍ୟ ରହିଛି। ତୈଳ ବିଶୋଧନାଗାର ପ୍ରକଳ୍ପ ପାଇଁ ଜମି ହରାଇଥିବା ୧୭୫୨ ପରିବାରକୁ ନେଇ ଏହି ଏକତା ମଞ୍ଚ ଗତ ଦଶନ୍ଧୀ ଧରି ନିଯୁକ୍ତି ପାଇଁ ସଂଗ୍ରାମ କରିଆସୁଛି। ଏପରିକି ୧୦ରୁ ଅଧିକ ଥର ଗଣଧାରଣା ଦିଆଯାଇଛି। ସବୁଥର ପ୍ରଶାସନିକ ଆଲୋଚନା ଓ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ପୂରଣ କରାଯାଇନାହିଁ। ଲଗାତାର ଧାରଣା, ଅର୍ଥନୈତିକ ଅବରୋଧ ଯୋଗୁ ମଞ୍ଚର ଶତାଧିକ ଲୋକ ବହୁବାର ଜେଲ୍ ଯାଇଛନ୍ତି। ସବୁ ପରେ ମଧ ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢୁନାହିଁ ବୋଲି ମଞ୍ଚର ମୁଖ୍ୟ ଅଭୟ କୁମାର ସାହୁ କହିଛନ୍ତି। ତେଣୁ ଏବେ ନିର୍ଣ୍ଣାୟକ ଧାରଣା ଦିଆଯାଇଛି। ୧୭୫୨ ପରିବାର ସଦସ୍ୟଙ୍କୁ ପ୍ରକଳ୍ପର ଯେକୌଣସି କାର୍ଯ୍ୟରେ ନିୟୋଜନ ବ୍ୟବସ୍ଥା କରାଗଲା ପରେ ଯାଇ ଧାରଣା ପ୍ରତ୍ୟାହାର ହେବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଫେବୃୟାରୀ ୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଏହି ମଞ୍ଚ ସପ୍ତାହ ବ୍ୟାପୀ ଧାରଣା ଦେଇଥିଲା। ସେତେବେଳେ ବିଶୋଧନାଗାର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ଯେ ଲୋକାର୍ପଣ ପରେ ବର୍ଷକ ମଧ୍ୟରେ ପର୍ଯ୍ୟାୟ କ୍ରମେ ଠିକା ସଂସ୍ଥାରେ ନିଯୁକ୍ତି ବ୍ୟବସ୍ଥା କରାଯିବ। ଏହା ମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ତାହା ପୂରଣ କରାଯାଇନାହିଁ। ଏବେ ପୁଣି ଏକାଧିକ କେନ୍ଦ୍ରମନ୍ତ୍ରୀ ପାରାଦୀପ ଗସ୍ତରେ ଆସୁଛନ୍ତି। ଏହା ପୂର୍ବରୁ ମଞ୍ଚ ଧାରଣା କେଉଁ ମୋଡ଼ ନେଉଛି ଦେଖିବାର ଅଛି।

# ସୂଚନା ଅଧିକାର କର୍ମୀଙ୍କ ଧାରଣା

## ଦରମା ପାଇଁ ଆନ୍ଦୋଳନ କଲେ ମାଳୀ

ପାରାଦୀପ,୧।୨(ସ୍ୱ.ପ୍ର.)

କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ ଚଳିତ ସପ୍ତାହରେ ପାରାଦୀପ ଗସ୍ତରେ ଆସୁଛନ୍ତି। ତାଙ୍କ ସହିତ ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀ ମଧ ଆସିବେ। ତେବେ ଏହାର ଅବ୍ୟବହିତ ପୂର୍ବରୁ ଦୁଇଟି ବିରୋଧାତ୍ମକ ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ କେନ୍ଦ୍ରାପଡ଼ାର କେତେଜଣ ସୂଚନା ଅଧିକାର କର୍ମୀ ନିଆରା ଢଙ୍ଗରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଝାଞ୍ଜ ଧରି ସେମାନେ କବିତା ଆବୃତି କରି ବିରୋଧ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ସୂଚନା ଅଧିକାରରେ ତଥ୍ୟ ମାଗିଲେ ତାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ମିଳୁନାହିଁ। ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ କୁହନ୍ତି, ସେ ବନ୍ଦରର ସିଏସ୍‌ଆର (ସାମାଜିକ ଦାୟିତ୍ୱବୋଧ ପାଣ୍ଠି) ଖର୍ଚ୍ଚର ବିବରଣୀ ୨୦୧୮ ଅକ୍ଟୋବର ୨୨ରେ ମାଗିଥିଲେ। ତାଙ୍କୁ ୧୩ଟି ସୂଚନା ମଧ୍ୟରୁ ମାତ୍ର ଗୋଟିଏର ଅସମ୍ପୂର୍ଣ୍ଣ ତଥ୍ୟ ମିଳିଛି। ଅନ୍ୟ ତଥ୍ୟ ପାଇଁ ପ୍ରଥମ ଆବେଦନ ଗ୍ରହଣକାରୀଙ୍କ ପାଖରେ ଅଭିଯୋଗ କଲେ ତାହାର ଉତ୍ତର ମିଳୁନି। ଆଇନଗତ ଭାବେ ଆଗକୁ ଗଲେ ଲମ୍ବା ସମୟ ଲାଗୁଛି। ତେଣୁ ଏଭଳି ପ୍ରତିକାତ୍ମକ ବିରୋଧ କରିଛୁ। ଆଗାମୀ ଦିନରେ ଏହା ବ୍ୟାପକ ରୂପ ନେବ ବୋଲି ସେ କହିଛନ୍ତି। ସେମାନେ ଯିବା ପରେ ପ୍ରଶାସନିକ ଭବନର ଚତୁଃପାର୍ଶ୍ୱରେ କାମ କରୁଥିବା ମାଳି (ବଗିଚା ଶ୍ରମିକ) ହଠାତ୍ କାମ ବନ୍ଦ କରି ଧାରଣା ଦେଇଥିଲେ। ସେମାନଙ୍କୁ ଗତ ୭ ମାସ ହେଲା ଦରମା ମିଳିନାହିଁ। ଓଏଫ୍‌ଡିସି (ଓଡ଼ିଶା ଫରେଷ୍ଟ ଡିଭିଜନ କର୍ପୋରେଶନ) ଠିକାଦାର ସେମାନଙ୍କୁ ଦରମା ଦେଉନାହିଁ। ବନ୍ଦର ଅଧିକାରୀମାନେ ଆସି ସେମାନଙ୍କୁ ବୁଝାଶୁଝା କରି ଶାନ୍ତ କରାଇଥିଲେ। ସୂଚନାଯୋଗ୍ୟ, ବନ୍ଦରର ବନୀକରଣ ଓ ସୌନ୍ଦର୍ଯ୍ୟକରଣ ଗଛ ଲଗାଇବା ପାଇଁ ଓଏଫ୍‌ଡିସିକୁ କାମ ଦିଆଯାଇଛି। ଓଏଫଡିସି ପ୍ରଦୀପ ସେଠୀ ନାମକ ଠିକାଦାରଙ୍କୁ କାମ ଦେଇଛି। ସମ୍ପୃକ୍ତ ଠିକାଦାର ଶ୍ରମିକଙ୍କୁ ଧରମା ଦେଇନାହାନ୍ତି। ବନ୍ଦର ଅଧିକାରୀମାନେ ଖୋଳତାଡ଼ କରିବା ପରେ ଦରମା ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି।



ବନ୍ଦର ପ୍ରଶାସନିକ ଭବନ ଆଗରେ ଧାରଣାରତ ସୂଚନା ଅଧିକାର କର୍ମୀ।

# ଚାଷୀଙ୍କୁ ମିଳୁନି କ୍ଷତିପୂରଣ, ଆନ୍ଦୋଳନ ଚେତାବନୀ

ଏରସମ,୧।୨(ସ୍ୱ.ପ୍ର.)


କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଜଣାଉଥିବା ଜନପ୍ରତିନିଧି ଓ ଚାଷୀ।

ଏରସମା ବ୍ଲକ କାଣିପଦା ଗ୍ରାମର ଚାଷୀମାନେ ୨ ବର୍ଷ ପରେ ମଧ ଫସଲ ହାନିଜନିତ କ୍ଷତିପୂରଣ ପାଇନାହାନ୍ତି। ବାରମ୍ବାର ଏନେଇ ତହସିଲକୁ ଯାଇ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ। ତେଣୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ୨୦୧୭ରେ ଜମିରେ ଧାନ ପାଚିଲା ବେଳକୁ ଅଦିନିଆ ବର୍ଷା ଦାଉ ସାଧିଥିଲା। ପାଚିଲା ଧାନ ଉଦବୃତ ବର୍ଷା ଜଳରେ ଗଜା ହୋଇଯାଇଥିଲା। ଶତାଧିକ ଏକର ଚାଷଜମିରୁ ଜଳ ନିଷ୍କାସନ ହୋଇପାରି ନ ଥିଲା। ତେଣୁ ଚାଷୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାର ଘୋଷଣା କରିଥିଲେ। ତଦନ୍ତ ପରେ କ୍ଷତିପୂରଣ ପାଇଁ ଚାଷୀମାନେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ମଧ ପ୍ରକାଶ ପାଇଥିଲା। କିନ୍ତୁ ୨ ବର୍ଷ ବିତିଯାଇଥିଲେ ମଧ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ତେଣୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ୱାର୍ଡ ସଭ୍ୟା ଲୀନା ଲେଙ୍କା, ସଚଳା ବେଉରା, ପୁରୁଷୋତ୍ତମ ମଲ୍ଲିକ, ଧିରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

# ଖବରଦାତାଙ୍କ ଦାବିପତ୍ର

ପାରାଦୀପ,୧।୨(ସ୍ୱ.ପ୍ର.): ପାରାଦୀପ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କର୍ତ୍ତବ୍ୟରତ ଖବରଦାତାମାନେ ଏବେ ଆକ୍ରମଣର ଶିକାର ହେଉଛନ୍ତି। ସାଧାରଣ ନିର୍ବାଚନ ମୁଣ୍ଡ ଉପରେ। ଏଭଳି ସ୍ଥିତିରେ ଖବରଦାତାଙ୍କୁ ଆକ୍ରମଣ ହେବାର ଭୟ ଘାରିଲାଣି। ତେଣୁ ଏଥିପ୍ରତି ଦୃଷ୍ଟି ଦେବା ବିଶେଷ କରି ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇବା ଦାବିରେ ପାରାଦୀପର ଖବରଦାତାମାନେ ଶୁକ୍ରବାର ଏଡିଏମ୍ କାହ୍ନୁଚରଣ ଧିର ଓ ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ଓ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ବଜେଟ ପ୍ରତିକ୍ରିୟା

**କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋଏଲ ଚଳିତ ବର୍ଷର ଅନ୍ତରୀଣ ବଜେଟ ଶୁକ୍ରବାର ଉପସ୍ଥାପନ କରିଛନ୍ତି। ଏଥିରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ଅର୍ଥ ବ୍ୟବସ୍ଥା ସହିତ ନୂତନ ଚିନ୍ତାଧାରା ପ୍ରକାଶ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।**


ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କ ବିକାଶକୁ ଅଣଦେଖା କରିଆସୁଛନ୍ତି। ମାତ୍ର ନିର୍ବାଚନ ପାଖେଇ ଆସୁଥିବା ଯୋଗୁ କୃଷକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ କେନ୍ଦ୍ର ସରକାର ଚଳିତ ବଜେଟରେ କୃଷକଙ୍କ ଗୋଲାପି ଭବିଷ୍ୟତର ଚିତ୍ର ଦେଖାଇଛନ୍ତି। ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଭଳି କେନ୍ଦ୍ର ସରକାର କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କା ସହାୟତା ରାଶି ଦେବାକୁ ବ୍ୟବସ୍ଥା କରିଛନ୍ତି। ବଜେଟରେ ଯୁବବର୍ଗଙ୍କ କର୍ମନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇନାହିଁ।

**-ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କେନ୍ଦ୍ରାପଡ଼ା**


କୃଷି ଓ ଶ୍ରମିକଙ୍କୁ ସୁହାଇବା ଭଳି ବଜେଟରେ ଘୋଷଣା ହୋଇଛି। ୬୦ ବର୍ଷ ପରେ ୩ ହଜାର ଟଙ୍କା ମାସିକ ପେନ୍‌ସନ ବୃଦ୍ଧାବସ୍ଥାରେ ବହୁ କାର୍ଯ୍ୟରେ ଆସିବ। ସେହିପରି ମଧ୍ୟବିତ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କା ଆୟକର ଛାଡ୍ ସ୍ୱାଗତଯୋଗ୍ୟ ପଦକ୍ଷେପ।

**-ସାମାଜିକ କର୍ମୀ ଅମରବର ବିଶ୍ୱାଳ, କେନ୍ଦ୍ରାପଡ଼ା**


ଏଥର ବଜେଟରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ କମିବା ଆଶା ଥିଲା। ଏ ସମ୍ପର୍କରେ କୌଣସି ଯୋଜନା ନଥିବା ବେଳେ ପରିବହନ କ୍ଷେତ୍ରରେ ଆଗଭଳି ଭଡ଼ା ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ବ୍ୟବସାୟୀ ଗୋଷ୍ଠୀଙ୍କୁ ଏହି ବଜେଟ ସୁହାଇବ। ପ୍ରଥମେ ନୋଟବନ୍ଦୀ, ପରେ ଜିଏସ୍‌ଟି, ଏଫ୍‌ଡିଆଇ ଆଦିକୁ ମୋଦି ସରକାର ଲାଗୁ କରିଛନ୍ତି। ଏଫଡିଆଇରେ ବିଦେଶାଗତ କମ୍ପାନୀ ସୁବିଧା ପାଇବାକୁ ଥିବାବେଳେ ଦେଶର କୃଷକଙ୍କ ଉତ୍ପାଦର ସହାୟକ ମୂଲ୍ୟ ବୃଦ୍ଧିକୁ ଏଡାଇ ଯାଇଛନ୍ତି।

**- ଶୈଳବାଳା ରାଉତ, ଗୃହିଣୀ, ବାରହାପୁର, କେନ୍ଦ୍ରାପଡା**


କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟ ସମ୍ପୂର୍ଣ୍ଣ ଭାବେ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ୫ବର୍ଷ ପର୍ଯ୍ୟନ୍ତ କାହିଁକି କେନ୍ଦ୍ର ସରକାର ଚାଷୀଙ୍କ କଥା ଚିନ୍ତା କରି ନ ଥିଲେ, ତାର ଉତ୍ତର ସରକାର ରଖିବେ କି? ଶିକ୍ଷା କ୍ଷେତ୍ରକୁ ବଜେଟରେ ଅବହେଳା କରାଯାଇଛି। ଯେଉଁ ବର୍ଗର ଲୋକଙ୍କୁ ପୂର୍ବରୁ ଅବହେଳା କରାଯାଇ ଆସୁଛି ସେମାନଙ୍କ ପାଖରୁ ଭୋଟ ପାଇବାକୁ ଏଭଳି ବଜେଟ ହୋଇଛି।

**- ରାଜୀବ ମହାନ୍ତି, ଆଡଭୋକେଟ, ଯାଜପୁର**


ନିର୍ବାଚନକୁ ଆଖିରେ ରଖି ଏଭଳି ବଜେଟ ଉପସ୍ଥାପନ ହୋଇଛି । ୫ ବର୍ଷ ମଧ୍ୟରେ ଚାଷୀ ଓ ବେକାର ଯୁବତୀଯୁବକଙ୍କ ସମସ୍ୟା କଥା ଚିନ୍ତା କରି ନ ଥିଲେ। ନିର୍ବାଚନକୁ ଆଉ ୨ମାସ ବାକି ରହିଥିବାବେଳେ ଏହି ବଜେଟ ଲୋକଙ୍କ ପାଖରେ ପହଞ୍ଚିବା ନେଇ ସନ୍ଦିହାନ। ନିଶ୍ଚିତ ମୃତ୍ୟୁକୁ ଅପେକ୍ଷା କରିଥିବା ଏକ ରୋଗୀ ଅନ୍ୟ ରୋଗୀଙ୍କୁ କିପିରି ରକ୍ଷା କରିବ। ତେଣୁ ଏହି ବଜେଟ୍ ଏକ ହାସ୍ୟାସ୍ପଦ। ବଜେଟ ମାଧମରେ ଲୋକଙ୍କୁ ଭୁଆଁ ବୁଲାଇବାକୁ ଏଭଳି ଉଦ୍ୟମ ହୋଇଛି।

**- ରାମଚନ୍ଦ୍ର ଖୁଣ୍ଟିଆ, କଂଗ୍ରେସ କମିଟିର ସାଧାରଣ ସମ୍ପାଦକ,ଯାଜପୁର**


ନିର୍ବାଚନୀ ବର୍ଷରେ ଅର୍ଥ ମନ୍ତ୍ରୀ ପିୟୁଷ ଗୋଏଲଙ୍କ ବଜେଟ ଉପସ୍ଥାପନା ସମସ୍ତ ବର୍ଗଙ୍କୁ ସୁହାଇଛି। ଦେଶବାସୀ ଯାହାକିଛି ଆଶା ରଖିଥିଲେ ବଜେଟରେ ତାହା ପୂରଣ ହୋଇଛି। ରାଜସ୍ୱ ଆଦାୟ ୧୩.୩୩ ପ୍ରତିଶତକୁ ବୃଦ୍ଧି ଘଟିଛି। ଯାହାକି ସିଧାସଳଖ ଟ୍ୟାକ୍ସ ଓ ଜିଏସ୍‌ଟି ପାଇଁ ସମ୍ଭବ ହୋଇଛି। ମୋଟାମୋଟି ଭାବେ ଏହି ବଜେଟ କେବଳ ଗରିବ କିମ୍ବା ଧନୀଙ୍କ ପାଇଁ ନୁହେଁ ମଧବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ମଧ ହୋଇଛି।

**- ମାନସରଞ୍ଜନ ସାମଲ, ଟ୍ୟାକ୍ସ ଓକିଲ,ଯାଜପୁର**


ବଜେଟ ଭଲ ହୋଇଛି। କୃଷକଙ୍କୁ ଦିଆଯିବାକୁ ଥିବା ସହାୟତା ସ୍ୱାଗତଯୋଗ୍ୟ। ଏହା କୃଷି ଓ କୃଷକର ବିକାଶରେ ସହାୟକ ହେବ। ତେବେ କୃଷି କ୍ଷେତ୍ରରେ ନିୟୋଜିତ ଶ୍ରମିକଙ୍କ ପାଇଁ ମଧ ଆଉ କିଛି ଚିନ୍ତା କରାଯାଇଥିଲେ ଭଲ ହୋଇଥାନ୍ତା। ଆୟକର ସ୍ଲାବ ବଢିଥିବା ଯୋଗୁ କ୍ଷୁଦ୍ର ଓ ମଧ୍ୟବିତ୍ତମାନେ ଆଶ୍ୱସ୍ତି ଅନୁଭବ କରିବେ। ଅଣ ସଙ୍ଗଠିତ ଶ୍ରମିକଙ୍କ ପାଇଁ ବଜେଟ୍ ଉତ୍ସାହଜନକ। ଅତ୍ୟାବଶ୍ୟକ ଦ୍ରବ୍ୟ (୦ରୁ ୫ %) ଜିଏସ୍‌ଟି ସ୍ଲାବରେ ଥିବାରୁ ସାଧାରଣ ଲୋକେ ଉପକୃତ ହେବେ। ଉତ୍ତର-ପୂର୍ବ ରାଜ୍ୟଗୁଡିକ ପାଇଁ ୫୮,୧୬୬ କୋଟି ଅନୁଦାନ ଘୋଷଣା ଖୁସିର ଖବର।

**-ସଂଗ୍ରାମ କେଶରୀ ନାୟକ, ଆଇନଜୀବୀ, ଜଗତ୍‌ସିଂହପୁର**


ସମୟ ଅନୁସାରେ ଚଳିତ ବଜେଟ୍ ଲୋକାଭିମୁଖୀ ହୋଇଛି। ଆୟକର ସୀମା ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବା ଦ୍ୱାରା ମଧବିତ୍ତ କରାଦାତାମାନେ ଖୁସି ହେବେ। ଭୂମିହୀନ ଲୋକମାନଙ୍କ ପାଇଁ ପଶୁପାଳନର ମଧ ବନ୍ଦୋବସ୍ତ କରାଯାଇଛି। ଚାଷୀମାନଙ୍କ ପାଇଁ ପ୍ରତିବର୍ଷ ୬ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା ହୋଇଥିବାରୁ କୃଷକ ସଶକ୍ତୀକରଣ ହୋଇପାରିବ। ଲୋକେ ଏହି ବଜେଟ୍‌କୁ ଗ୍ରହଣ କରିବେ।

**-ଡ. ଲକ୍ଷ୍ମୀଧର ସାହୁ, ଅଧାପକ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ**



# ସିବିଆଇରେ ୪ ଅଫିସର ନିଯୁକ୍ତ

ନୂଆଦିଲ୍ଲୀ,୧୨(ପି.ଟି)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ୪ ନୂତନ ଅଫିସରଙ୍କୁ କେନ୍ଦ୍ର ସରକାର ଶୁକ୍ରବାର ନିଯୁକ୍ତି ଦେଇଛନ୍ତି। ଆସାମ ମେଘାଳୟ କ୍ୟାଡରର ୨୦୦୩-ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଅଖିଳେଶ କୁମାର ସିଂ ଏବଂ ତାମିଲନାଡୁ କ୍ୟାଡରର ୨୦୦୪-ବ୍ୟାଚ୍ ଆଇପିଏସ୍ ଅଫିସର ଏ.ଟି. ଦୁରାଇ କୁମାରଙ୍କୁ ସିବିଆଇର ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କେରଳ କ୍ୟାଡରର ୨୦୦୮-ବ୍ୟାଚ୍ ଆଇପିଏସ୍ ଅଫିସର ପୁଚ୍ଚ ବିମଳାଦିତ୍ୟ ଏବଂ ଉତ୍ତରପ୍ରଦେଶ କ୍ୟାଡରର ୨୦୦୯-ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ କୁମାର ଚୌରାସିଆଙ୍କୁ ସିବିଆଇ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସିବିଆଇର ଅନ୍ତରୀଣ ମୁଖ୍ୟ ଏମ୍. ନାଗେଶ୍ୱର ରାଓ କେତେକ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ଖସାଇ ଦେଇଥିବାରୁ ଏହାକୁ ତଦନ୍ତକାରୀ ସଂସ୍ଥାର କେତେଜଣ ଅଫିସର ସମାଲୋଚନା କରିଛନ୍ତି। ଅପରପକ୍ଷରେ ଜଣେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକଙ୍କୁ ସିବିଆଇ ମୁଖ୍ୟ ପଦରେ ଅବସ୍ଥାପିତ କରାଯାଇ ନ ଥିବାରୁ ସରକାରଙ୍କୁ ସମାଲୋଚନା କରାଯାଇଛି।

# ଛାତ୍ର ବୃତ୍ତିରେ କେନ୍ଦ୍ରୀୟ ଅବହେଳା ପାଇଁ ଦସ୍ତଖତ ଅଭିଯାନ



ତୁଳସୀ ମହିଳା ମହାବିଦ୍ୟାଳୟ ଆଗରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଦସ୍ତଖତ ଅଭିଯାନ।

କେନ୍ଦ୍ରାପଡା ଅଫିସ, ୧୨

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଛାତ୍ରବୃତ୍ତି ସମ୍ପର୍କରେ ଜାରି ହୋଇଥିବା ବିଜ୍ଞପ୍ତିକୁ ବିରୋଧ କରି କେନ୍ଦ୍ରାପଡ଼ା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏକ ଦସ୍ତଖତ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସହରର ତିନିମୁହାଣୀସ୍ଥିତ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଏହି ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା କହିଛନ୍ତି, ଏହି ବିଜ୍ଞପ୍ତି ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିର ମ୍ୟାଟ୍ରିକ ପରବର୍ତ୍ତି ଶିକ୍ଷା ପାଇଁ କେନ୍ଦ୍ରୀୟ ଅନୁଦାନ ୯୦ ଭାଗ ଥିଲା ବେଳେ ରାଜ୍ୟ ଅଂଶ ୧୦ ପ୍ରତିଶତ ରହିଥିଲା। ତେବେ ପ୍ରକାଶିତ ବିଜ୍ଞପ୍ତିରେ କେନ୍ଦ୍ରୀୟ ଅନୁଦାନ ମାତ୍ର ୨୦ ପ୍ରତିଶତକୁ ଖସି ଆସିଥିବା ବେଳେ ରାଜ୍ୟ ପାଇଁ ଅବଶିଷ୍ଟ ୮୦ ପ୍ରତିଶତ ଅଂଶ ଦେବାକୁ ଏଥିରେ ଉଲ୍ଲେଖ ହୋଇଛି। ଫଳରେ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଦରଖାସ୍ତ ସଂଗ୍ରହ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦିଆଯିବା ପାଇଁ ଏହି ଅଭିଯାନ ଚାଲିଛି। ଏଥିରେ ପୂର୍ବପରି କେନ୍ଦ୍ରୀୟ ଅନୁଦାନ ଛାତ୍ରୀଛାତ୍ରଙ୍କୁ ଦିଆଯିବାକୁ ଦାବି ହୋଇଛି। ଏହି ଅଭିଯାନରେ ବିସିଜେଡି ସଭାପତି ପ୍ରଦୀପ କୁମାର ସାହୁ, ପର୍ଯ୍ୟବେକ୍ଷିକା ଡେଜାଲିନ ମହାପାତ୍ର, ପର୍ଯ୍ୟବେକ୍ଷକ ଦେବୀରଞ୍ଜନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଦେବାଶିଷ ଆଚାର୍ଯ୍ୟ, ହିରଣ୍ୟ କୁମାର ପଣ୍ଡା, ସାହେବ ସାହିଲ ରାଉତ, ବଳଭଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଣ,**
**ଘର ଭିତରେ ଚାରିଟା କଣ**
**ନଇଁ ପଡ଼ି କରି ଗଣ ।**

ଥଟ୍ଟାଳିଆ ଓ ବେଖାତିରିଆ ଉତ୍ତର। ଜଣକୁ କଥା କ'ଣ, ବିଷୟ କ'ଣ ବୋଲି ଜାଣିବାକୁ ପଚାରିଲେ ବେଳେ ବେଳେ ଅନ୍ୟ ଜଣକ ଉପଯୁକ୍ତ ଉତ୍ତର ନ ଦେଇ ବୁଲେଇ ବଙ୍କେଇ କଥା କହିଥାଏ। ପଚାରିଥିବା ବ୍ୟକ୍ତିର କିଛି ଜାଣିବାର ଆବଶ୍ୟକତା ନ ଥିବା ବିଚାର କରି ଯାଉସାଉ କଥା କହି ମୋଡ଼ ବଦଳେଇ ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଟି ନ ଜାଣି କତୁରି ଦୋଷ**
**ଚାଲି ନ ଜାଣି ବାଟର ଦୋଷ ।**

କୌଶଳ ନ ଜାଣି ହାତ ହତିଆରର ଦୋଷ ଦେବା ମୂର୍ଖାମିର ପରିଚୟ ହୋଇଥାଏ। ପରୋକ୍ଷରେ ନିଜ ଦୋଷ ଦୁର୍ବଳତାକୁ ନ ଦେଖି ପରକୁ ଅଯଥା ଦୋଷ ଦେବାରେ କିଛି ଲାଭ ମିଳି ନ ଥାଏ। ନିଜର ବିଫଳତାକୁ ନ ମାନି ଅନ୍ୟ ଉପରେ ଦୋଷ ଲଦିଦେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶଟର ତାଡ଼ି ଦୋକାନରୁ ଚୋରି

ଡେରାବିଶ, ୧୨ (ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ଚାନ୍ଦୋଳ କଲେଜ ଛକସ୍ଥିତ ଦ୍ୱିବେଦୀ ଜେନେରାଲ ଷ୍ଟୋରର ସଟର ତାଡି ଦୁର୍ବୃତ୍ତମାନେ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ଷ୍ଟୋର ମାଲିକ ଅନୁଆପଡା ଗ୍ରାମର ଦେବେନ୍ଦ୍ର ପ୍ରସାଦ ଦ୍ୱିବେଦୀ ଅଭିଯୋଗ କରିଛନ୍ତି। ଗୁରୁବାର ଦେବେନ୍ଦ୍ର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶୁକ୍ରବାର ସକାଳୁ ସେ ଦୋକାନ ଖୋଲିବାକୁ ଯାଇଥିବା ବେଳେ ଦୋକାନ ସଟର ନଡ଼ା ଯାଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଦୋକାନ ଘରୁ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି କରି ନେଇଥିବା ବେଳେ ସିସିଟିଭି ଭାଙ୍ଗି ଦେବା ସହ କମ୍ପ୍ୟୁଟର ହାର୍ଡଡିସ୍କ ନେଇଯାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

No.V-66

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂ : IX(D)-3/2019/71 — Date : 19.01.2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (appropriate Government) ସରକାରୀ ବ୍ୟୟରେ ମୌଜା- ବାତୋ, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁରା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪.୧୨ କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟ ସ୍ୱରୂପ -ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - Executive Engineer Baitarani Division Salapada, Keonjhar.
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତା କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ — ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ଆନନ୍ଦପୁର।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ବାତୋ | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ୧୦.୭୧ | ୪.୧୨ | ଏଥିସହ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୪୪ ସଂରକ୍ଷିତ ଗୋଚର ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ : ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ**
**ମୌଜା : ବାତୋ, ଥାନା- ରାମଚନ୍ଦ୍ରପୁର, ତହସିଲ : ଘସିପୁରା,**
**ଭୂ-ଅର୍ଜନ ମାମଲା ସଂ:- ୦୩/୨୦୧୮**

| କ୍ରମିକ ନଂ | ଖାତା ନଂ | ରୟତଙ୍କ ନାମ | ପ୍ଲଟ୍ ନଂ | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୩୧ | ଯୁଧିଷ୍ଠିର ବାରିକ, ପି- ଭଗବାନ ବାରିକ, ବା- ନିଜଗାଁ, ଜା-ଭଣ୍ଡାରି | ୧୦୦ | ଶାରଦ-୨ | ୦.୩୨ | ୦.୦୩ | |
| ୨ | ୫୨ | ବନମାଳି ଦେହୁରୀ, ଦୋଳଗୋବିନ୍ଦ ଦେହୁରୀ, ପି-ସିନ୍ଧୁ ଦେହୁରୀ, ଅଯୋଧ୍ୟା ଦେହୁରୀ, ସ୍ୱା: ଗିରିଧାରି ଦେହୁରୀ, କସ୍ତୁରୀ ଦେହୁରୀ, ନାଣ୍ଡୁ ଦେହୁରୀ, ପି- ବନ୍ଧୁ ଦେହୁରୀ, ବା: ନିଜଗାଁ, ଜା- ବାଗୁଡି | ୧୦୩ | ବିଆଲି ଦୋଫସଲି | ୦.୧୧ | ୦.୦୨ | |
| ୩ | ୨୩ | ଗୋପି ପରିଡା, ପି- ସଦେଇ ପରିଡା, ବା: ନିଜଗାଁ, ଜା: ଗଉଡ | ୧୦୪ | ବିଆଲି ଦୋଫସଲି | ୦.୧୫ | ୦.୦୭ | |
| ୪ | ୪୩ | ଧରଣି ମାଝୀ, ବାଇଧର ମାଝୀ, ପି- ଦିନା ମାଝୀ, ବା- ନିଜଗାଁ, ଜା-କୈବର୍ତ୍ତ | ୧୦୫ | ଶାରଦ-୧ | ୦.୫୫ | ୦.୦୩ | |
| ୫ | ୭୧ | ମହୀ ମାଝୀ, ପି- ରତନ ମାଝୀ, ବା: ନିଜଗାଁ, ଜା: କୈବର୍ତ୍ତ | ୧୧୩ | ଶାରଦ-୨ | ୦.୭୮ | ୦.୦୨ | |
| | | | ୧୩୫ | ବିଆଲି ଦୋଫସଲି | ୦.୧୭ | ୦.୧୦ | |
| | | | ୧୩୭ | ବଗାୟତ-୨ | ୦.୫୨ | ୦.୧୪ | |
| | | | ୧୯୮ | ଘରବାରୀ | ୦.୨୧ | ୦.୧୧ | |
| | | | ୧୦୫/୭୦୦ | ଶାରଦ-୧ | ୦.୧୯ | ୦.୧୦ | |
| ୬ | ୧୧୨ | ହୃଷି ସାଉ, ପି- କସ୍ତୁରି ସାଉ, ଧନେଶ୍ୱର ସାଉ, ନାରାୟଣ ସାଉ, ପି- ଛୁଞ୍ଚି ସାଉ, ଗୁରି ସାଉ, ସ୍ୱା: ଛୁଞ୍ଚି ସାଉ, ହାଡିବନ୍ଧୁ ସାଉ, ପି- ଚକର ସାଉ, ଦାମଦର ସାଉ, ଭଗି ସାଉ, ପି- ରତନ ସାଉ, ବା- ନିଜଗାଁ, ଜା- କୁମ୍ଭାର | ୧୪୧ | ବିଆଲି ଦୋଫସଲି | ୦.୨୪ | ୦.୦୫ | |
| | | | ୧୪୨ | ବିଆଲି ଦୋଫସଲି | ୦.୧୫ | ୦.୦୫ | |
| | | | ୧୪୩ | ବିଆଲି ଦୋଫସଲି | ୦.୧୫ | ୦.୦୩ | |
| | | | ୧୪୪ | ବିଆଲି ଦୋଫସଲି | ୦.୧୫ | ୦.୦୨ | |
| ୭ | ୧୮୯ | ଶ୍ରୀ ବକୁଳି ଗୋସାଇଁ ବିଜେ ନିଜଗାଁ, ମାର୍ଫତ- ଚୈତନ ଚରଣ ଦାସ, ପି- ରାମ ଦାସ, ବା: ନିଜଗାଁ, ଜା- ବୈଷ୍ଣବ | ୫୪୫ | ବିଆଲି ଦୋଫସଲି | ୧.୦୫ | ୦.୬୮ | |
| | | | ୫୪୬ | ଆମ୍ବ ବଗାୟତ-୨ | ୦.୮୨ | ୦.୦୧ | |
| ୮ | ୧୦୮ | ହରିପଦ ନାଏକ, ନାରଣ ନାଏକ, ରଘୁନାଥ ନାଏକ, ପି- କାଙ୍ଗାଳି ନାଏକ, ମହେଶ୍ୱର ନାଏକ, ପି- ନିଧି ନାଏକ, ବା: ନିଜଗାଁ, ଜା- ତେଲି | ୫୯୬ | ଶାରଦ-୧ | ୦.୧୪ | ୦.୦୩ | |
| ୯ | ୨୯ | ଯୁଧିଷ୍ଠିର ସାହୁ, ପି- ବାବାଜି ସାହୁ, ହରି ସାହୁ, ପି- କସ୍ତୁରି ସାହୁ, କାଳି ସାହୁ, ପି- ବେରାଗି ସାହୁ, ରଘୁ ସାହୁ, ଶ୍ୟାମ ସାହୁ, ପି- ନାଲୁ ସାହୁ, ବା- ନିଜଗାଁ, ଜା- ପାଟରା | ୬୦୨ | ଶାରଦ-୧ | ୦.୧୩୫ | ୦.୦୨ | |
| | | | ୬୦୩ | ଶାରଦ-୧ | ୦.୦୧୫ | ୦.୦୧୫ | |
| | | | ୬୦୪ | ଶାରଦ-୧ | ୦.୧୭ | ୦.୦୮ | |
| | | | ୬୦୭ | ଶାରଦ-୧ | ୦.୧୮ | ୦.୦୮ | |
| ୧୦ | ୭୫ | ମହେଶ୍ୱର ନାଏକ, ପି- ନିଧି ନାଏକ, ହରିପଦ ନାଏକ, ପି- କାଙ୍ଗାଳି ନାଏକ, ବା: ନିଜଗାଁ, ଜା- ତେଲି | ୬୩୯ | ବିଆଲି ଦୋଫସଲି | ୦.୨୮ | ୦.୦୯ | |
| | | | ୬୪୦ | ବଗାୟତ-୨ | ୦.୧୦ | ୦.୦୮ | |
| | | | ୬୪୬ | ଜଳାଶୟ-୨ | ୦.୦୭ | ୦.୦୩ | |
| ୧୧ | ୧୦୬ | ହରିପଦ ନାଏକ, ନାରଣ ନାଏକ, ରଘୁ ନାଏକ, ପି- କାଙ୍ଗାଳି ନାଏକ, ମହେଶ୍ୱର ନାଏକ, ପି- ନିଧି ନାଏକ, ବାବାଜି ନାଏକ, ପି- ବାରେଣି ନାଏକ, ବା- ନିଜଗାଁ, ଜା- ତେଲି | ୬୪୧ | ବିଆଲି ଦୋଫସଲି | ୦.୩୦ | ୦.୦୬ | |
| | | | ୬୪୩ | ବିଆଲି ଦୋଫସଲି | ୦.୨୭ | ୦.୧୫ | |
| | | | ୬୪୪ | ବିଆଲି ଦୋଫସଲି | ୦.୨୭ | ୦.୧୬ | |
| | | | ୬୪୫ | ବିଆଲି ଦୋଫସଲି | ୦.୨୦ | ୦.୨୦ | |
| | | | ୬୬୭ | ଶାରଦ-୨ | ୦.୨୩ | ୦.୦୭ | |
| ୧୨ | ୭୯ | ମାଧବ ଚନ୍ଦ୍ର ସାହୁ, ପି- ବୈରାଗି ସାହୁ, ବା: ନିଜଗାଁ, ଜା- ପାଟରା | ୬୬୨ | ଶାରଦ-୧ | ୦.୧୫ | ୦.୦୬ | |
| ୧୩ | ୧୦୨ | ହରିପଦ ନାଏକ, ପି- କାଙ୍ଗାଳି ନାଏକ, ବା- ନିଜଗାଁ, ଜା- ତେଲି | ୬୬୬ | ଶାରଦ-୧ | ୦.୨୩ | ୦.୨୩ | |
| | | | ୬୭୦ | ଶାରଦ-୧ | ୦.୫୦ | ୦.୨୩ | |
| ୧୪ | ୧୧୪/ ୧୪ | ବାବାଜୀ ନାୟକ, ପି- ବାରେଣି ନାୟକ, ମହେଶ୍ୱର ନାୟକ, ପି- ନିଧି ନାୟକ, ହରିପଦ ନାୟକ, ନାରାୟଣ ନାୟକ, ରଘୁନାଥ ନାୟକ, ପି- କାଙ୍ଗାଳି ନାୟକ, ଜା- ତେଲି, ବା- ବାତୋ | ୬୭୧ | ଶାରଦ-୧ | ୦.୧୯ | ୦.୦୯ | |
| | | | ୬୭୨ | ଶାରଦ-୧ | ୦.୩୦ | ୦.୧୫ | |
| ୧୫ | ୭୩ | ମଣିଚରଣ ସାହୁ, ପି- ହାଡିବନ୍ଧୁ ସାହୁ, ମାଳ ସାହୁ, ପି- ହାଡିବନ୍ଧୁ ସାହୁ, ଗଭା ସାହୁ, ସ୍ୱା- ହାଡିବନ୍ଧୁ ସାହୁ, ବା- ନିଜଗାଁ, ଜା- ପାଟରା | ୬୭୩ | ଶାରଦ-୧ | ୦.୪୭ | ୦.୨୨ | |
| ୧୬ | ୧୧୪/୮୦ | ନୀର ସାହୁ, ସ୍ୱା- ସିନ୍ଧୁମଣି ସାହୁ, ଜା- ପାଟରା, ବା- ବାତୋ | ୬୦୨/୮୩୨ | ଶାରଦ-୧ | ୦.୧୩୫ | ୦.୦୨ | |
| | | | ୬୦୩/୮୩୩ | ଶାରଦ-୧ | ୦.୦୧୫ | ୦.୦୧୫ | |
| ୧୭ | ୫୬ | ବାଇଧର ସାହୁ, ଶିବ ସାହୁ, ମଦନ ମୋହନ ସାହୁ, ପି- ହାଡିବନ୍ଧୁ ସାହୁ, ବା- ନିଜଗାଁ, ଜା- କୁମ୍ଭାର | ୧୦୦/୬୮୪ | ଶାରଦ-୨ | ୦.୩୪ | ୦.୧୪ | |
| | | ମୋଟ | | | ୧୦.୨୭ | ୩.୬୮ | |
| | | ଗୋଚର ଜମି ପ୍ରତିବଦଳ | | | | | |
| ୧ | ୪୪ | ଧରଣି ମାଝି, ପି- ଦିନା ମାଝି, ଜା- କୈବର୍ତ୍ତ, ବା- ନିଜଗାଁ | ୧୦୬ | ଶାରଦ-୨ | ୦.୨୨ | ୦.୨୨ | |
| | | | ୧୧୧ | ଶାରଦ-୨ | ୦.୨୨ | ୦.୨୨ | |
| | | ମୋଟ | | | ୦.୪୪ | ୦.୪୪ | |
| | | ସର୍ବମୋଟ | | | ୧୦.୭୧ | ୪.୧୨ | |

24045/14/0056/1819 — ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
28 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା। ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ଅଙ୍ଗଦାନ ସଚେତନତା ପାଇଁ ପ୍ରସ୍ତୁତି ବୈଠକ

**ପାରାଦୀପ,୧।୨(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଅଙ୍ଗଦାନ ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପାରାଦୀପ ସାକ୍ଷରତା ସମିତି ଓ ବଡ଼ି ସଙ୍ଗଠନର ମିଳିତ ଆୟୋଜନରେ ଆୟୋଜିତ ଏହି ବୈଠକରେ ବନ୍ଦର ସଚିବ ୟୁ.ଆର. ମୋହନରାଜୁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ି ସଭାପତି ଡା. ପ୍ରଭାସ ଆଚାର୍ଯ୍ୟ, ଡା. ପ୍ରଫୁଲ୍ଲ କୁମାର ମହାପାତ୍ର, ଡା. ମାର୍କଣ୍ଡେୟ ଆଚାର୍ଯ୍ୟ, ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହ୍ଲାଦ ପଣ୍ଡା, ଲେଡିଜ କ୍ଲବର ପ୍ରତି ଆରତି ପରିଜା ପ୍ରମୁଖ ଅଙ୍ଗଦାନ ସମ୍ପର୍କରେ କହିଥିଲେ। ମୃତ୍ୟୁ ପରେ ଅଙ୍ଗଦାନ କରିବା ଦ୍ୱାରା ଅନେକ ଜୀବନ ସ୍ୱାଚ୍ଛନ୍ଦ ହୋଇପାରିବ। ଏହି ବାର୍ତ୍ତା ସମସ୍ତଙ୍କ ପାଖରେ କିପରି ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସାକ୍ଷରତା ସମିତି କାର୍ଯ୍ୟକାରୀ ଉପାଧ୍ୟକ୍ଷ ଶୁଶୀଲ ନାହାକ, ସଂଯୋଜକ ପ୍ରଭାତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ

**ତିର୍ତ୍ତୋଲ,୧।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ମୂଳିସିଂସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ମଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ସାହୁ ମୁଖ୍ୟଅତିଥି, ଅଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା, ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା, ଉପଦେଷ୍ଟା ଆଇନଜୀବୀ ଅଭିଜିତ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢିତୋଳିବାରେ ଅଭିଭାବକ, ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲର ଅଧକ୍ଷା ଶର୍ମିଳା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାରଣା, ସନ୍ଧ୍ୟାରାଣୀ ସାହୁ, ସୁନିତା କୁମାରୀ ନାୟକ, ପବିତ୍ର କୁମାର ସ୍ୱାଇଁ, ସସ୍ମିତା ବିଶ୍ୱାଳ, ସୁନିତାରାଣୀ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉପଦେଷ୍ଟା ମହେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

### ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ତିର୍ତ୍ତୋଲ,୧।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ବୋଧେଇସ୍ଥିତ ଜବାହର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଦିଲ୍ଲୀ ଦୂରଦର୍ଶନର ପ୍ରାକ୍ତନ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ମୁଖ୍ୟଅତିଥି, ସିଆରସିସି ବସନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା, ପୁରାତନ ଛାତ୍ର ସଂସଦ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ଯୋଗଣିଆ, ସମ୍ପାଦକ ବିଷ୍ଣୁପ୍ରସାଦ କାନୁନଗୋ, ଆଦିତ୍ୟ ପ୍ରସାଦ ମହାନ୍ତି, ବିଶ୍ୱଜିତ ବସ୍ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କ୍ରୀଡ଼ା ପ୍ରତିଯୋଗିତାର କ୍ୟତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଗଗନ କୁମାର ସ୍ୱାଇଁ ଉତ୍ସବ ପରିଚାଳନା କରିଥିଲେ। ଶିକ୍ଷକ ଧର୍ମାନନ୍ଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନୁପମା ଦାଶ, ଅଞ୍ଜୁଳା ଲେଙ୍କା, ସସ୍ମିତା ବେହେରା, ପ୍ରତିମା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୀତିକବିଙ୍କୁ ସମ୍ବର୍ଦ୍ଧନା

**ବାଲିଆ,୧।୨:** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତସ୍ଥିତ ପରିବାର ସାହିତ୍ୟ ସଂସଦ ପକ୍ଷରୁ ବିରିଡ଼ି ବ୍ଲକ କମାଶାସନ ଗ୍ରାମର ଗୀତିକବି ବାମଦେବ ସ୍ୱାଇଁ ଓ ବଡିମୀରା ଅକରସାହିର କବି ଖଗେଶ୍ୱର ମହାରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବନ୍ଧୁପୁର ଗ୍ରାମର ଧର୍ମପ୍ରାଣା ମହିଳା ସାରିଦେଈଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ସାହିତ୍ୟ ସଭା ହୋଇଥିଲା। ଏଥିରେ ଅଧାପକ ଡ. କିଶୋର ଦାସ, ଆକାଶବାଣୀର ଗୀତିକାର ବାବାଜୀ ଚରଣ ଜେନା, ଦଲେଇଘାଇ ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପିତାମ୍ବର ମହାପାତ୍ର, ଜୟୀରାମ ସାହୁ, ସରପଞ୍ଚ ଶଶିକାନ୍ତ ମହାନ୍ତି, ସମିତି ସଭ୍ୟା କବିତା ରାଉତ, ସମ୍ପାଦକ ସୁରଥ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

■ ଚାଷୀମାରଣ ନୀତି ଧରିଛନ୍ତି ମିଲର

# କୁଇଣ୍ଟାଲରେ କଟାଯାଉଛି ୨ କିଲୋ ଧାନ

**ବାଲିଆ,୧।୨**

ସରକାରଙ୍କ ପକ୍ଷରୁ ବିଭିନ୍ନ ସମବାୟ ମମିତିରେ ମଣ୍ଡୀ ଖୋଲାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉଛି। ଯୋଗାଣ ବିଭାଗ ଦ୍ୱାରା ଚୁକ୍ତିବଦ୍ଧ ହୋଇଥିବା ମିଲର ଚାଷୀଙ୍କଠାରୁ ଧାନ ସଂଗ୍ରହ ବେଳେ ଯେପରି କୌଣସି କାଟ୍‌ଛାଟ୍ ନ କରନ୍ତି ସେଥିପ୍ରତି ବିଶେଷ ଭାବେ ଧାନ ଦେବାକୁ କଡ଼ା ନିର୍ଦ୍ଦେଶ ରହିଛି। କିନ୍ତୁ ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକର ବିଭିନ୍ନ ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଏହି ନିର୍ଦ୍ଦେଶ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ମିଲରମାନେ ଚାଷୀଙ୍କଠାରୁ ଧାନ କିଣିବା ବେଳେ ମନଇଚ୍ଛା କୁଇଣ୍ଟାଲ ପିଛା ୨ କିଲୋ ଧାନ କାଟି ନେଉଛନ୍ତି। ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ ଜାଣି ମଧ୍ୟ ନୀରବ ରହୁଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ବିରିଡ଼ି ବ୍ଲକ ଗୋପୀନାଥପୁର କୃଷି ସମବାୟ ସମିତିରେ ଏଭଳି ଦେଖିବାକୁ ମିଳିଛି। ଏହି ସମବାୟ ସମିତିରେ ହୋଇଥିବା ମଣ୍ଡୀରୁ ବରଗଡ଼ ଜିଲାର ଶ୍ରୀଜିଏ ନାମକ ଏକ ମିଲର ଧାନ ଉଠାଉଛି। ଚାଷୀଙ୍କଠାରୁ ଧାନ ନେବାବେଳେ ବିଭିନ୍ନ ଆଳ ଦେଖାଇ ସମ୍ପୃକ୍ତ ମିଲର ୨ କିଲୋ କାଟି ଦେଉଛନ୍ତି। ଚାଷୀମାନେ କାଳେ ଧାନ ବିକ୍ରିରେ ସମସ୍ୟା ସୃଷ୍ଟି ହେବ ଆଶଙ୍କା କରି ବାଧହୋଇ ନୀରବ ରହୁଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅବଗତ ଥାଇ ମଧ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ମଣ୍ଡୀରେ ବର୍ତ୍ତମାନ ସୁଦ୍ଧା ୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ସରିଲାଣି ବୋଲି ସମ୍ପାଦକ ଅନ୍ତର୍ଯ୍ୟାମୀ ମୁଦୁଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ମୋଚିରାମ ଦାସ କହିଛନ୍ତି ଯେ ଧାନ କାଟ୍‌ଛାଟ୍ କରିବାରେ ମିଲରଙ୍କର କୌଣସି ଅଧିକାର ନାହିଁ। ଯଦି ଧାନ। କଟାଯାଉଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ମଣ୍ଡିରେ ଧାନ ସଂଗ୍ରହ କରାଯାଉଛି।

■ଯୋଗାଣ ବିଭାଗ ଜାଣି ନୀରବ

■ପ୍ରତିକାର କରାଯାଉ ନ ଥିବାରୁ ଚାଷୀ ଅସନ୍ତୁଷ୍ଟ





କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ।

## ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ

**ପାରାଦୀପ,୧।୨(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ୮ନଂ.ୱାର୍ଡ ବୃନ୍ଦାବନ କଲୋନୀ ମଣ୍ଡାପଡ଼ା ବସ୍ତିରେ ଶୁକ୍ରବାର ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଆରମ୍ଭ ହୋଇଛି। ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ପାଣ୍ଠି କେନ୍ଦ୍ର ସରକାର ହ୍ରାସ କରିଛନ୍ତି। ତେଣୁ ୨ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଏହି ଅର୍ଥ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରୁଛନ୍ତି। ଏପରି କେନ୍ଦ୍ରୀୟ ଅବହେଳା ବିରୋଧରେ ବିଜେଡି ଏହି ଅଭିଯାନ ଆରମ୍ଭ କରିଛି। ପାରାଦୀପ ନଗର ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, ପୌରାଧକ୍ଷ ତଥା ବିଜେଡି ସମ୍ପାଦକ ବସନ୍ତ ବିଶ୍ୱାଳ, ସଭାନେତ୍ରୀ ଚପଳା ସ୍ୱାଇଁ, କାଉନ୍‌ସିଲର ଅଜୟ ନାକୟ, ଶଙ୍କର ପ୍ରସାଦ ରାଉତ, ସୁଶୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

**ଜଗତ୍‌ସିଂହପୁର ଅଫିସ,୧।୨**

ବାଲିକୁଦା ବ୍ଲକ ଇଛାପୁର ଗ୍ରାମର ନାବାଳକ ବିଶ୍ୱଜିତ ପୁହାଣ କିଛିଦିନ ତଳେ ମାଛଗାଁ କେନାଲରେ ବୁଡିଯାଉଥିବା ପିଲାଙ୍କୁ ଉଦ୍ଧାର କରି ସାହସିକତାର ପରିଚୟ ଦେଇଥିଲେ। ଏଥିପାଇଁ ତାଙ୍କୁ ଗତ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ରାଜ୍ୟ ସରକାର ମଧ୍ୟ ସମ୍ମାନିତ କରିଥିଲେ। ଶୁକ୍ରବାର ବିଶ୍ୱଜିତଙ୍କୁ ଜଗତ୍‌ସିଂହପୁର ଜିଲାପାଳ ସମ୍ମାନିତ କରିଛନ୍ତି। ଏହି ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣତନ୍ତ୍ର ଦିବସରେ ଭାରତ ସରକାର ବିଶ୍ୱଜିତଙ୍କୁ ପୁରସ୍କାର ରାଶି ବାବଦ ୨୦ ହଜାର ଟଙ୍କା, ରୌପ୍ୟ ପଦକ ସହ ମାନପତ୍ର ଦେଇଥିଲେ। ସେତେବେଳେ ଜିଲା ପ୍ରଶାସନ ତରଫରୁ ଗସ୍ତ ଖର୍ଚ୍ଚ ବାବଦ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଗତବର୍ଷ ଅଗଷ୍ଟ ୨୯ ତାରିଖରେ ବିଜୁ ସାହସିକତା ପୁରସ୍କାର ବାବଦ ୧ ଲକ୍ଷ ଟଙ୍କା ଓ ମାନପତ୍ର ଦେବା ବ୍ୟବସ୍ଥା କରିଥିଲେ। ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଏହି ରାଶି ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ବିଶ୍ୱଜିତଙ୍କୁ ପୁନର୍ବାର ୧ ଲକ୍ଷ ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଖବରଦାତାଙ୍କୁ ପ୍ରେସ୍ କ୍ଲବର ଶ୍ରଦ୍ଧାଞ୍ଜଳି

**ବାଲିକୁଦା,୧।୨(ସ୍ୱ.ପ୍ର.)**

ଖବରଦାତା ଅମ୍ବିକା ପ୍ରସାଦ ଦାସଙ୍କ ଅକାଳ ବିୟୋଗରେ ବାଲିକୁଦା ପ୍ରେସ କ୍ଲବ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳା ଠାରେ ପ୍ରେସ କ୍ଲବ ସଭାପତି ମନୋଜ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ କ୍ଲବର ଉପଦେଷ୍ଟା ପ୍ରଫୁଲ କୁମାର ଦାସ, ପରେଶ ଦାସ, ସଞ୍ଜୟ କୁମାର ମହାନ୍ତି, ତାପସ ସ୍ୱାଇଁ, ବିଧାନ ରାଉଳ, ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରିଥିଲେ। ସେହିପରି ରାଜନଗର ନିର୍ବାଚନମଣ୍ଡଳିର ଖବରଦାତା କୁମାରେଶ ନାୟକଙ୍କୁ ପଟ୍ଟାମୁଣ୍ଡାଇଠାରେ କରାଯାଇଥିବା ଆକ୍ରମଣ ଘଟଣାକୁ ଏଥିରେ ଘୋର ନିନ୍ଦା କରାଯାଇଥିଲା। ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।

## କେନାଲ କାର୍ଯ୍ୟସ୍ଥଳରୁ ଶଟର ଚୋରି

**ରଘୁନାଥପୁର, ୧।୨ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଝାରପଡ଼ାସ୍ଥିତ ମାଛଗାଁ ୭ ନଂ. ମାଇନର କେନାଲରେ ନିର୍ମାଣଧୀନ ପ୍ରୋଟେକ୍ସନ୍ ୱାଲ୍‌ରୁ ୧୨ ପିସ୍ ଶଟର ଚୋରି ହୋଇଯିବାରୁ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଛି। ଠିକାଦାର ତପନ ସାମଲଙ୍କ ଅଭିଯୋଗ ଅନୁଯାୟୀ, କ୍ୟାମ୍ପରୁ ୧୦ ବସ୍ତା ସିମେଣ୍ଟ ସହ ଏକ କଏଲ୍ ଇଲେକ୍ଟ୍ରିକ ତାର ମଧ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଯଦି ଏପରି ଚୋରି ହୁଏ ତାହା ହେଲେ କାର୍ଯ୍ୟ ସମ୍ପାଦନ ବାଧାପ୍ରାପ୍ତ ହେବା ସହ ବହୁତ ବିଳମ୍ବ ଘଟିବ। ଫଳରେ ଚାଷୀମାନେ ଅସୁବିଧାରେ ସମ୍ମୁଖୀନ ହେବେ ବୋଲି ଠିକାଦାର ସାମଲ କହିଛନ୍ତି। ଏ ନେଇ ଖୁବ୍‌ଶୀଘ୍ର ପୋଲିସରେ ଅଭିଯୋଗ କରିବେ ବୋଲି ସାମଲ କହିଛନ୍ତି।



ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

## ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

**ବାଲିକୁଦା,୧।୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକସ୍ତରୀୟ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଯୁବନେତା ଶଶିକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ହୋଇଥିବା ଏହି ସମ୍ମିଳନୀରେ ବିଜେଡି ଅସନ୍ତୁଷ୍ଟ ତଥା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଉପରେ ଅସନ୍ତୁଷ୍ଟ ଗୋଷ୍ଠୀ ଯୋଗଦେଇଥିବା କୁହାଯାଉଛି। ଏହି ଅବସରରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ବୋରିକିନା ବଜାରଠାରୁ ବାହାରି ବାଲିକୁଦା ପୂର୍ତ୍ତ ଓ ଗୃହ ନିର୍ମାଣ କାର୍ଯ୍ୟାଳୟ ନିକଟ ସଭାସ୍ଥଳକୁ ଯାଇଥିଲା। ସେଠାରେ ସାମାଜିକ କର୍ମୀ ପ୍ରମୋଦ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ତିତିରାର ପୂର୍ବତନ ସରପଞ୍ଚ ଭ୍ରମରବର ସାହୁ, ବୋରିକିନାର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ମଲ୍ଲିକ, ଓଷକଣାର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁ, ତଣ୍ଡିକୁଳ ସରପଞ୍ଚ ଲୋକନାଥ ମନ୍ତ୍ରୀ, ରବୀନ୍ଦ୍ର ରାଉତ, ଯୁବ ବିଜେଡି କର୍ମୀ ଦିଲୀପ ବିଶୋଇ, ସତ୍ୟଜିତ୍ ବିଶ୍ୱାଳ, ରାଜେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ବିଧାୟକ ମୁଦୁଲିଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଏଥର ବାଲିକୁଦା-ଏରସମାରେ ପରିବର୍ତ୍ତନର ସ୍ୱର ବହୁଛି ବୋଲି ସେମାନେ ପ୍ରକାଶ କରିଥିଲେ। ତେବେ ଶୋଭାଯାତ୍ରାରେ ଶତାଧିକ ଲୋକ ସାମିଲ ହୋଇଥିଲେ ମଧ ସଭାମଞ୍ଚ ନିକଟରେ କାହାକୁ ଦେଖିବାକୁ ମିଳି ନ ଥିଲା, ଯାହାକି ଚର୍ଚ୍ଚାର ବିଷୟ ହୋଇଛି।

## ନ୍ୟାଶନାଲ ସ୍କୁଲ ସ୍ୱନକ୍ଷତ୍ର ଉତ୍ସବ





ନ୍ୟାଶନାଲ୍ ସ୍କୁଲ ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ ଅତିଥି।

**କୁଜଙ୍ଗ,୧।୨(ସ୍ୱ.ପ୍ର.)**

କୁଜଙ୍ଗସ୍ଥିତ ନ୍ୟାଶନାଲ ସ୍କୁଲର ୧୧ତମ ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଘରୋଇ ବିଦ୍ୟାଳୟର ଶିକ୍ଷକମାନେ ଅତ୍ୟନ୍ତ ସ୍ୱଳ୍ପ ବେତନରେ ମଧ୍ୟ ନିଷ୍ଠା ଏବଂ ଏକାଗ୍ରତାର ସହିତ କାର୍ଯ୍ୟ କରୁଥିବାରୁ ପିଲାମାନେ ସଫଳତା ହାସଲ କରୁଛନ୍ତି ବୋଲି କହିଥିଲେ। କୋରେଇ ବିଧାୟକ ତଥା ସିନେ ତାରକା ଅକାଶ ଦାସନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅରୁଣିମା ସିହ୍ନାଙ୍କ ଏଭରେଷ୍ଟ ଆରୋହଣର ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ପରିବେଶବିତ ସତ୍ୟାନନ୍ଦ ନାଥ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଗଙ୍ଗାଧର ସାମନ୍ତରାୟ, କୁଜଙ୍ଗ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନରେନ୍ଦ୍ର କୁମାର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରମିଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ପରିଡ଼ା, ସ୍ନିଗ୍ଧାମୟୀ ପରିଡ଼ା, ରଶ୍ମିତା ସ୍ୱାଇଁ, ପବିତ୍ର ନାୟକ, ସୁକାନ୍ତ ଦଳାଇ, ସଞ୍ଜୟ ଓଝା, ଅମର ସ୍ୱାଇଁ, ଈତିଶ୍ରୀ ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ତପସ୍ୱିନୀ ବେହେରା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପେସେଣ୍ଟ ମେଡିସନ ନାଟକ ସହ ରାମ ରାଇଜରେ ରାବଣ ରାଜା ନାଟକ ମଞ୍ଚସ୍ଥ କରାଯାଇଥିଲା।

## ସାଧୁବଟ ଆବାସିକ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ

**ରଘୁନାଥପୁର, ୧।୨ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନ ଶିର୍ଳୋ ନବଗ୍ରାମ ସାଧୁବଟ ଆବାସିକ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ଅଜିତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧାପିକା ତଥା ଗାୟିକା ସଂଘମିତ୍ରା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦର୍ଶବାଦୀ ଚିନ୍ତାଧାରାରେ ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ମୁଖ୍ୟ ପୁରୋଧା ସଚ୍ଚିଦାନନ୍ଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମାଦେଳି, ଅଧାପକ ଦେବେନ୍ଦ୍ରନାଥ ବାରିକ, ଶିକ୍ଷାବିତ୍ ଶାରଦା ଚରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ। ଗୁରୁଜୀ ପ୍ରଭାକର ବାରିକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଏବଂ ପ୍ରଧାନ ଶିକ୍ଷକ ଦେବାଶିଷ ରାୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ଓ ଅନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁଜୀ ହିମାଂଶୁ ଶେଖର ବେହେରା ଧନ୍ୟବାଦ ଦେବା ପରେ ଗୁରୁମା ଶୁଭଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିବା ବେଳେ ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ନାଉଗାଁ,୧।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗାରୋଇସ୍ଥିତ ପ୍ରାଣକୃଷ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରାଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଜେନା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର ମୋହନ କର ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଦାରନାଥ ବିଶ୍ୱାଳ ମୁଖ୍ୟବକ୍ତା, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ନିରଞ୍ଜନ ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ବିଶ୍ୱାଳ, ଗୋପବନ୍ଧୁ ସ୍ମାରକୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବଂଶୀଧର ଦାସ, ଶିକ୍ଷକ ନେତା ସୁଧୀର କୁମାର ବିଶ୍ୱାଳ, ସିଆରସିସି ରୁଦ୍ର ପ୍ରସାଦ ସ୍ୱାଇଁ, ସାମାଜିକ କର୍ମୀ ଲୋଚନ ବିଶ୍ୱାଳ, ପ୍ରମୋଦ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅକ୍ଷୟ କୁମାର ରାଉତ ସ୍ୱାଗତ ଭାଷଣ ଓ ବରିଷ୍ଠ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଦ୍ୟାଧର ସ୍ୱାଇଁ, ପବିତ୍ର କୁମାର ସ୍ୱାଇଁ, ସୁନିଲ କୁମାର ମହାପାତ୍ର, ହଟକିଶୋର ବିଶ୍ୱାଳ, ପୁଷ୍ପଲତା ବିଶ୍ୱାଳ, ପ୍ରମୋଦ କୁମାର ମହାନ୍ତି , ଦାସରଥୀ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

■ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଉଦ୍‌ଯାପିତ

# ୩୦ ହଜାର ଦସ୍ତଖତ ସଂଗ୍ରହ

**ଜଗତ୍‌ସିଂହପୁର ଅଫିସ,୧।୨**

ଜଗତ୍‌ସିଂହପୁର ଜିଲା ବିଜେଡି ପକ୍ଷରୁ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଅନୁଷ୍ଠିତ ସଭାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରୀୟ ଅବହେଳା ବିରୋଧରେ ବିଶୋଦ୍‌ଗାର କରିଥିଲେ। ସେ କହିଲେ ଯେ, ଅତୀତରେ କେନ୍ଦ୍ର ସରକାର ଅନୁସୂଚିତ ଜନଜାତି ଓ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ୯୦% ଛାତ୍ରବୃତ୍ତି ପ୍ରଦାନ କରୁଥିଲେ। ଏବେ ଏହା ହ୍ରାସପାଇ ୨୦%ରେ ପହଞ୍ଚିଛି। ଫଳରେ ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଏହି ବୈମାତୃକ ମନୋଭାବ ପ୍ରତିବାଦରେ ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଜଗତ୍‌ସିଂହପୁର ଜିଲାରେ ୩୦ ହଜାର ଦସ୍ତଖତ ସଂଗ୍ରହ ହୋଇଛି। ୧୨ ହଜାର ଯୁବତୀ, ଯୁବକ ଓ ୧୮ ହଜାର ଛାତ୍ରୀଛାତ୍ର ଦସ୍ତଖତ କରିଛନ୍ତି। ଏସବୁ ଦସ୍ତଖତ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ। କାର୍ଯ୍ୟକ୍ରରେ ଜିଲା ଯୁବ ବିଜେଡି ସଭାପତି ଅମରେନ୍ଦ୍ର ଦାସ ସଭାପତିତ୍ୱ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଲେ ରାଜ୍ୟରୁ ସଂଗୃହୀତ ଟିକସରେ କେନ୍ଦ୍ର ସରକାର ବାହା ବାହା ନେବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟକୁ ଅନୁଦାନ ଯୋଗାଇବାକୁ କେନ୍ଦ୍ର ବାଧ। କିନ୍ତୁ ଆମ ରାଜ୍ୟକୁ ଅନୁରୂପ ଅନୁଦାନ ଆସୁନାହିଁ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଛାତ୍ର ଜନତା ଦଳ ଜିଲା ଦାୟିତ୍ୱରେ ଥିବା ସଂଯୋଜକ ମଞ୍ଜିତ ଦାସ, ବିଜେଡି ଜିଲା ଉପସଭାପତି ଦୀପ୍ତି ଦାସ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଦୀପ୍ତ ଭୂୟାଁ, ବ୍ଲକ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା, ବିଜେଡି ରାଜ୍ୟ ମହିଳା ଜନତା ଦଳ ସମ୍ପାଦିକା ମିନତୀ ଦାସ, ପୂର୍ବତନ ଜଗତ୍‌ସିଂହପୁର ପୌରାଧକ୍ଷ ମଧୁସୂଦନ ସାହୁ, ବିଜେଡି ପୌରାଞ୍ଚଳ ସଭାପତି ଦୋଳଗୋବିନ୍ଦ ଦାସ, ସଂଖ୍ୟାଲଘୁ ସମ୍ପ୍ରଦାୟ ଜିଲା ସଭାପତି ମିର୍ ଆଜମିର ଅଲ୍ଲୀ, ନାଉଗାଁ ବ୍ଲକ ସଭାପତି ସୁଜୀତ ମଲ୍ଲିକ, ଏହି ବ୍ଲକ ଉପସଭାପତି ପ୍ରଭୁ ରଞ୍ଜନ ଦାସ ଓ ଜିଲା ଯୁବ ବିଜେଡି ସମ୍ପାଦକ ସରୋଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।





ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଓ ଅନ୍ୟମାନେ।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ଜଣେ ଗୁରୁତର



**ମହାକାଳପଡ଼ା, ୧।୨ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ବଡିଘର ପଞ୍ଚାୟତ ବଡ଼ଚୁବି ଗ୍ରାମର ଗୋବିନ୍ଦ ମଣ୍ଡଳ(୨୭) ଶୁକ୍ରବାର ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ଘଟଣା ମୁତାବକ, ଶୁକ୍ରବାର ସକାଳୁ ଗୋବିନ୍ଦ ଘର ନିକଟସ୍ଥ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ଜଙ୍ଗଲୀ ବାର୍‌ହା ଆକ୍ରମଣ କରିଥିଲା। ଗୋବିନ୍ଦଙ୍କ ଚିତ୍କାର ଶୁଣି ଆଖପାଖ ଲୋକେ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଡଙ୍ଗା ପାର କରି ତାଙ୍କୁ ରାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୋବିନ୍ଦଙ୍କ ଦୁଇଟି ଯାକ ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଖବରପାଇ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ଏସିଏଫ୍ ବିଜୟ କୁମାର ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ରଞ୍ଜିତ ସ୍ୱାଇଁ ମେଡିକାଲରେ ପହଞ୍ଚି ଚିକିତ୍ସା ଖର୍ଚ୍ଚ ବାବଦ ବ୍ୟବସ୍ଥା କରାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

### ଏନ୍‌କାଉଣ୍ଟରରେ ଆହତ ସଞ୍ଜୀୟଙ୍କୁ କୋର୍ଟ ଚାଲାଣ

**ରାଜନଗର,୧।୨(ଡିଏନଏ):** ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ଗୁଳିକାଣ୍ଡ ଘଟଣାରେ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇ ଚିକିତ୍ସାଧୀନ ଥିବା ସଞ୍ଜୟ ବିଶ୍ୱାଳ ଓରଫ ବାବୁଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୨୨ ତାରିଖ ଭୋର ୪ଟା ୩୦ରେ ରାଜନଗର ଗୁପ୍ତି ରାସ୍ତାର କୁରୁଣ୍ଟି ନିକଟରେ ଅପରାଧୀ ପୋଲିସ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ପତ୍ରପୁର ଅଞ୍ଚଳର ତଥା ସାପଗ୍ୟାଙ୍ଗର ଶାର୍ପ ଶୁଟର ସଞ୍ଜୟ ଆହତ ହୋଇଥିଲେ। ତାଙ୍କ ବାମ ଗୋଡରେ ଦୁଇଟି ଗୁଳି ବାଜିଥିଲା। ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସଞ୍ଜୟଙ୍କୁ ମେଡିକାଲରୁ ଡିସଚାର୍ଜ କରାଯିବା ପରେ ଗୁରୁବାର ରାତିରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୟୁଜିସି ଅନୁବନ୍ଧିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




**ମାର୍ଶାଘାଇ,୧।୨(ଡିଏନଏ) :** ୟୁଜିସି ଏବଂ ନାକ୍ ଅନୁବନ୍ଧିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମାର୍ଶାଘାଇ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ୬୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୩୬ ଜଣ ଛାତ୍ରୀ ଏବଂ ୩୨ ଜଣ ଛାତ୍ର ଏକ ସପ୍ତାହ ଧରି ମାର୍ଶାଘାଇର ବିଭିନ୍ନ ବ୍ୟାଙ୍କ, ବ୍ଲକ, ତହସିଲ,ସବ୍ ରେଜିଷ୍ଟ୍ରି ଅଫିସ୍,ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସେହି ଅନୁଷ୍ଠାନର କାର୍ଯ୍ୟକ୍ରମ ସଂପର୍କରେ ତାଲିମ ନେଇଥିଲେ। ମଙ୍ଗଳବାର ମହାବିଦ୍ୟାଳୟରେ ଏ ନେଇ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧକ୍ଷା କ୍ରିଷ୍ଣା ଆଚାର୍ଯ୍ୟ, ଅଧାପକ ପ୍ରଭାତ ରଞ୍ଜନ ଲେଙ୍କା ଯୋଗଦେଇ ତାଲିମପ୍ରାପ୍ତ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ।

### ଗଣମାଧମ ପ୍ରତିନିଧିଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ପଟ୍ଟାମୁଣ୍ଡାଇ, ୧।୨ (ସ୍ୱ.ପ୍ର):** ଏକ ଖବର ପ୍ରକାଶନକୁ ବିରୋଧ କରି ବୈଦ୍ୟୁତିକ ଗଣମାଧମର ପ୍ରତିନିଧି କୁମାରେଶ ନାୟକଙ୍କୁ ଗତ ବୁଧବାର ଅପରାହ୍ନରେ କଟୁରୀରେ ଆକ୍ରମଣ କରିଥିବା ଅଭିଯୁକ୍ତ ସୂର୍ଯ୍ୟକାନ୍ତ ମଲିକଙ୍କୁ ଶୁକ୍ରବାର ପଟ୍ଟାମୁଣ୍ଡାଇ ପୋଲିସ ଗିରଫ କରିଛି । ସୂର୍ଯ୍ୟକାନ୍ତ ଗିରଫ ଭୟରେ ବସ ଯୋଗେ ବାହାରକୁ ଚାଲି ଯିବାକୁ ବସିଥିବା ବେଳେ ଖବର ପାଇ ପୋଲିସ କଟକ- ଚାନ୍ଦବାଲି ରାସ୍ତାର ପଥରକଣୀ ଠାକୁରାଣୀଙ୍କ ନିକଟରୁ ତାଙ୍କୁ ଗିରଫ କରିଛି । ଏହି ଘଟଣାକୁ ଖବରଦାତାଙ୍କ ପକ୍ଷରୁ ଦୃଢ ନିନ୍ଦା କରାଯାଇଥିଲା ।

■ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଉଦ୍‌ଘାଟିତ

# ସଂସ୍କୃତି ସମ୍ପନ୍ନ ପୁସ୍ତକ କାଳଜୟୀ

**କେନ୍ଦ୍ରାପଡା ଅଫିସ, ୧।୨**

ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ଆୟୋଜନାରେ ଅଷ୍ଟାଦଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସୂଚନା କମିସନର ଜଗଦାନନ୍ଦ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ, ବରିଷ୍ଠ କବି କୁମାର ହସନ, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ପୂର୍ବତଟ ରେଳପଥ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ କବି ନିରାକାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ପୁସ୍ତକର ଉପାଦେୟତା ସମ୍ପର୍କରେ କହିଥିଲେ ଯେ, ପୁସ୍ତକର ଆକାର ପ୍ରକାର ବଦଳିଛି। ତାଳପତ୍ର, କାଗଜରୁ ଏବେ ଅତ୍ୟାଧୁନିକ ଡିଭାଇସରେ ପୁସ୍ତକ ଉପଲବ୍ଧି ହେଉଛି। ତେବେ ସଂସ୍କୃତି ସମ୍ପନ୍ନ ପୁସ୍ତକ ସର୍ବଦା କାଳଜୟୀ ହୋଇରହିଛି। ଯୁଗ ଯୁଗ ଧରି ଗୀତା, ରାମାୟଣ, ମହାଭାରତ, କୋରାନ, ବାଇବେଲ, ତୋରା ଆଦି ଜନମାନସରେ ବାନ୍ଧି ହୋଇରହିଛି। ତେବେ ଆଧୁନିକ ଯୁଗର ସାହିତ୍ୟ ଦେଶରେ ପରିବର୍ତ୍ତନ ଆଣିପାରୁଥିବା ବେଳେ ସାଂପ୍ରତିକ ସମୟରେ ଶିଶୁଙ୍କୁ ସଂସ୍କୃତି ସମ୍ପନ୍ନ କରିବା ଭଳି ପୁସ୍ତକର ଅଭାବ ଦେଖାଦେଇଛି। ଏଥିପାଇଁ ସଚେତନ ହେବା ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ କେମ୍‌ର ମୁଖପତ୍ର 'କେନ୍ଦ୍ରାପଡ଼ା ପରିକ୍ରମା' ସହ କବି ବୃନ୍ଦାବନ ଦାସଙ୍କ କବିତା ସଙ୍କଳନ ଚହଲା ପାଣିର ଛବି, ଡା. ବିରଜା ରାୟଙ୍କ ଗଳ୍ପ ସଙ୍କଳନ ତାରାଭର୍ତ୍ତି ଆକାଶ, କବି ଫକୀର ଓଝାଙ୍କ ଆସରର କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କେମ୍ ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନବଜ୍ୟୋତି ରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମହମ୍ମଦ ଜାହିର ଖାଁ କେମ୍ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସମ୍ମିତ ଶ୍ରୀଚନ୍ଦନ ପୁସ୍ତକ ଉନ୍ମୋଚନକୁ ପରିଚାଳନା କରିଥିବା ବେଳେ ମନୋଜ ଦାସ ଧନ୍ୟବାଦ ଅର୍ପଣ କରାଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କେମର କାର୍ଯ୍ୟକର୍ତ୍ତା ବିରଜା ରାଉତରାୟ, ତାରିଣୀ ପାଟ୍ଟଯୋଶୀ, ଅର୍ଜୁନ ବେହୁରା, ଯଯାତି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କେନ୍ଦ୍ରାପଡା କଳା ବିକାଶ କେନ୍ଦ୍ରର ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ କରିଥିଲେ। ଉଦ୍‌ଘାଟନୀ ଦିବସରେ ବହୁ ନାମି ଦାମୀ ପବ୍ଲିକେଶନର ବହି ଷ୍ଟଲ ଖୋଲିଥିବା ଦେଖିବାକୁ ମିଳିଥିଲା।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବ୍ୟାଙ୍କ ଆକାଉଣ୍ଟରୁ ୭ ଲକ୍ଷ ହଡ଼ପ

### କର୍ମଚାରୀଙ୍କ ସଂପୃକ୍ତି ଥିବା ଅଭିଯୋଗ ଆଣିଲେ ମହିଳା

**ରାଜନଗର, ୧।୨ (ଡିଏନଏ)**

ରାଜନଗର ବ୍ଲକ ସାନବଡଗୋପାଳପୁର ସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଥିବା ଜଣେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬ ଲକ୍ଷ ୮୯ ହଜାର ୩୫୩ ଟଙ୍କା ହଡ଼ପ ହୋଇଛି। ଏ ନେଇ ସଂପୃକ୍ତ ମହିଳାଙ୍କ ପକ୍ଷରୁ ଶୁକ୍ରବାର ରାଜନଗର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ବ୍ୟାଙ୍କର କର୍ମଚାରୀ ଓ ଦଲାଲଙ୍କ ସହାୟତାରେ ହଡ଼ପ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ରାଜନଗର ଥାନା ଅନ୍ତର୍ଗତ ବ୍ରାହ୍ମଣସାହି ପଞ୍ଚାୟତ ବଡନାଉକୋଣା ଗାଁର ସ୍ୱର୍ଣ୍ଣଲତା ସେଠୀଙ୍କର ସାନବଡଗୋପାଳପୁରସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆରେ ବ୍ୟାଙ୍କ ଆକାଉଣ୍ଟ ରହିଛି। ତେବେ ତାଙ୍କର ଆକାଉଣ୍ଟ ନଂ ୧୯୯୫୧୧୫୬୮୨ ରୁ ଉପରୋକ୍ତ ପରିମାଣର ଟଙ୍କା ଲୁଟ ହୋଇଛି। ସେ ଦୁଇମାସ ତଳେ ବ୍ୟାଙ୍କରୁ ଏଟିଏମ କାର୍ଡ ନେଇଥିଲେ ମଧ୍ୟ ଆଜିଯାଏଁ ବ୍ୟବହାର କରି ନ ଥିଲେ। ଶୁକ୍ରବାର ପୂର୍ବାହ୍ନରେ ସେ ବ୍ୟାଙ୍କରେ ଧାଡିରେ ଛିଡା ହୋଇ ୧୦ହଜାର ଟଙ୍କା ଉଠାଇ ପାସବୁକ୍ ଅପଡେଟ କରିଥିଲେ। ସେଥିରେ ମାତ୍ର ୯୦ ହଜାର ଟଙ୍କା ଥିବା ଦେଖି ସେ ସଙ୍ଗେ ସଙ୍ଗେ ବ୍ୟାଙ୍କର ପରିଚାଳକଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀ ଏଟିଏମ ବ୍ୟବହାର କରାଯାଇ ଟଙ୍କା ଉଠିଛି। ଆପଣଙ୍କ ପୁଅ କିମ୍ବା ପରିବାର ଲୋକେ ଟଙ୍କା ଉଠାଇ ଥିବେ। ଆମେ କିଛି କରି ପାରିବୁନି ବୋଲି କହିଥିଲେ। ବ୍ୟାଙ୍କରୁ ଏଟିଏମ କାର୍ଡ ନେବା ପରଠାରୁ ସେ ଆଉ କାହାକୁ ଦେଇନାହାନ୍ତି କିମ୍ବା ବ୍ୟବହାର କରିନାହାନ୍ତି ବୋଲି ସ୍ୱର୍ଣ୍ଣଲତା ଯେତେ କହିଲେ ବି ବ୍ୟାଙ୍କ କର୍ମଚାରୀ ତାଙ୍କ କଥା ଶୁଣି ନ ଥିଲେ। ଅପରପକ୍ଷରେ ଏହି ଘଟଣା ଜଣାପଡିବା ପରେ କେତେଜଣ ଗ୍ରାହକ ବ୍ୟାଙ୍କ ଖୋଲା ଥିବା ସମୟରେ ବ୍ୟାଙ୍କର ଗ୍ରୀଲ ଓ ସଟରକୁ ପକାଇ ଟଙ୍କା ତୁରନ୍ତ ଫେରାଇବାକୁ ଦାବି କରିଥିଲେ। ବ୍ୟାଙ୍କର କର୍ମଚାରୀମାନେ ଲୁଟ ଘଟଣାରେ ସଂପୃକ୍ତ ଥିବା ଗ୍ରାହକମାନେ ଅଭିଯୋଗ କରିଥିଲେ। ଫଳରେ ବ୍ୟାଙ୍କର କର୍ମଚାରୀମାନେ ସୋମବାର ସୁଦ୍ଧା ସମସ୍ତ ଟଙ୍କା ଫେରାଇ ଦିଆଯିବ ବୋଲି କହିଥିବା ସ୍ୱର୍ଣ୍ଣଲତା କହିଛନ୍ତି।

## ବିଜୁ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ



ଅନ୍ୟମାନଙ୍କ ଗହଣରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ବିଜୁ ସେତୁର ଶିଳାନ୍ୟାସ କରୁଛନ୍ତି।

**ରାଜନଗର, ୧।୨(ଡିଏନଏ)**

ରାଜନଗର ବ୍ଲକ ଓଡ୍ରିଆ ପଞ୍ଚାୟତର ନଳଦିଆ କଟକଣା ମଧ୍ୟରେ ସଂଯୋଗ ପାଇଁ ବିଜୁସେତୁ ନିର୍ମାଣ ହେବ। ବ୍ରାହ୍ମଣୀ କ୍ରିକ ଉପରେ ଏହି ସେତୁ ନିର୍ମାଣ କରାଯିବ। ଶୁକ୍ରବାର ଏହି ବିଜୁସେତୁର ଶିଳାନ୍ୟାସ କରାଯାଇଛି। ଜିଲା ଯୋଜନା ବୋର୍ଡ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସେତୁର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର କୁମାର ସେଠୀ, ଓଡ୍ରିଆ ପଞ୍ଚାୟତର ସରପଞ୍ଚ କେଦାର କୁମାର ସାହୁ, ସମିତି ସଭ୍ୟ ପାରେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା।

## ଶ୍ୱଶୁର ଘର ଗାଁରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**ମହାକାଳପଡ଼ା, ୧।୨ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅଧୀନ ବେଲପାଟ ଗ୍ରାମର ବୁଧିଆ ସାମଲଙ୍କ ଜ୍ୱାଇଁ ଗ୍ରାମ ନିକଟସ୍ଥ ଏକ ବଗିଚାରେ ଶୁକ୍ରବାର ସକାଳେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ କଟକ ଜିଲା ଆଠଗଡ଼ ଅଞ୍ଚଳ ଗଡ଼ପୋଖରୀ ଗ୍ରାମର ସାମଲ ନାୟକଙ୍କ ପୁଅ ବୁଟୁ (୨୪)। ପ୍ରାୟ ବର୍ଷେ ପୂର୍ବେ ବୁଧିଆଙ୍କ ଝିଅ ରୁବିଙ୍କ ସହ ବୁଧିଆଙ୍କର ବିବାହ ହୋଇଥିଲା। ବିବାହ ପରେ ଦୁହେଁ ବେଲପାଟ ଗ୍ରାମରେ ରହୁଥିଲେ। ତେବେ ଶୁକ୍ରବାର ସକାଳୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାପରେ ବୁଧିଆ ଘରୁ ବାହାରି ଯାଇ ବଗିଚାରେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସନ୍ଧ୍ୟାରେ ବୁଧିଆଙ୍କ ପରିବାର ଲୋକେ ବେଲପାଟ ଗ୍ରାମରେ ପହଞ୍ଚିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ। ଏ ନେଇ ଥାନାରେ ୪/୧୯ ନଂ.ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜିଲାସ୍ତରୀୟ ସଂସ୍କୃତ ମହାବିଦ୍ୟାଳୟ ସମୂହ ବାର୍ଷିକୋତ୍ସବ

**ଡେରାବିଶ, ୧।୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ମୁଣ୍ଡାଳୋସ୍ଥିତ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଦ୍ୱିତୀୟ ଜିଲାସ୍ତରୀୟ ଆନ୍ତଃ ସଂସ୍କୃତ ମହାବିଦ୍ୟାଳୟ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବ ଉଦ୍‌ଘାଟନୀ ସଭାରେ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଆର୍ତ୍ତତ୍ରାଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟଅତିଥି ଓ ପଣ୍ଡିତ କରୁଣାକର ମିଶ୍ର, ଅଧାପକ ସୁକାନ୍ତ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବର ମୁଖ୍ୟ ସଂଯୋଜକ ମଳୟ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସଂଯୋଜକ ବିଷ୍ଣୁ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ମହାବିଦ୍ୟାଳୟର ଶାରୀରିକ କ୍ରୀଡ଼ା ଶିକ୍ଷକ ଅଭିରାମ ନାୟକ, ସମ୍ପାଦକ ବିପିନ ବିହାରୀ ଦାଶ, ହରିଅଙ୍କ ସରପଞ୍ଚ ଯୁଗଳ କିଶୋର ମହାନ୍ତି ଓ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠାତା ରତ୍ନାକର ନାୟକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକୋତ୍ସବ ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥି।

## କୋରୋ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା ଅଫିସ୍, ୧।୨**

କେନ୍ଦ୍ରାପଡ଼ା ବ୍ଲକ କୋରୋ ପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ମାନସ ଭୂଷଣ ପଣ୍ଡିତ, ହୃଷୀକେଶ ରଥ, ଶିକ୍ଷାବିତ୍ ପବିତ୍ରମୋହନ ପଟ୍ଟନାୟକ ସରପଞ୍ଚ ତଅପୋଇ ମଲ୍ଲିକ, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ପରିଡ଼ା, ସିଆରସିସି ମହମ୍ମଦ ଜଲାଲୁଦ୍ଦିନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିମଳ ପ୍ରସାଦ ପରିଡ଼ା, ବିଭୂତି ଜେନା, ରାଧାମୋହନ ଦାଶ, ହିମାଂଶୁ ପରିଡା, ତୃପ୍ତି ପରିଡା, ଦୀପ୍ତି ପରିଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ

## ସେମିରେ ନିମପୁର ସ୍ପୋର୍ଟିଂ

**ରାଜନଗର, ୧।୨ (ଡି.ଏନ.ଏ.)**

ରାଜନଗର ବ୍ଲକର ଫିରିକିଦାଣ୍ଡି ଖେଳପଡିଆରେ ଶୁକ୍ରବାରଠାରୁ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ ଚ୍ୟାଲେଞ୍ଜ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଆଳିର ଖରାଖାଇ ଟିମକୁ ୬ ଉଇକେଟରେ ହରାଇ ଜଗତପୁରର ନିମପୁର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ଆଳି ବ୍ୟାଟିଂ କରି ୨୪.୪ ଓଭରରେ ୧୨୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଶ୍ରୀକାନ୍ତ ୩୯ ରନ ଓ ସତ୍ୟରଞ୍ଜନ ୧୯ ରନ ସଂଗ୍ରହ କରିଥିଲେ। ଜଗତପୁରର ବଳରାମ ୫ ଓଭର ବୋଲିଂ କରି ମାତ୍ର ୮ ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ନିମପୁର ୧୮.୪ ଓଭରରେ ୪ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଦିବ୍ୟଜ୍ୟୋତି ୬୭ ରନ କରିଥିଲେ। ଦିବ୍ୟଜ୍ୟୋତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌ରେ ତଟବନ୍ଧ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ କିରଣ କୁମାର ନାୟକ, ଅଧାପକ ଶୁଭକାନ୍ତ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ବାବା ବୈଷ୍ଣବ ଗୋସ୍ୱାମୀ ଯୁବକ ସଂଘ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରାଯାଉଛି। ଆୟୋଜକ କମିଟିର ପ୍ରଦୀପ ନାୟକ, ଗୁରୁଚରଣ ବରାଳ, ସଚ୍ଚିଦାନନ୍ଦ ପାତ୍ର, ସତ୍ୟ ନାରାୟଣ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅସିତ ତ୍ରିପାଠୀ, ସୁଧିର ବେହୁରା ଧାରାବିବରଣୀ ପ୍ରଦାନ କରିଥିବା ବେଳେ ବଂଶୀଧର ସ୍ୱାଇଁ, ନିରଂଜନ ଦାସ, ଅଂଜନ ବେହେରା ଅମ୍ପାୟରିଂ କରିଥିଲେ। ଶନିବାର ଭୁବନେଶ୍ୱରର ଶ୍ରୀକ୍ଷେତ୍ରପାଳ ଟିମ୍ ଓ ପାରାଦୀପ ସ୍ପୋର୍ଟିଂ ମୁହାଁମୁହିଁ ହେବେ।

## ବିଦେଶରେ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

■ ୧୨ ଜଣଙ୍କୁ ଜାଲ୍ ପାସପୋର୍ଟ ଦେଇଥିବା ଅଭିଯୋଗ

**ରାଜକନିକା, ୧।୨ (ଡି.ଏନ୍.ଏ.)**

ବିଦେଶରେ ଚାକିରି କରାଇ ଦେବା ନାଁରେ ରାଜକନିକା ଥାନା ଅଧୀନ କାଳିକାଏନ୍ଦା ଗ୍ରାମର ବିଶ୍ୱଜିତ୍ ସ୍ୱାଇଁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ବେଳେ ଜାଲ୍ ପାସପୋର୍ଟ ଦେଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ରାଜନଗର ଥାନା ଅଞ୍ଚଳର ଶରତ ମହାନ୍ତି ଏ ନେଇ ଥାନାରେ ଅଭିଯୋଗ କରିଥିବାବେଳେ ପୋଲିସ ୨୪/୧୯ ନଂ.ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବିଦେଶରେ ଚାକିରି କରାଇ ଦେବେ ବୋଲି କହି ବିଶ୍ୱଜିତ୍ ରାଜନଗର ଥାନା ଅଞ୍ଚଳର ୧୨ ଜଣ ଯୁବକଙ୍କଠାରୁ ସମୁଦାୟ ୭ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ଏପରି କି ସମସ୍ତଙ୍କୁ ପାସପୋର୍ଟ ମଧ୍ୟ କରାଇ ଦେବେ କହିଥିଲେ। କିନ୍ତୁ ଦୀର୍ଘଦିନ ପରେ ସେମାନଙ୍କୁ ଜାଲ୍ ପାସ୍‌ପୋର୍ଟ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଯୁବକମାନେ ତାଙ୍କୁ ପଚାରିବାରୁ ବିଶ୍ୱଜିତ୍ ସେମାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଗୁରୁବାର ଶରତ ଥାନାରେ ଅଭିଯୋଗ କରିଥିବା ବେଳେ ଠକାମିର ଶିକାର ହୋଇଥିବା ରାଜନଗର ଥାନା ଅଞ୍ଚଳର ରଘୁନାଥ ବେହେରା, କୀର୍ତ୍ତନ ମହାନ୍ତି, ପ୍ରବୀର ପ୍ରସନ୍ନ, ଭାଗବତ ରାଉତ, ମାନସ କୁମାର, ସୁଧାଂଶୁ ଶେଖର ପ୍ରଧାନ, ପ୍ରସନ୍ନ ବରାଳ, ସୁବ୍ରତ ଦାଶ, ବଳିରାଜ ପ୍ରଧାନ ତାଙ୍କ ସହ ଥାନାକୁ ଆସିଥିଲେ। ଏବେ ବିଶ୍ୱଜିତ୍ ସ୍ଥାନୀୟ ତରାସସ୍ଥିତ ନେତାଜୀ ଛକରେ ଘରଭଡ଼ା ନେଇ ରହୁଥିବା ବେଳେ ସେ ଫେରାର ଥିବା ପୋଲିସ କହିଛି। ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚାଲିଥିବା ରାଜକନିକା ଥାନା ଅଧିକାରୀ ବିଜୟ ମଲ୍ଲିକ କହିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୧।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନସ୍ଥ ଦାଣ୍ଡିସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ ସୂତାରଙ୍କୁ ଗତ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଅପରାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଜୟହିନ୍ଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ସଭାରେ ସିଆରସି କଳାକାର ସାହୁ, ଅନ୍ନପୂର୍ଣ୍ଣା ନାୟକ, ଚନ୍ଦନ ମହାନ୍ତିଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଇଓ ହିମାଂଶୁ ଭୂଷଣ ଓଝା ପ୍ରଧାନଶିକ୍ଷୟିତ୍ରୀ ସୂତାରଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ ଶିକ୍ଷୟିତ୍ରୀ ଭାବେ ପରିଚିତ ଥିଲେ।

■ ଏମ ଏନ ହାଇସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ

# ଶିକ୍ଷା ସହ ଶାରୀରିକ ବିକାଶ ଏକାନ୍ତ ଆବଶ୍ୟକ

**ପଟ୍ଟାମୁଣ୍ଡାଇ, ୧।୨ (ସ୍ୱ.ପ୍ର.)**

ବୁଧବାର ଠାରୁ ଆରମ୍ଭ ହୋଇଥିବା ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲର ୬୭ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ରୀନା ମଲିକ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ଆରାଧନା ଦାଶ, ପଟ୍ଟାମୁଣ୍ଡାଇ ସ୍ପୋର୍ଟସ ଆସୋସିଏସନ ସମ୍ପାଦକ ରମେଶ କୁମାର ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ଶାରିରୀକ ବିକାଶ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ । ଏହି ଅବସରରେ କ୍ରୀଡା ପ୍ରତିଯୋଗିତାରେ ସବ୍ ଜୁନିୟର ବାଳିକା ବିଭାଗର ମୋନାଲିସା ମଲିକ ଓ ସବ୍ ଜୁନିୟର ବାଳକ ବିଭାଗରେ ନିରୋଜ କୁମାର, ଜୁନିୟର ବାଳିକା ବିଭାଗରେ ଅର୍ପିତା ରାଉତ ଓ ଜୁନିୟର ବାଳକ ବିଭାଗରେ ଆବାସ ଖାଁ ଚାମ୍ପିୟନ ଭାବେ ଟ୍ରଫି ଗ୍ରହଣ କରିଥିଲେ । ମୋଟ୍ ୧୦ଗୋଟି ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ । ଏହି କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ମଲିକ ଉଦ୍‌ଘାଟନ କରିଥିଲେ । କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ମୋଟ ୭ଶହ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ, ସସ୍ମିତା ସିଂହ, ମାନସୀ ମହାନ୍ତି, ପୁଷ୍ପଲତା ପ୍ରଧାନ,ଶୈଳବାଳା ଆଚାର୍ଯ୍ୟ, ଗୋମତୀ ସ୍ୱାଇଁ, ବିପିନ ବିହାରୀ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବିଜୟ କୁମାର ବେହେରା, ସରୋଜ କୁମାର ସ୍ୱାଇଁ, ଭାବଗ୍ରାହୀ ବାରିକ, ଅଶୋକ କୁମାର ସାହୁ, ଶରତ କୁମାର ମିଶ୍ର, ଭରତ ସ୍ୱାଇଁ, ବ୍ରଜ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।



ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟମାନଙ୍କ ସହ କୃତୀ ଛାତ୍ରୀଛାତ୍ର ।

## ORISSA WATER SUPPLY & SEWERAGE BOARD

(A Govt. of Odisha Undertaking)

**OFFICE OF THE CHIEF ENGINEER, OISIP, JICA**

At : Mahanadivihar, P.O. : Nayabazar, Cuttack-753004

Phone No.:0671-2444511, Fax No. : 0671-2441616, E-mail ID : ce_jica@owssb.in

### ବିଜ୍ଞପ୍ତି

**No. : 02/W-116** **Date : 28.01.2019**

ଏତଦ୍ୱାରା କଟକ ସହରର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ ସହରରେ ସ୍ୱେରେଜ୍ ବ୍ୟବସ୍ଥାର ଉନ୍ନତିକରଣ ପାଇଁ "ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ" (OISIP) କାର୍ଯ୍ୟ ଚାଲୁଅଛି । ଏହି ପ୍ରକଳ୍ପ "ଜାଇକା" (JICA)ର ଆର୍ଥିକ ସହାୟତାରେ "ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ" (OWSSB) ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ଏହି ପ୍ରକଳ୍ପ ଅଧିନରେ କଟକ ସହରରେ ୩୮୦ କିଲୋମିଟର ଭୂତଳ ସ୍ୱେରେଜ୍ ପାଇପ୍ ଲାଇନ୍, ୫ କୋଟି ୨୦ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଦୁଇଟି ବର୍ଜ୍ୟଜଳ ବିଶୋଧନାଗାର (STP), ୩୬ଟି ସ୍ୱେରେଜ୍ ପମ୍ପିଙ୍ଗ୍ ଷ୍ଟେସନ୍ ଏବଂ ଡ୍ରେନେଜ୍ ବ୍ୟବସ୍ଥାର ପୁନଃଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ।

ସ୍ୱେରେଜ୍ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଚାଲୁଥିବା ଭୂତଳ ସ୍ୱେରେଜ୍ ପାଇପ୍ ଲାଇନ୍, ବର୍ଜ୍ୟଜଳ ବିଶୋଧନାଗାର, ହଜାର ହଜାର ସଂଖ୍ୟାରେ ମ୍ୟାନହୋଲ୍, ଗୃହରୁ ନିର୍ଗତ ବର୍ଜ୍ୟଜଳ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ ଚେମ୍ବର (Sewer Connection Chamber) ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିଆସିଲାଣି । କଟକ ସହରର ଗୃହମାନଙ୍କରୁ ନିର୍ଗତ ବର୍ଜ୍ୟଜଳକୁ ଏହି ସ୍ୱେରେଜ୍ ବ୍ୟବସ୍ଥା ସହିତ ସଂଯୋଗୀକରଣ ଉଦ୍ଦେଶ୍ୟରେ ଏବେ ଏକ ସର୍ଭେ କରାଯାଉଅଛି । ଏହି ସର୍ଭେ କାମ କରିବା ପାଇଁ ଟି.ଇ.ସି. କନସୋରଟିୟମ୍ (M/s TEC Consortium) କୁ ନିୟୋଜିତ କରାଯାଇଅଛି । ଏହି ସର୍ଭେ ଅଧିନରେ ଘରଗୁଡ଼ିକର ବାସ୍ତବ ସ୍ଥିତି, ଲେ-ଆଉଟ୍ (Lay Out) ଏବଂ ସଂଯୋଗୀକରଣ ବା କନେକ୍ସନ୍ ପାଇଁ ଖର୍ଚ୍ଚ ଆକଳନ (Estimate) କରାଯିବ ।

ଏଥିପାଇଁ ସର୍ଭେକରୁଥିବା ଅଧିକାରୀମାନେ ପ୍ରତ୍ୟେକ ଘରକୁ ଯାଇ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ । ସର୍ଭେ କରିବାବେଳେ ପ୍ରଥମେ ଅଧିକାରୀମାନେ ଏହି ସର୍ଭେର ଉଦ୍ଦେଶ୍ୟ ବିଷୟରେ ଗୃହ କର୍ତ୍ତାଙ୍କୁ ବୁଝାଇ କହିବେ । ସର୍ଭେ କରିବା ସମୟରେ ସେପ୍‌ଟିକ୍ ଟାଙ୍କି, ଗୃହର ନିଜସ୍ୱ ଇନିସ୍ପେକ୍ସନ୍ ଚେମ୍ବର (Inspection Chamber) ଇତ୍ୟାଦିର ଇନ୍‌ଭର୍ଟ ଲେଭୁଲ (Invert Level) ଜାଣିବା ପାଇଁ ଘର ଭିତରକୁ ପ୍ରବେଶ କରିବା ଆବଶ୍ୟକ ପଡ଼ିପାରେ । ସର୍ଭେର ଆବଶ୍ୟକତା ଅନୁଯାୟୀ ଗୃହକର୍ତ୍ତା ନିଜର ଏକ ପରିଚୟପତ୍ରର ନକଲ ଯେମିତି ଆଧାର କାର୍ଡ଼, ପ୍ୟାନ୍‌କାର୍ଡ଼ ଇତ୍ୟାଦି ସର୍ଭେ ଅଧିକାରୀଙ୍କୁ ଦେବାକୁ ଅନୁରୋଧ । ସର୍ଭେ କରିସାରିବା ପରେ ଅଧିକାରୀମାନେ ସ୍ୱେରେଜ୍ କନେକ୍ସନ୍ ସମ୍ଭାବ୍ୟ ଲେ-ଆଉଟ୍ (Lay Out) ଏବଂ କନେକ୍ସନ୍ ପାଇଁ ଖର୍ଚ୍ଚ ଆକଳନ ବା (Estimate) ଗୃହକର୍ତ୍ତାଙ୍କୁ ପ୍ରଦାନ କରିବେ ।

ଏହି ସର୍ଭେ ଗୃହକର୍ତ୍ତାମାନଙ୍କୁ ନିଜ ଗୃହର ସ୍ୱେରେଜ୍ ସଂଯୋଗୀକରଣରେ ସାହାଯ୍ୟ କରିବ । ଏଣୁ ଏହି ସର୍ଭେ କାମରେ ସହଯୋଗ କରିବା ସଙ୍ଗେ ସଙ୍ଗେ ସର୍ଭେ ଅଧିକାରୀମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ପାଇଁ ଆମେ କଟକ ସହରର ସମସ୍ତ ଗୃହକର୍ତ୍ତାଙ୍କୁ ଅନୁରୋଧ କରୁଅଛୁ । ସର୍ଭେ ଦଳର ପ୍ରତ୍ୟେକ ସଦସ୍ୟ ନିଜର ପରିଚୟ ପତ୍ର ସଙ୍ଗରେ ବହନ କରିବେ ।

ଆପଣଙ୍କ ବିଶ୍ୱସ୍ତ

ବିନୋଦ ସରାଫ୍, ମୁଖ୍ୟଯନ୍ତ୍ରୀ,

ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତିକରଣ ପ୍ରକଳ୍ପ, ଜାଇକା, ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ, କଟକ






## idco ODISHA NEW OPPORTUNITIES — ODISHA INDUSTRIAL INFRASTRUCTURE DEVELOPMENT CORPORATION

(A Government of Odisha Undertaking)

IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.

Tender Call Notice No. H.O./P&C/EST-E-1092/04/2019 - 1939 Dated :- 31.01.2019

**NOTICE INVITING TENDER THROUGH e-Procurement**

**Name of the Work** : Construction of compound wall over plot no. 400/6696, khata no. 291/1999, Mahisapat, Dhenkanal.

**Estimated cost** : Rs.49.71 lakh (apprx).

**Period of Completion** : 05 (five) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid ID. No. PC-EST-E-85/2018-19 | 04.02.2019 at 10.00 hrs. | 16.02.2019 up to 17.00 hrs. |

Further details can be seen from the e-Procurement Portal. **www.tendersorissa.gov.in** and Corrigendum if any will not be published in news papers and can only be seen in the e-procurement portal **www.tenderorissa.gov.in** and IDCO Website **www.idco.in.**

Sd/-
Chief General Manager (P&C)
IDCO, Bhubaneswar

## idco ODISHA NEW OPPORTUNITIES — ODISHA INDUSTRIAL INFRASTRUCTURE DEVELOPMENT CORPORATION

(A Government of Odisha Undertaking)

IDCO Towers, Janpath, Bhubaneswar - 751022

No. HO/OSDPC/09/2013/90 Dated :- 01.02.2019

**EXPRESSION OF INTEREST**

**Odisha Sports Development & Promotion Company (OSDPC), a subsidiary of IDCO, Govt. of Odisha,** invites sealed bids for rate of interest in the following prescribed format for fixed deposit amounting to **Rs.1.00 Crore (interest compounded quarterly)** from Bhubaneswar based eligible Govt. approved Banks as per Finance Department Order No.32648/F, dated 10.10.2018 Govt. of Odisha.

| Sl. No. | Period | % Rate of Interest Per Annum (Only Callable) |
|---|---|---|
| | | Rs. 1.00 Crore |
| 1. | One Year | |

The Bid should be super-scribed in red - "Rate of Interest" and must reach the undersigned in sealed cover by Speed Post / Special Messenger **on or before 1.00 P.M. on 12th February 2019** and the same shall be opened on the same day in the office chamber of CGM (P&A), IDCO & ED, OSDPC in the presence of representatives of the participating Banks. Interest offer of Bank shall remain valid till 14th February 2019. The interest rate quoted by the Bank is final and in no circumstances change of rate can be entertained. The decision of the management of OSDPC will be final.

Sd/-
CGM (P&A)
IDCO & ED, OSDPC

## ORISSA WATER SUPPLY & SEWERAGE BOARD

**OFFICE OF THE PROJECT ENGINEER,**

Project Management Unit, OWSSB, Cuttack

Ph : (0671) 2302381, Fax : 2300381,

Email : peowssbctc@yahoo.co.in

**Bid Identification No. 146/PMU/CTC/OWSSB/2018-19**

Construction of Compound wall around the site selected for Construction of Sewage Treatment Plant (STP-II) at Baghuabol, Talcher can be viewed / downloaded from e-Procurement Portal of the State Govt **https://tendersodisha.gov.in** from 02.02.2019 (11.00 hrs IST) to 23.02.2019 (17 hrs IST).

-Sd-
**Project Engineer**

## Office of the Chief Construction Engineer Upper Kolab Project, Bariniput

**Dist, Koraput, ODISHA-764006,**

**email id: ccekolab@yahoo.com , Phone / FAX:06854-242035**

**Quotations call notice no CCEUKP-QCN-01/2018-19**

**No. 414 Dated .29.01.2019**

**No.1206-A:-** The Chief Construction Engineer, Upper Kolab Project, At/Po- Bariniput, Dist:- Koraput invited Sealed Quotations for procurement of testing apparatus for Quality Control Laboratory for quality control Division, Bariniput from the Manufacturers / Authorized dealers/Govt Order Suppliers having PAN card & valid GSTIN. The details of Quotation call notice along with detail specification and eligibility criteria can be purchased from the Office of the Executive Engineer, Quality Control Division, Bariniput on payment of Rs100/- for each booklet in between 11.00AM on 07.02.2019 to 18.02.2019 up to 5.00PM on any working days during the notice period or can also be downloaded from Official website of Government of Odisha (htpp//www.orissagov.nic.in) during the notice period. In this case the Bidder have to furnish the cost of the booklet amounting to Rs200/- In shape of Bank Draft in favour of the Executive Engineer, Q.C Division, Bariniput payable at SBI, Main Branch, Jeypore along with the Quotation documents.

The sealed quotation will be received by the undersigned or representative of the undersigned in between 11.00AM on 07.02.2019 to 20.02.2019 up to 1.00PM. The quotation will be opened on 20.02.2019 at 3.30PM in the Office of the Chief Construction Engineer, Upper Kolab Project, Bariniput.

The undersigned reserved the right to accept or reject any or all the quotations without assigning any reason thereof.

Further details can be seen from the Govt. website www.orissagov.nic.in / www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

**32197/11/0013/1819**

**Sd./- Chief Construction Engineer**
**Upper Kolab Project, Bariniput**

## ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)

### ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **54/PCD/2018-19.** କାର୍ଯ୍ୟର ନାମ : ବାଲେଶ୍ୱରସ୍ଥ ସହଦେବଖୁଣ୍ଟା ପରିସରରେ କାର୍ଭିଙ୍ଗ୍ ଏରିଆ ଏବଂ ପ୍ରସ୍ତାବିତ ରାସ୍ତା ମଧ୍ୟରେ ବାଉଣ୍ଡରୀୱାଲର ବ୍ୟବସ୍ଥା । ଆନୁମାନିକମୂଲ୍ୟ : ଟ.୧୪,୧୮,୦୫୬/-, ଅମାନତ ଜମା ରାଶି : ଟ.୨୮,୩୬୧/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୬୭୩/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ଣ ୧୨.୩୦ଘଟିକା ପର୍ଯ୍ୟନ୍ତ ।
2. NIT No. **55/PCD/2018-19.** କାର୍ଯ୍ୟର ନାମ : କେନ୍ଦୁଝର ଗଡ଼ ମୁଖ୍ୟ ଡାକଘରର ସ୍ୱେରେଜ୍ ଏବଂ ଡ୍ରେନେଜ୍ ସିଷ୍ଟମ୍‌ର ନବିକରଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୫,୬୧,୦୫୦/-, ଅମାନତ ଜମା ରାଶି : ଟ.୧୧,୨୨୧/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୪୫ (ପଇଁଚାଳିଶ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ଣ ୧୨.୩୦ଘଟିକା ପର୍ଯ୍ୟନ୍ତ ।
3. NIT No. **56/PCD/2018-19.** କାର୍ଯ୍ୟର ନାମ : ରାଜଗାଙ୍ଗପୁର ଏମ୍.ଡି.ଜି.ର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୧୧,୨୧,୯୪୬/-, ଅମାନତ ଜମା ରାଶି : ଟ.୨୨,୪୩୯/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୩୨୪/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ଣ ୧୨.୩୦ଘଟିକା ପର୍ଯ୍ୟନ୍ତ ।
4. NIT No. **57/PCD/2018-19.** କାର୍ଯ୍ୟର ନାମ : ବରଗଡ ମୁଖ୍ୟଡାକଘର ବିଲ୍ଡିଂର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୧୦,୭୮,୮୧୮/-, ଅମାନତ ଜମା ରାଶି : ଟ.୨୧,୫୭୬/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୨୭୩/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ଣ ୧୨.୩୦ଘଟିକା ପର୍ଯ୍ୟନ୍ତ ।
5. NIT No. **58/PCD/2018-19.** କାର୍ଯ୍ୟର ନାମ : ଝାରସୁଗୁଡ଼ା ମୁଖ୍ୟଡାକଘରର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୭,୩୭,୨୫୦/-, ଅମାନତ ଜମା ରାଶି : ଟ.୧୪,୭୪୫/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୬.୦୨.୨୦୧୯ରିଖ ଅପରାହ୍ଣ ୧୨.୩୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

# COLLECTOR & DISTRICT MAGISTRATE, KEONJHAR

## WITHDRAWAL NOTIFICATION

**SPLLAO.R.I.P.-JAJ-03/2018/2830/R.I.P., Sukinda** **Date: 19.12.2018**

No.: V-58: In Exercise of Powers confered by Section 93(1) of the R.F.C.T.L.A.R&R, Act. 2013 (Act-1 of 2013), the Government of Odisha are proposed to withdraw from the acquisition of Land to the extent of Ac. 8.57 as per scheduled of land attached out of the total area Ac. 23.24 required to be taken by Government at the Public expenses for construction of Korei Branch Canal of Rengali Irrigation Project (Left.) L.B.C.-II in the Village: Katenikantal, P.S.- Ramachandrapur, No.-114, District- Keonjhar covered by Collector & District Magistrate, Keonjhar Notification No. 1555/R.I.P./JAJ Dated: 10.06.2018 published in the Extraordinary issue of the Odisha Gazette No. 1390 / Date: 08.08.2018.

By the Order of Government

**Spl. L.A.R. & R.O.,**
**R.I.P., Sukinda**

**Collector & District Magistrate**
**Keonjhar**

### ପ୍ରତ୍ୟାହାର ଜମି ଅନୁସୂଚୀ

**ଗ୍ରାମର ନାମ: କାଟେଣୀ କନ୍ତଳ, ଥାନାର ନାମ: ରାମଚନ୍ଦ୍ରପୁର ,ନଂ. ୧୧୪, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର**

ଜମି ଅଧିଗ୍ରହଣ କେସ୍ ନଂ.: ୦୩/୨୦୧୮

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪ | ୮୨୫ | ୧.୦୪୦ | ୧.୦୪୦ | ୦.୧୨୦ | ଆନନ୍ଦ ଚନ୍ଦ୍ର ଜେନା, ପିତା: ବାସୁଦେବ ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୨ | ୨୦ | ୬୮୩ | ୦.୦୯୦ | ୦.୦୫୦ | ୦.୦୫୦ | କୁନ ପଣ୍ଡା, ପିତା: କୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୩ | ୨୪ | ୫୬୬ | ୧.୩୭୦ | ୦.୦୨୦ | ୦.୦୨୦ | ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବସ୍ତ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୪ | | ୬୭୦ | ୦.୫୧୦ | ୦.୧୦୦ | ୦.୧୦୦ | ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବସ୍ତ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୫ | ୨୪ | ୬୭୩ | ୦.୩୮୦ | ୦.୧୬୦ | ୦.୧୬୦ | ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବସ୍ତ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୬ | | ୬୭୪ | ୦.୫୬୦ | ୦.୩୮୦ | ୦.୩୮୦ | ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବସ୍ତ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୭ | | ୬୭୫ | ୦.୮୦୦ | ୦.୦୪୦ | ୦.୦୪୦ | ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବସ୍ତ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୮ | | ୬୭୬ | ୦.୩୬୦ | ୦.୨୫୦ | ୦.୨୫୦ | ଶ୍ରୀ ବଳଭଦ୍ର ଜୀଉ ଠାକୁର ବିଜେ ଅଙ୍ଗାରଗଡ଼ିଆ ସେବାୟତ କୁନ ପଣ୍ଡା ଓରଫ ଶ୍ରୀବସ୍ତ ପଣ୍ଡା, ପିତା: କୃଷ୍ଣଚନ୍ଦ୍ର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୯ | ୨୬ | ୮୩୪ | ୦.୪୬୦ | ୦.୧୪୦ | ୦.୧୪୦ | କୃଷ୍ଣଚନ୍ଦ୍ର ନାୟକ, ପିତା: ରଘୁନାଥ ନାୟକ, ଜା: ଜ୍ୟୋତିଷ, ବା: କରଡାପାଳ | |
| ୧୦ | ୩୯ | ୫୬୮ | ୦.୮୪୦ | ୦.୪୬୦ | ୦.୪୬୦ | ଗଣେଶ୍ୱର ବାରିକ, ପିତା: ଜାଇଗ ବାରିକ ଓଗେର, ଜା: ଗୋପାଳ, ବା: କରଡ଼ାପାଳ | |
| ୧୧ | ୪୨ | ୭୨୦ | ୦.୦୭୦ | ୦.୦୪୦ | ୦.୦୪୦ | ଗଙ୍ଗାଧର ହୋତା, ପିତା: ଚକ୍ରଧର ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୧୨ | | ୭୫୮ | ୦.୧୨୦ | ୦.୦୬୦ | ୦.୦୬୦ | ଗଙ୍ଗାଧର ହୋତା, ପିତା: ଚକ୍ରଧର ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୧୩ | ୪୭ | ୭୨୧ | ୦.୧୨୦ | ୦.୧୨୦ | ୦.୧୨୦ | ଗୋବର୍ଦ୍ଧନ ପଣ୍ଡା, ପିତା: ଧରଣୀ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୧୪ | ୬୨ | ୭୧୩ | ୦.୭୭୦ | ୦.୧୬୦ | ୦.୧୬୦ | ଚକ୍ରଧର ସେଠୀ, ପିତା: ଭାବ ସେଠୀ ଓଗେର, ଜା: ଧୋବା, ବା: ଅଙ୍ଗାରୁଆ | |
| ୧୫ | | ୮୨୬ | ୧.୧୪୦ | ୦.୩୨୦ | ୦.୩୨୦ | ଚକ୍ରଧର ସେଠୀ, ପିତା: ଭାବ ସେଠୀ ଓଗେର, ଜା: ଧୋବା, ବା: ଅଙ୍ଗାରୁଆ | |
| ୧୬ | | ୮୩୩ | ୦.୧୩୦ | ୦.୦୩୦ | ୦.୦୩୦ | ଚକ୍ରଧର ସେଠୀ, ପିତା: ଭାବ ସେଠୀ ଓଗେର, ଜା: ଧୋବା, ବା: ଅଙ୍ଗାରୁଆ | |
| ୧୭ | ୬୪ | ୭୧୮ | ୦.୩୮୦ | ୦.୦୩୦ | ୦.୦୩୦ | ଚିନ୍ତାମଣି ମହାରଣା, ପିତା: କହ୍ନେଇ ମହାରଣା ଓଗେର, ଜା: କମାର, ବା: କରଡ଼ାପାଳ | |
| ୧୮ | ୭୧ | ୭୪୬ | ୦.୮୧୦ | ୦.୦୧୦ | ୦.୦୧୦ | ଜଗନ୍ନାଥ ଶତପଥି, ପିତା: ହରି ଶତପଥି ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୯ | | ୮୧୧ | ୦.୫୩୦ | ୦.୧୩୦ | ୦.୧୩୦ | ଜଗନ୍ନାଥ ଶତପଥି, ପିତା: ହରି ଶତପଥି ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୦ | ୭୯ | ୮୦୮ | ୦.୫୨୦ | ୦.୨୦୦ | ୦.୨୦୦ | ଯୁଧିଷ୍ଠିର ରଥ, ପିତା: ବାଇଧର ରଥ ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୨୧ | ୯୪ | ୬୮୬ | ୦.୨୭୦ | ୦.୨୩୦ | ୦.୨୩୦ | ଧରଣୀଧର ହୋତା, ପିତା: ଅର୍ଜୁନ ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୨୨ | | ୬୮୮ | ୦.୦୬୦ | ୦.୦୨୦ | ୦.୦୨୦ | ଧରଣୀଧର ହୋତା, ପିତା: ଅର୍ଜୁନ ହୋତା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୨୩ | ୧୧୧ | ୭୧୫ | ୦.୧୭୦ | ୦.୦୮୦ | ୦.୦୮୦ | ପଞ୍ଚାନନ ନାୟକ, ପିତା: ସନାତନ ନାୟକ, ଜା: ଜ୍ୟୋତିଷ, ବା: କରଡ଼ାମାଳି | |
| ୨୪ | ୧୩୨ | ୫୬୦ | ୧.୨୪୦ | ୦.୪୪୦ | ୦.୪୪୦ | ବାଞ୍ଛାନିଧି ପଣ୍ଡା, ପିତା: ନାଣ୍ଟୁ ପଣ୍ଡା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୨୫ | ୧୩୪ | ୮୧୦/ ୧୦୧୪ | ୦.୫୮୦ | ୦.୧୪୦ | ୦.୧୪୦ | ବାଇଧର ଦାଶ, ପିତା: ଅନନ୍ତ ଦାଶ, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୨୬ | | ୭୫୦/ ୧୦୧୭ | ୦.୧୫୦ | ୦.୧୩୦ | ୦.୧୩୦ | ବାଇଧର ଦାଶ, ପିତା: ଅନନ୍ତ ଦାଶ, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୨୭ | ୧୪୧ | ୭୪୮ | ୦.୬୭୦ | ୦.୫୯୦ | ୦.୫୯୦ | ବୈରାଗି ବେହେରା, ପିତା: ଫକିର ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୨୮ | | ୭୪୮/ ୧୦୧୬ | ୦.୯୩୦ | ୦.୪୨୦ | ୦.୪୨୦ | ବୈରାଗି ବେହେରା, ପିତା: ଫକିର ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୨୯ | ୧୫୬ | ୭୪୭ | ୦.୪୫୦ | ୦.୦୧୦ | ୦.୦୧୦ | ମକର ପଧାନ, ପିତା: ହାଡ଼ିବନ୍ଧୁ ପଧାନ, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୩୦ | | ୮୦୨ | ୦.୭୫୦ | ୦.୩୫୦ | ୦.୩୫୦ | ମକର ପଧାନ, ପିତା: ହାଡ଼ିବନ୍ଧୁ ପଧାନ, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୩୧ | | ୮୦୪ | ୦.୩୯୦ | ୦.୧୦୦ | ୦.୧୦୦ | ମକର ପଧାନ, ପିତା: ହାଡ଼ିବନ୍ଧୁ ପଧାନ, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୩୨ | ୧୫୮ | ୭୫୨ | ୧.୧୬୦ | ୦.୦୧୦ | ୦.୦୧୦ | ମହେଶ୍ୱର ବିହାରୀ, ପିତା: ନନ୍ଦ ବିହାରୀ, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୩ | ୧୬୧ | ୬୮୦ | ୦.୧୬୦ | ୦.୦୧୦ | ୦.୦୧୦ | ମାୟାଧର ଜେନା, ପିତା: ଚନ୍ଦୁ ଜେନା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୪ | | ୬୮୧ | ୦.୧୫୦ | ୦.୦୭୦ | ୦.୦୭୦ | ମାୟାଧର ଜେନା, ପିତା: ଚନ୍ଦୁ ଜେନା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୫ | | ୬୮୨ | ୦.୧୯୦ | ୦.୧୭୦ | ୦.୧୭୦ | ମାୟାଧର ଜେନା, ପିତା: ଚନ୍ଦୁ ଜେନା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୬ | | ୬୮୯ | ୦.୧୪୦ | ୦.୦୩୦ | ୦.୦୩୦ | ମାୟାଧର ଜେନା, ପିତା: ଚନ୍ଦୁ ଜେନା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୭ | | ୭୦୭ | ୦.୫୮୦ | ୦.୦୧୦ | ୦.୦୧୦ | ମାୟାଧର ଜେନା, ପିତା: ଚନ୍ଦୁ ଜେନା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୮ | ୧୭୮ | ୬୮୭ | ୦.୧୬୦ | ୦.୧୬୦ | ୦.୧୬୦ | ଲକ୍ଷ୍ମୀଧର ଜେନା, ପିତା: ପ୍ରଭାକର ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୩୯ | | ୭୦୮ | ୦.୯୪୦ | ୦.୧୮୦ | ୦.୧୮୦ | ଲକ୍ଷ୍ମୀଧର ଜେନା, ପିତା: ପ୍ରଭାକର ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୪୦ | ୧୭୮ | ୭୦୯ | ୦.୮୦୦ | ୦.୧୨୦ | ୦.୧୨୦ | ଲକ୍ଷ୍ମୀଧର ଜେନା, ପିତା: ପ୍ରଭାକର ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୪୧ | | ୭୧୪ | ୦.୨୦୦ | ୦.୦୩୦ | ୦.୦୩୦ | ଲକ୍ଷ୍ମୀଧର ଜେନା, ପିତା: ପ୍ରଭାକର ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୪୨ | | ୭୫୭ | ୧.୩୩୦ | ୦.୨୫୦ | ୦.୨୫୦ | ଲକ୍ଷ୍ମୀଧର ଜେନା, ପିତା: ପ୍ରଭାକର ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୪୩ | | ୭୫୯ | ୦.୭୫୦ | ୦.୨୮୦ | ୦.୨୮୦ | ଲକ୍ଷ୍ମୀଧର ଜେନା, ପିତା: ପ୍ରଭାକର ଜେନା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୪୪ | ୧୯୩ | ୬୮୫ | ୦.୦୯୦ | ୦.୦୧୦ | ୦.୦୧୦ | ଶୁକଦେବ ସା ଓଗେର ପିତା: ମୁଳି ସା, ଜା: ଖଣ୍ଡାୟତ, ବା: ଅଙ୍ଗାରୁଆ | |
| ୪୫ | | ୭୧୯ | ୦.୪୯୦ | ୦.୧୦୦ | ୦.୧୦୦ | ଶୁକଦେବ ସା, ପିତା: ମୁଳି ସା, ଜା: ଖଣ୍ଡାୟତ, ବା: ଅଙ୍ଗାରୁଆ | |
| ୪୬ | ୧୯୫ | ୮୧୦ | ୦.୪୦୦ | ୦.୧୮୦ | ୦.୧୮୦ | ସୁଲୋଚନା ବେହେରା, ପିତା: ରଘୁନାଥ ଦାସ ଓଗେର, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୪୭ | ୧୯୯ | ୮୦୯ | ୦.୫୪୦ | ୦.୦୧୦ | ୦.୦୧୦ | ହୃଷିକେଶ ରଥ, ପିତା: ଚନ୍ଦୁ ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ, ଗଦାଧରଗୁରୁ ଶାସନ | |
| ୪୮ | ୨୦୨/ ୩ | ୭୨୨ | ୦.୦୭୦ | ୦.୦୭୦ | ୦.୦୭୦ | ସୁଭଦ୍ରା ସେଠୀ, ସ୍ୱାମୀ: ହୃଷିକେଶ ସେଠୀ ଓଗେର, ଜା: ରଜକ, ବା: ଅଙ୍ଗାରୁଆ | |
| ୪୯ | ୨୦୨/ ୭ | ୭୨୩ | ୦.୧୩୦ | ୦.୦୫୦ | ୦.୦୫୦ | ସୁଭଦ୍ରା ସେଠୀ, ସ୍ୱାମୀ: ହୃଷିକେଶ ସେଠୀ ଓଗେର, ଜା: ରଜକ, ବା: ଅଙ୍ଗାରୁଆ | |
| ୫୦ | | ୭୨୪ | ୦.୧୨୦ | ୦.୦୧୦ | ୦.୦୧୦ | ସୁଭଦ୍ରା ସେଠୀ, ସ୍ୱାମୀ: ହୃଷିକେଶ ସେଠୀ ଓଗେର, ଜା: ରଜକ, ବା: ଅଙ୍ଗାରୁଆ | |
| ୫୧ | ୨୦୨/ ୨୪ | ୬୭୭ | ୦.୩୯୦ | ୦.୧୮୦ | ୦.୧୮୦ | ଶଙ୍କର୍ଷଣ ପଣ୍ଡା, ପିତା: ବଟକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୫୨ | ୨୦୨/ ୨୭ | ୭୯୯ | ୦.୮୪୦ | ୦.୨୦୦ | ୦.୨୦୦ | ଯୁଧିଷ୍ଠିର ରଥ, ପିତା: ବାଇଧର ରଥ, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୫୩ | ୨୦୨/ ୫୩ | ୭୪୯ | ୦.୫୪୦ | ୦.୩୦୦ | ୦.୩୦୦ | ଅଶୋକ କୁମାର ରଥ, ପିତା: ଜନାର୍ଦ୍ଦନ ରଥ ଓଗେର, ଜା: ବ୍ରାହ୍ମଣ, ବା: ଅଙ୍ଗାରୁଆ | |
| ୫୪ | ୨୦୨/ ୫୮ | ୮୦୧ | ୦.୪୭୦ | ୦.୦୮୦ | ୦.୦୮୦ | ଦୁଃଶାସନ ବେହେରା, ପିତା: ଫକିର ଚରଣ ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୫୫ | ୨୦୨/ ୮୫ | ୮୦୫ | ୦.୨୩୦ | ୦.୦୭୦ | ୦.୦୭୦ | ଦୁଃଶାସନ ବେହେରା, ପିତା: ଫକିର ଚରଣ ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୫୬ | ୨୦୨/ ୧୧୫ | ୭୫୧ | ୦.୩୧୦ | ୦.୦୩୦ | ୦.୦୩୦ | ଶତ୍ରୁଘ୍ନ ବେହେରା, ପିତା: ପ୍ରଭାକର ବେହେରା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୫୭ | ୨୦୨/ ୧୨୧ | ୫୫୯ | ୦.୭୭୦ | ୦.୧୮୦ | ୦.୧୮୦ | ଶିବଚରଣ ସେଠୀ, ପିତା: କପିଳ ସେଠୀ, ଜା: ଧୋବା, ବା: ବେଗୁନିଆଁଡିହ | |
| ୫୮ | | ୫୬୧ | ୧.୩୮୦ | ୦.୦୮୦ | ୦.୦୮୦ | ଶିବଚରଣ ସେଠୀ, ପିତା: କପିଳ ସେଠୀ, ଜା: ଧୋବା, ବା: ବେଗୁନିଆଁଡିହ | |
| ୫୯ | ୨୦୨/ ୧୨୭ | ୮୦୦ | ୦.୫୦୦ | ୦.୦୭୦ | ୦.୦୭୦ | ଜୟନ୍ତୀ ସାହୁ, ସ୍ୱାମୀ: ରମାକାନ୍ତ ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୬୦ | | ୮୦୬ | ୦.୩୭୦ | ୦.୧୫୦ | ୦.୧୫୦ | ଜୟନ୍ତୀ ସାହୁ, ସ୍ୱାମୀ: ରମାକାନ୍ତ ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୬୧ | | ୮୦୭ | ୦.୨୯୦ | ୦.୧୪୦ | ୦.୧୪୦ | ଜୟନ୍ତୀ ସାହୁ, ସ୍ୱାମୀ: ରମାକାନ୍ତ ବେହେରା, ଜା: ଗୋପାଳ, ବା: ବେଗୁନିଆଁଡିହ | |
| ୬୨ | ୨୪୧ | ୮୦୩ | ୦.୧୯୦ | ୦.୦୧୦ | ୦.୦୧୦ | ସହଦେବ ଚକ୍ର, ପିତା: ଧରଣୀଧର ଚକ୍ର ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| | | | | ମୋଟ | ୮.୫୭୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୬୨ (ବାଷଠି), ମୋଟ ପ୍ରତ୍ୟାହାର ରକବା: ୮.୫୭୦ ଏକର।

24045/14/0048/1819

ସ୍ୱା./- ମଣ୍ଡଳ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା



"ଇଟାଲୀ ବିପକ୍ଷ ଡେଭିସ୍ କପ୍ କ୍ୱାଲିଫାୟରରେ ଆମ ପୁରୁଷ ଖେଳାଳିମାନେ ନିଜ ମାଟିରେ ସୁଯୋଗର ସଦୁପଯୋଗ କରିପାରିଲେନି ।
– ମହେଶ ଭୂପତି, ଭାରତୀୟ ଟେନିସ୍ ଟିମ୍ର ଅଣଖେଳାଳି ଅଧିନାୟକ



"ଦେଶର କ୍ରିକେଟ ବୋର୍ଡରେ ଦୁର୍ନୀତି, ଖେଳାଳିଙ୍କ ମଧ୍ୟରେ ଅନ୍ତଃଦ୍ୱନ୍ଦ୍ୱ ଯୋଗୁ ଚଳିତବର୍ଷ ବିଶ୍ୱକପ୍ରେ ଆମ ଦଳଠାରୁ ଭଲ ଆଶା କରିବା ବୃଥା ।
– ଅର୍ଜୁନ ରଣତୁଙ୍ଗା, ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ

## ସଂକ୍ଷେପରେ

### କ୍ରୀଡ଼ା ବଜେଟରେ ବୃଦ୍ଧି

ନୂଆଦିଲ୍ଲୀ, ୧।୨ (ପି.ଟି.)-କେନ୍ଦ୍ର ସରକାର ଶୁକ୍ରବାର ଲୋକ ସଭାରେ ୨୦୧୯-୨୦୨୦ ଆର୍ଥିକ ବର୍ଷ ପାଇଁ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। କ୍ରୀଡ଼ା ବଜେଟରେ ୨୧୪.୨୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଥିରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପାଇଁ ଉଦ୍ଦିଷ୍ଟ ପାଣ୍ଠି ସମେତ କ୍ରୀଡ଼ାବିତ୍ମାନଙ୍କ ଲାଗି ପ୍ରୋତ୍ସାହନ ରାଶି ବୃଦ୍ଧି ଅନ୍ତର୍ଭୁକ୍ତ। କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ୨୦୧୯-୨୦୨୦ ପାଇଁ କ୍ରୀଡ଼ା ବଜେଟ ବର୍ତ୍ତମାନ ୨୦୦୨.୭୨ (୨୦୧୮-୨୦୧୯)ରୁ ୨୨୧୬.୯୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାଇ ପାଇଁ ଅତିରିକ୍ତ ୫୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ମୋଟ ରାଶି ପରିମାଣ ୩୯୫ କୋଟିରୁ ୪୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଦେଶର କ୍ରୀଡ଼ାବିତ୍ଙ୍କ ଲାଗି ଖେଳ ଉପକରଣ ଏବଂ ଅନ୍ୟାନ୍ୟ ସରଞ୍ଜାମ ଖରିଦ କରିବା ବ୍ୟତୀତ ଜାତୀୟ କ୍ୟାମ୍ପ ଆୟୋଜନ କରିବାରେ ସାଇ ହେଉଛି ପ୍ରମୁଖ ସଂଗଠନ। ଏହାଛଡ଼ା ଜାତୀୟ କ୍ରୀଡ଼ା ଉନ୍ନୟନ ପାଣ୍ଠି (ଏନ୍ଏସ୍ଡିଏଫ୍)ର ପରିମାଣକୁ ୨କୋଟିରୁ ୭୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥମନ୍ତ୍ରୀ ଆହୁରି ମଧ କ୍ରୀଡ଼ାବିତ୍ମାନଙ୍କ ଲାଗି ପ୍ରୋତ୍ସାହନ ରାଶିକୁ ୬୩ କୋଟିରୁ ୮୯ କୋଟି ଟଙ୍କା ବୃଦ୍ଧି କରିଛନ୍ତି। କିନ୍ତୁ ଅନ୍ୟପକ୍ଷରେ ବଜେଟରେ ଜାତୀୟ କ୍ରୀଡ଼ା ମହାସଂଘ (ଏନଏସ୍ଏଫ୍)ଗୁଡ଼ିକ ପାଇଁ ସହାୟତା ରାଶିକୁ ୨୪୫.୧୩ କୋଟିରୁ ୨୪୫ କୋଟି ଟଙ୍କାକୁ ହ୍ରାସ କରାଯାଇଛି। କ୍ରୀଡ଼ାବିତ୍ଙ୍କ ଲାଗି ଓଭରାଲ ପ୍ରୋତ୍ସାହନ ଓ ପୁରସ୍କାର ରାଶିରେ ୯୪.୦୭ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏ ବାବଦରେ ପୂର୍ବରୁ ବଜେଟରେ ୩୧୬.୯୩ କୋଟି ଟଙ୍କା ବ୍ୟୟ ବରାଦ ରହିଥିବାବେଳେ ବର୍ତ୍ତମାନ ଏହାର ପରିମାଣ ୪୧୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କ୍ରୀଡ଼ାର ବିକାଶ ପାଇଁ ଉଦ୍ଦିଷ୍ଟ ଜାତୀୟ କାର୍ଯ୍ୟକ୍ରମ ଖେଲୋ ଇଣ୍ଡିଆ ଲାଗି ବଜେଟରେ ଆହୁରି ୫୦.୩୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଫଳରେ ଏ ବାବଦରେ ମୋଟ ରାଶି ୫୫୦.୬୯କୋଟି ଟଙ୍କାରୁ ୬୦୧ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

### ବର୍ନ୍ସ, ହେଡ୍ଙ୍କ ବୃହତ୍ ଶତକ

କାନବେରା,୧।୨(ପି.ଟି.)- ସ୍ଥାନୀୟ ମନୁକା ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ରେ ଘରୋଇ ଅଷ୍ଟ୍ରେଲିଆ ଦମ୍ଦାର ପ୍ରଦର୍ଶନ କରିଛି। ୨୮ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ ଓପନର ଜୋ ବର୍ନ୍ସ ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡଙ୍କ ବୃହତ୍ ଶତକ ସହାୟତାରେ ଅଷ୍ଟ୍ରେଲିଆ ସ୍ଥିତି ସମ୍ଭାଳିବା ସହ ବଡ଼ ସ୍କୋର ହାସଲ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୭ ଓଭରରେ ୪ ଉଇକେଟ ହରାଇ ୩୮୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ବର୍ନ୍ସ ୨୪୩ଟି ବଲ ଖେଳି ୨୬ଟି ଚୌକା ସହ ୧୭୨ ରନ ଓ କୁର୍ଟିସ୍ ପାଟରସନ ୨୫ ରନ କରି ଅପରାଜିତ ରହିଛନ୍ତି। ବର୍ନ୍ସଙ୍କ ଶତକକୁ ବାଦ୍ ଦେଲେ ହେଡ ୨୦୪ଟି ବଲ୍ ଖେଳି ୨୧ ଚୌକା ଓ ଗୋଟିଏ ଛକା ସହ ୧୬୧ ରନର ଶତକୀୟ ପାଳି ଖେଳି ଆଉଟ ହୋଇଛନ୍ତି। ଚତୁର୍ଥ ଉଇକେଟ ଯୋଡିରେ ବର୍ନ୍ସ ଓ ହେଡ ୩୦୮ ରନ କରି ସ୍ଥିତି ସମ୍ଭାଳିବା ଓ ଦଳର ସ୍ଥିତିକୁ ମଜଭୁତ କରିଥିଲେ। ଓପନର ମାର୍କସ ହାରିସ୍ ୧୧ ରନ କରି ପ୍ରଥମେ ଆଉଟ ହେବା ପରେ ଉସ୍ମାନ ଖ୍ୱାଜା ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଦ୍ରୁତ ବୋଲର ବିଶ୍ୱ ଫର୍ନାଣ୍ଡୋଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ପରେ ମାର୍କସ ଲାବୁଶନ ୬ ରନ କରିଥିବା ବେଳେ ଚମିକା କରୁଣାରତ୍ନେଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ବୃହତ ଶତକ ହାସଲ କରି କ୍ରିଜ୍ରେ ଜମିଆସୁଥିବା ବେଳେ ହେଡ ଏଲବିଡବ୍ଲ୍ୟୁ ହୋଇ ଫର୍ନାଣ୍ଡୋଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଫର୍ନାଣ୍ଡୋ ୩ ଓ କରୁଣାରତ୍ନେ ଗୋଟିଏ ଉଇକେଟ ହାସଲ କରିଥିଲେ।

# ନେରୋକାକୁ ଜିତାଇଲେ ୟୁସା

**ଆଇ-ଲିଗ୍ ଫୁଟ୍ବଲ**

ଭୁବନେଶ୍ୱର, ୧।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଦ୍ୱାଦଶ ଆଇ-ଲିଗ୍ ଫୁଟ୍ବଲ ପ୍ରତିଯୋଗିତାର ୭୯ତମ ମୁକାବିଲାରେ ମଣିପୁର ଦଳ ନେରୋକା ଏଫ୍ସି ୩-୨ ଗୋଲରେ ଘରୋଇ ଇଣ୍ଡିଆନ୍ ଆରୋଜକୁ ପରାସ୍ତ କରିଛି। ନେରୋକାର ବିଦେଶୀ ଖେଳାଳି ଜାପାନର କାଟ୍ସୁମି ୟୁସା ଡବଲ୍ ଗୋଲ ସ୍କୋର କରି ଦଳର ବିଜୟରେ ନାୟକ ସାଜିଥିଲେ। ଏଥିସହ ନେରୋକା ୧୫ ମ୍ୟାଚ୍ରୁ ୭ମ ବିଜୟ, ୪ ପରାଜୟ ଓ ୪ ଡ୍ର' ସହ ୨୫ ପଏଣ୍ଟ ପାଇ ଟେବୁଲ ତାଲିକାରେ ୫ମ ସ୍ଥାନରେ ରହିଛି। ଅପରପକ୍ଷରେ ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ୍ ଆରୋଜ୍ ୧୫ ମ୍ୟାଚ୍ରୁ ୧୦ମ ପରାଜୟ, ୪ ବିଜୟ ଓ ଗୋଟିଏ ଡ୍ର' ସହ ୧୩ ପଏଣ୍ଟ ପାଇ ଟେବୁଲ ତାଲିକାର ଗୋଟିଏ ପାହାଚ ତଳକୁ ଖସି ୯ମ ସ୍ଥାନରେ ରହିଛି।

କଳିଙ୍ଗ ଷ୍ଟାଡିୟମକୁ ନିଜର ଘରୋଇ ଭେନ୍ୟୁ ଭାବେ ଚୟନ କରିଥିବା ଇଣ୍ଡିଆନ୍ ଆରୋଜ୍ ମ୍ୟାଚ୍ରେ ଅଭିଜ୍ଞ ଖେଳାଳିଙ୍କୁ ନେଇ ଗଠିତ ନେରୋକା ଆଗରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମ୍ୟାଚ୍ ପ୍ରାରମ୍ଭରୁ ନେରୋକା ପ୍ରଭାବ ବିସ୍ତାର କରି ଖେଳିଥିଲା। କିନ୍ତୁ ୩୪ତମ ମିନିଟ୍ରେ ଆରୋଜ୍ ପ୍ରଥମ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲା। ମିଡ୍ଫିଲ୍ଡର ବୋରିସ ସିଂ ଥଙ୍ଗଜାମ ଏହି ଗୋଲଟି କରି ଦଳକୁ ୧-୦ରେ ଅଗ୍ରଣୀ ଦେଇଥିଲେ। ଏହା ମଧ ଚଳିତ ସିଜନରେ ପ୍ରତିଯୋଗିତାର ୨୦୦ତମ ଗୋଲ ସ୍କୋର ଥିଲା। ତେବେ ଘରୋଇ ଆରୋଜ୍ ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା।



ନେରୋକା ଏଫ୍ସି ପକ୍ଷରୁ ଡବଲ ଗୋଲ ସ୍କୋର କରିଥିବା କାଟ୍ସୁମି ୟୁସା (ବାମ)।

**ଗୋଲସ୍କୋରର**

**ଇଣ୍ଡିଆନ୍ ଆରୋଜ୍**
- ବୋରିସ ସିଂ- ୩୪ତମ ମିନିଟ୍
- ରୋହିତ୍ ଦାନୁ- ୬୨ତମ

**ନେରୋକା ଏଫ୍ସି**
- ଫେଲିକ୍ସ ଚିଡି- ୩୮ତମ ମିନିଟ୍
- କାଟ୍ସୁମି ୟୁସା- ୬୮ତମ ଓ ୮୭ତମ

ଏହାର ୪ ମିନିଟ୍ ପରେ ନେରୋକାର ନାଇଜେରିଆନ୍ ଖେଳାଳି ଫେଲିକ୍ସ ଓଡିଲି ଚିଡି ଗୋଲ ସ୍କୋର କରି ମ୍ୟାଚ୍କୁ ୧-୧ସ୍ତରକୁ ଆଣିଥିଲେ। ପ୍ରଥମାର୍ଦ୍ଧରେ ଆଉ କୌଣସି ଗୋଲ ହୋଇ ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ଛ' ମିନିଟ୍ ଅନ୍ତରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବା ଦ୍ୱାରା ମ୍ୟାଚ୍ ୨-୨ର ବରାବର୍ ସ୍ଥିତିରେ ରହିଥିଲା। ୬୨ତମ ମିନିଟ୍ରେ ଆରୋଜ୍ର ଫରୱାର୍ଡ ରୋହିତ୍ ଦାନୁ ଗୋଟିଏ ଗୋଲସ୍କୋର କରିଥିବାବେଳେ ନେରୋକାର ୧୦ ନମ୍ବର ଜର୍ସି ପରିଧାନ କରିଥିବା କାଟ୍ସୁମି ୟୁସା ଏହାକୁ ଶୁଝି ଦେଇଥିଲେ। ୟୁସା ଏକ ଚମତ୍କାର ହେଡ୍ ଜରିଆରେ ଏହି ଗୋଲଟି କରିଥିଲେ। ମ୍ୟାଚ୍ ୨-୨ ସ୍ଥିତିରେ ରହିବାରୁ ଶେଷ ଆଡ଼କୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ବିଶେଷ କରି ଆରୋଜର ଯୁବ ଖେଳାଳିମାନେ କେତେକ ସୁଯୋଗ ସୃଷ୍ଟି କରିଥିଲେ ମଧ ଗୋଲରେ ପରିଣତ କରିବାରେ ବିଫଳ ରହିଥିଲେ। ତେବେ ନିର୍ଦ୍ଧାରିତ ସମୟ ଶେଷ ହେବାକୁ ଆଉ ୩ ମିନିଟ୍ ବାକି ଥିବାବେଳେ ଆରୋଜର ଖେଳାଳି ଡି' ଏରିଆରେ ହ୍ୟାଣ୍ଡବଲ କରିଥିଲେ। ଫଳରେ ନେରୋକାକୁ ପେନାଲ୍ଟି ସୁଯୋଗ ମିଳିଥିଲା। ଜାପାନର ୟୁସା (୮୭ତମ ମିନିଟ୍) ଏଥିରେ କୌଣସି ତ୍ରୁଟି ନ କରି ଗୋଲରେ ପରିଣତ କରିଥିଲେ। ଫଳରେ ନେରୋକା ୩-୨ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଆରୋଜ୍ ଖେଳାଳିମାନେ ଅତିରିକ୍ତ ୩ ମିନିଟ୍ ସମୟରେ ମ୍ୟାଚ୍କୁ ସମାନ ସ୍ଥିତିକୁ ଆଣିବାକୁ ଜୋର୍ଦାର ପ୍ରୟାସ କରିଥିଲେ। ମ୍ୟାଚ୍ ସମାପ୍ତ ହେବାକୁ ଆଉ କିଛିକ୍ଷଣ ବାକି ଥିବାବେଳେ ଆରୋଜର ଏକ ନିଶ୍ଚିତ ଶର୍ଟକୁ ଅଟକାଇ ନେରୋକା ଗୋଲକିପର ଦଳକୁ ପୂର୍ଣ୍ଣ ୩ ପଏଣ୍ଟ ପ୍ରଦାନ କରିଥିଲେ। ଭାରତୀୟ ମହିଳା ଫୁଟ୍ବଲ ଦଳର ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ଇଣ୍ଡିଆନ୍ ଆରୋଜର ବୋରିସ ସିଂଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆରୋଜ ଆସନ୍ତା ୫ରେ କଳିଙ୍ଗ ଷ୍ଟାଡିୟମରେ ମିନର୍ଭା ପଞ୍ଜାବକୁ ଭେଟିବ।

**ଡେଭିସ୍ କପ୍ କ୍ୱାଲିଫାୟର୍ସ**

# ଭାରତ ୨-୦ରେ ପଛୁଆ

କୋଲକାତା,୧।୨(ପି.ଟି.)



ପ୍ରଜନେଶ ଗୁଣେଶ୍ୱରନ

ସ୍ଥାନୀୟ କୋଲକାତା ସାଉଥ୍ କ୍ଲବ ଗ୍ରାସ୍ କୋର୍ଟରେ ଭାରତ ଓ ଶକ୍ତିଶାଳୀ ଇଟାଲୀ ମଧ୍ୟରେ ଆରମ୍ଭ ହୋଇଛି ଡେଭିସ୍ କପ୍ କ୍ୱାଲିଫାୟର୍ସ ମୁକାବିଲା। ଏଥିରେ ଇଟାଲୀ ତା'ର ଯଶ ଅନୁରୂପ ପ୍ରଦର୍ଶନ କରି ଭାରତକୁ ଦୁଇଟି ଯାକ ସିଙ୍ଗଲ୍ସ ମ୍ୟାଚ୍ରେ ପରାସ୍ତ କରି ୨-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍ଗୁଡିକରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍ରେ ଅଭିଜ୍ଞ ଆଣ୍ଡ୍ରିଆସ୍ ସିପ୍ପି ୬-୪, ୬-୨ ସେଟରେ ରାମକୁମାର ରାମନାଥନଙ୍କୁ ପରାସ୍ତ କରି ଇଟାଲୀକୁ ୧-୦ରେ ଅଗ୍ରଣୀ କରାଇଥିଲେ। ସେହିପରି ଦ୍ୱିତୀୟ ସିଙ୍ଗଲ୍ସ ମୁକାବିଲାରେ ଡେବ୍ୟୁ କରିଥିବା ୨୨ ବର୍ଷୀୟ ମାଟେଓ ବେରେଟିନି ବିଜୟୀ ହୋଇଥିଲେ। ସେ ଭାରତର ୧ ନମ୍ବର ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରିଥିଲେ। ଫଳରେ ୨-୦ରେ ପଛରେ ପଡିଥିବା ଭାରତ ଏବେ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ଭାରତୀୟ ଡବଲ୍ସ ଯୋଡି ରୋହନ ବୋପାନ୍ନା ଓ ଦିଭିଜ ଶରଣ ଶନିବାର ଖେଳାଯିବାକୁ ଥିବା ଡବଲ୍ସରେ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। ଦୁଇଟି ଯାକ ସିଙ୍ଗଲ୍ସ ମ୍ୟାଚ୍ରେ ଇଟାଲୀ ଖେଳାଳି ପ୍ରଭାବ ବିସ୍ତାର କରି ଖେଳିଥିଲେ।

ଇଟାଲୀ ତରଫରୁ ଟପ୍ ର୍ୟାଙ୍କର ସିଙ୍ଗଲ୍ସ ଖେଳାଳି ମାର୍କୋ ସେଚିନାଟୋ ଓ ସାଇମନ ବୋଲେଲି ଡବଲ୍ସ ମ୍ୟାଚ୍ରେ ଅବତୀର୍ଣ୍ଣ ହେବେ। ତେଣୁ ଶନିବାର ମୁକାବିଲା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଆମ ଖେଳାଳିଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡିବ ବୋଲି ଭାରତୀୟ ନନ୍ ପ୍ଲେଇଙ୍ଗ୍ କ୍ୟାପଟେନ ମହେଶ ଭୂପତି କହିଛନ୍ତି। ଗତବର୍ଷ ଠିକ ଏହିଭଳି ସ୍ଥିତିରେ ଭାରତ ଚାଇନା ବିପକ୍ଷ ମ୍ୟାଚ୍ରେ ପ୍ରତ୍ୟାବର୍ତ୍ତନ କରି ବାଜି ମାରିଥିଲା। ଏସିଆ/ ଓସେନିଆ ଗ୍ରୁପ୍-୧ ରବରରେ ୨-୦ରେ ପଛରେ ପଡିଥିଲେ ମଧ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ହାତେଇ ନେଇଥିଲା। ଇଟାଲୀ ଖେଳାଳିମାନେ ବେଶ୍ ଅଭିଜ୍ଞ। ଭାରତ ଉପରେ ଚାପ୍ ରହିଛି। ତେବେ ଭାରତ ପ୍ରତ୍ୟାବର୍ତ୍ତନ କରିବ ବୋଲି ଭୂପତି ଆଶାପ୍ରକାଶ କରିଛନ୍ତି। ଟପ୍ ର୍ୟାଙ୍କ ତଥା ବିଶ୍ୱର ୧୯ ନମ୍ବର ଖେଳାଳି ମାର୍କୋ ସେଚିନାଟୋଙ୍କ ବଦଳରେ ଇଟାଲୀ ବେରେଟିନିଙ୍କୁ ଖେଳାଇଥିଲା। କୋର୍ଟରେ ଉପସ୍ଥିତ ଭାରତୀୟ ସମର୍ଥକ ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ରାମକୁମାର ବିଶ୍ୱ ର୍ୟାଙ୍କିଙ୍ଗରେ ୧୩୩ତମ ସ୍ଥାନରେ ରହିଛନ୍ତି। ସେହିପରି ଗୁଣେଶ୍ୱରନ ୧୦୨ ନମ୍ବର ସ୍ଥାନରେ ରହିଛନ୍ତି।

**୯ରୁ କଳିଙ୍ଗରେ ଚତୁଃରାଷ୍ଟ୍ରୀୟ ଗୋଲ୍ଡକପ୍ ମହିଳା ଫୁଟବଲ**

# ଭାରତ- ଇରାନ ଉଦ୍ଘାଟନୀ ମୁକାବିଲା

ଭୁବନେଶ୍ୱର,୧।୨

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ପୁଣି ଥରେ ଏକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଆସନ୍ତା ୯ ତାରିଖରୁ ନୂଆକରି ଆରମ୍ଭ ହେବାକୁ ଥିବା ହିରୋ ଗୋଲ୍ଡ କପ୍ ମହିଳା ଆନ୍ତର୍ଜାତିକ ଫୁଟବଲ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳାଯିବ। ଉଦ୍ଘାଟନୀ ମ୍ୟାଚ୍ରେ ଆୟୋଜକ ଭାରତ ଓ ଇରାନ ପରସ୍ପରକୁ ଭେଟିବେ। ୪ଟି ଦେଶର ସିନିୟର ମହିଳା ଦଳକୁ ନେଇ ପ୍ରଥମଥର ପାଇଁ ଏଭଳି ଟୁର୍ନାମେଣ୍ଟ ଖେଳାଯିବ। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ମେଗା ଫୁଟବଲ ଇଭେଣ୍ଟ ଆୟୋଜନ ହେବ। ଭାରତ ଓ ଇରାନକୁ ବାଦ୍ ଦେଲେ ମ୍ୟାନ୍ମାର ଓ ନେପାଳ ମଧ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟରେ ଖେଳାଯିବ।

**କାର୍ଯ୍ୟସୂଚୀ**

- ଫେବୃୟାରୀ ୯
  ଭାରତ- ଇରାନ (ସନ୍ଧ୍ୟା ୭)
  ମ୍ୟାନମାର-ନେପାଳ(ଅପରାହ୍ନ ୪ଟା)
- ଫେବୃୟାରୀ ୧୧:
  ମ୍ୟାନମାର- ଇରାନ (ଅପରାହ୍ନ ୪ଟା)
  ଭାରତ- ନେପାଳ (ସନ୍ଧ୍ୟା ୭ଟା)
- ଫେବୃୟାରୀ- ୧୩
  ଇରାନ- ନେପାଳ (ଅପରାହ୍ନ ୪ଟା)
  ଭାରତ- ମିଆଁମାର (ସନ୍ଧ୍ୟା ୭ଟା)
- ଫେବୃୟାରୀ ୧୫: ଫାଇନାଲ

ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ମ୍ୟାଚ୍ରେ ୧୫ ତାରିଖରେ ମୁହାଁମୁହିଁ ହେବେ। ଆଗକୁ ଏପ୍ରିଲ୍ରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଭାରତୀୟ ମହିଳା ଦଳକୁ ବିଶ୍ୱସ୍ତରୀୟ ଅଭିଜ୍ଞତା ଓ ଅଭ୍ୟାସ ପ୍ରଦାନ କରିବାକୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ କୁଶାଳ ଦାସ କହିଛନ୍ତି। ଫିଫା ର୍ୟାଙ୍କିଙ୍ଗ୍ରେ ଭାରତୀୟ ମହିଳା ଦଳ ୬୨ତମ ସ୍ଥାନରେ ରହିଥିବା ବେଳେ ମ୍ୟାନମାର ୪୪, ଇରାନ ୬୦ ଓ ନେପାଳ ୧୦୮ତମ ସ୍ଥାନରେ ରହିଛି। କଳିଙ୍ଗ ଷ୍ଟାଡିୟମ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ମିଥାଲି ରାଜ ପ୍ରଥମ ମହିଳା କ୍ରିକେଟର

ହାମିଲଟନ,୧।୨



ମିଥାଲି ରାଜ

ଭାରତୀୟ କ୍ରିକେଟ ଦଳର ଅଧିନାୟିକା ମିଥାଲି ରାଜ ଶୁକ୍ରବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ମହିଳା କ୍ରିକେଟର ଭାବେ ୨୦୦ତମ ମ୍ୟାଚ୍ ଖେଳିଛନ୍ତି। ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ୩ୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ରେ ମିଥାଲି ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ମାତ୍ର ମିଥାଲି କ୍ୟାରିୟରର ୨୦୦ତମ ମ୍ୟାଚ୍ରେ କିଛି ଖାସ କରି ପାରି ନାହାନ୍ତି। ସେ ୨୮ ବଲର ସମ୍ମୁଖୀନ ହୋଇ ୯ ରନ୍ କରି ଆଉଟ୍ ହୋଇଛନ୍ତି। ୩୬ ବର୍ଷୀୟ ବ୍ୟାଟ୍ସ୍ୱମେନ ଦିନିକିଆ ଫର୍ମାଟରେ ୫୧.୩୩ ହାରରେ ୬୬୨୨ ରନ୍ କରିଛନ୍ତି, ଯାହାକି ମହିଳା କ୍ରିକେଟରଙ୍କ ମଧ୍ୟରେ ସର୍ବାଧିକ। ଏଣୁ ତାଙ୍କୁ ମହିଳା କ୍ରିକେଟର ସଚିନ ତେନ୍ଦୁଲକର ବୋଲି ବିବେଚିତ କରାଯାଏ। ୧୯୯୯ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ମିଥାଲି ଏପର୍ଯ୍ୟନ୍ତ ଭାରତ ଖେଳିଥିବା ୨୬୩ ମ୍ୟାଚ୍ ମଧ୍ୟରୁ ୨୦୦ ମ୍ୟାଚ୍ରେ ଖେଳିଛନ୍ତି। ଏହାବାଦ ସେ ୧୦ ଟେଷ୍ଟ ଓ ୮୫ ଟି୨୦ ମ୍ୟାଚ୍ରେ ମଧ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ମିଥାଲିଙ୍କ କ୍ୟାରିୟରର ମହିଳା କ୍ରିକେଟରଙ୍କ ମଧ୍ୟରେ ସବୁଠୁ ଲମ୍ବା। ତେବେ କ୍ରିକେଟ ଇତିହାସରେ ଲମ୍ବା କ୍ୟାରିୟର ତାଲିକାରେ ସଚିନ ତେନ୍ଦୁଲକର, ଶନଥ ଜୟସୁରିୟା ଓ ଜାଭେଦ ମିଆଁଦାଦଙ୍କ ପଛକୁ ମିଥାଲି ୪ର୍ଥ ସ୍ଥାନରେ ରହିଛନ୍ତି।

**ନ୍ୟୁଜିଲାଣ୍ଡର ସାନ୍ତ୍ୱନାମୂଳକ ବିଜୟ**

ଏଠାରେ ଖେଳାଯାଇଥିବା ଭାରତୀୟ ମହିଳା ଦଳ ବିପକ୍ଷ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍କୁ ନ୍ୟୁଜିଲାଣ୍ଡ ଦଳ ୮ ଉଇକେଟରେ ଜିତି ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଏହାସତ୍ତ୍ୱେ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସିରିଜ୍କୁ ୨-୧ ବ୍ୟବଧାନରେ ଜିତି ନେଇଛି। ଭାରତୀୟ ଦଳ ପକ୍ଷରୁ ଧାର୍ଯ୍ୟ ୧୫୦ ରନ୍ର ଟାର୍ଗେଟ୍କୁ ଘରୋଇ ଦଳ ୨୯.୨ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଭାରତୀୟ ଓପନର ସ୍ମୃତି ମନ୍ଧାନାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଚୟନ କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ୪୪ ଓଭରରେ ୧୪୯ ରନ୍ କରି ଅଲଆଉଟ୍ ହୋଇଥିଲା। ଦୀପ୍ତି ଶର୍ମା ୫୨ ଓ ହରମନପ୍ରୀତ କୌର ୨୪ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ପିଟରସନ ୪ ଓ ଲିଆ ଟାହୁହୁ ୩ ଉଇକେଟ ନେଇଥିଲେ। ଜବାବରେ ସୁଜି ବାଟେ ୫୭ ଓ ଅଧିନାୟିକା ଆମି ସାଟ୍ଟରଥ୍ୱେଟଙ୍କ ଅପରାଜିତ ୬୬ ରନ୍ ବଳରେ ଘରୋଇ ଦଳ ୧୨୪ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା।

# ଜାଗୃତିକୁ ହରାଇଲା ଓସ୍କାର



ସୁବାଶିଷ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧।୨(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର ଲିଟିଲ ଷ୍ଟାର୍ସ କ୍ରିକେଟ୍ ଲିଗ୍ (୧୨ ବର୍ଷରୁ କମ୍) ପ୍ରତିଯୋଗିତାରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚ୍ରେ ଓସ୍କାର ସ୍ପୋର୍ଟିଂ ୭ ଉଇକେଟ୍ରେ ଜାଗୃତି କ୍ଲବକୁ ପରାସ୍ତ କରିଛି। ୪୦ ଓଭର ବିଶିଷ୍ଟ ଏହି ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ଜାଗୃତି କ୍ଲବ ୩୭.୪ ଓଭରରେ ୧୦୨ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସୌଭାଗ୍ୟ ଓଝା ୨୩ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୁବାଶିଷ ମଲ୍ଲିକ ଓ ତନ୍ମୟ ବିଶାନ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ୧୦୩ ରନର ଟାର୍ଗେଟ୍କୁ ପିଛା କରି ଓସ୍କାର ସ୍ପୋର୍ଟିଂ ୩୩.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ସୁବାଶିଷ ୨୯ ଓ ଆଦିତ୍ର ନନ୍ଦ ୧୭ ରନ କରି ଅପରାଜିତ ରହିଥିଲେ। ଅଲ୍ରାଉଣ୍ଡ ପ୍ରଦର୍ଶନ ଲାଗି ସୁବାଶିଷଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଶା ଚାମ୍ପିୟନ

କଟକ ଅଫିସ,୧।୨– ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ୭ମ ଫେଡେରେଶନ କପ୍ ନେଟ୍ବଲ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ୫ ଉଇକେଟରେ ତାମିଲନାଡୁକୁ ପରାସ୍ତ କରିଛି। ତାମିଲନାଡୁ ପକ୍ଷରୁ ଧାର୍ଯ୍ୟ ୧୨୩ ରନ ଲକ୍ଷ୍ୟକୁ ଓଡ଼ିଶା ୫ ଉଇକେଟ ହରାଇ ହାସଲ କରିନେଇଥିଲା।

# ପ୍ରଗତିକୁ ହରାଇ ସେମିରେ ସେର୍ସା

ସୋନପୁର,୧।୨(ନି.ପ୍ର.)

ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ହରାଇ ସେର୍ସା(ରାଞ୍ଚି) ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ସୋନପୁର ଗାନ୍ଧୀ ପଡିଆରେ ଶୁକ୍ରବାର ଅନୁଷ୍ଠିତ ଟି୨୦ ମ୍ୟାଚ୍ରେ ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା। ଜିତେନ୍ଦ୍ର କୁମାର ୪୬ ବଲରୁ ୫୭ ରନ କରିଥିବାବେଳେ ଉଜ୍ଜ୍ୱଳ ପାଲଙ୍କ ଅପରାଜିତ ୨୬, ୱାଲଟର ଟପ୍ପୋ ୨୪ ରନ, କୁଲଦୀପ ଶର୍ମା ଅପରାଜିତ ୧୯ ରନ ଏବଂ ବିଜୟ ସିଂ ୧୩ ରନ କରିଥିଲେ।

ପ୍ରଗତି ସ୍ପୋର୍ଟିଂ ପକ୍ଷରୁ ମିଲନ ସାମଲ ସର୍ବାଧିକ ୪ଟି ଓ ମାନସ ମହାପାତ୍ର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୮ ଓଭରରେ ୯୨ ରନ କରି ଅଲଆଉଟ ହୋଇଯାଇଥିଲା। ଦିବ୍ୟଜ୍ୟୋତି ପ୍ରଧାନ ୩୦, ରଞ୍ଜନ ଦାସଙ୍କ ୧୯ ରନ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ସେର୍ସା ରାଞ୍ଚି ପକ୍ଷରୁ ବିନୟ ସିଂ ଓ ରାଜୁ ପାଣ୍ଡେ ପ୍ରତ୍ୟେକ ୩ଟି ଏବଂ ୱାଲଟର ଟପ୍ପୋ, ବିନିତ ପାଣ୍ଡେ ଓ ଆକାଶ ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ଫର୍ମାଟ ଅନୁଯାୟୀ ରାଞ୍ଚିକୁ ୧୨ ରନ ବୋନସ ମିଳିଥିଲା। ଟି୧୦ ମ୍ୟାଚ୍ରେ ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ୍ରେ ନିର୍ଦ୍ଧାରିତ ଓଭରରେ କରିଥିଲା ୧୨୦ ରନ। ସୁବ୍ରତ ଘୋଷ ଦ୍ରୁତ ଅପରାଜିତ ଅର୍ଦ୍ଧଶତକ (୩୦ ବଲରୁ ୬୩ ରନ) ହାସଲ କରିଥିବା ବେଳେ ୱାଲଟର ଟପ୍ପୋ ୧୬ ଓ ଉଜ୍ଜ୍ୱଳ ପାଲ ଅପରାଜିତ ୧୪ ରନ କରିଥିଲେ। ଟୁର୍ନାମେଣ୍ଟର ନିୟମାନୁସାରେ ମିଳିଥିବା ବୋନସ ୧୨ ରନକୁ ମିଶାଇ ଦିଆଯାଇଥିଲା। ପ୍ରଗତି ପକ୍ଷରୁ ମିଳନ ସାମଲ ଓ ମନୋଜ ଦଳେଇ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୭୫ ରନ ସଂଗ୍ରହ କରିପାରିଥିଲା। ଦିବ୍ୟଜ୍ୟୋତି ପ୍ରଧାନ (୨୭) ଓ ଦିବ୍ୟଜ୍ୟୋତି ସାହୁ (୧୨ ରନ) କେବଳ ଦୁଇ ଅଙ୍କ ଛୁଇଁ ପାରିଥିଲେ। ରାଞ୍ଚି ପକ୍ଷରୁ ରାଜୁ ପାଣ୍ଡେ ଓ ବିନୟ ସିଂ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ରାଞ୍ଚି ଉଭୟ ମ୍ୟାଚର ଫଳାଫଳ ଅନୁଯାୟୀ ୫୬ ରନରେ ବିଜୟୀ ହୋଇଥିଲା। ରାଞ୍ଚିର ସୁବ୍ରତ ଘୋଷଙ୍କୁ ଅତିଥି ଯୋଗେଶ୍ୱର ହୋତା ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସଚ୍ଚିଦାନନ୍ଦ ପଣ୍ଡା ଓ ଅମିୟ ଭୂଷଣ ସାହୁ। ସ୍କୋରର ଥିଲେ ରାଜେଶ ଅଗ୍ରୱାଲ। ଶନିବାର କରିମ ସ୍ପୋର୍ଟ୍ସ ନାଗପୁର ଓ ସେରସା ରାଞ୍ଚି ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ସୁବ୍ରତ ଘୋଷଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ବିସିସିଆଇର ଚିନ୍ତା ବଢ଼ାଉଛି ଖେଳାଳିଙ୍କ ପରିବାର

ନୂଆଦିଲ୍ଲୀ,୧।୨

ଭାରତୀୟ ଖେଳାଳିମାନେ ସେମାନଙ୍କ ସ୍ତ୍ରୀ ଓ ଝିଅଙ୍କୁ ନେଇ ବିଦେଶ ଗସ୍ତ କରନ୍ତି। ଦଳୀୟ ଖେଳାଳିଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ବିଦେଶ ଗସ୍ତରେ କେବଳ ଦୁଇ ସପ୍ତାହ ରହିବା ପର୍ଯ୍ୟନ୍ତ ଅନୁମତି ମିଳିଛି। ହେଲେ ଖେଳାଳି ଓ ସେମାନଙ୍କ ପରିବାର ବର୍ଗଙ୍କୁ ସମ୍ଭାଳିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ କଷ୍ଟକର। ମିଳିଥିବା ସୂଚନା ଅନୁଯାୟୀ, ଅଷ୍ଟ୍ରେଲିଆରେ ବିସିସିଆଇକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଖେଳାଳି, ସପୋର୍ଟ ଷ୍ଟାଫ ଓ ସେମାନଙ୍କ ପରିବାରବର୍ଗଙ୍କୁ ମିଶାଇ ପ୍ରାୟ ୪୦ ଜଣ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। ଏମାନଙ୍କ ଯିବା ଆସିବା ଲାଗି ବିସିସିଆଇ ପକ୍ଷରୁ ୨ ବସ ନିଯୁକ୍ତ କରିଥିଲା। ଏହାସତ୍ତ୍ୱେ ବିସିସିଆଇ କର୍ମକର୍ତ୍ତାଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଯଦି ଦଳ ସହ କମ୍ ସଂଖ୍ୟାରେ ପରିବାରବର୍ଗ ବିଦେଶ ଗସ୍ତ କରନ୍ତେ, ସେମାନଙ୍କ ପାଇଁ ସୁବିଧା କରିବା ବିସିସିଆଇ ଷ୍ଟାଫ ପକ୍ଷେ ସହଜ ହୁଅନ୍ତା। ଟିକେଟ ବୁକିଂଠାରୁ ଆରମ୍ଭ କରି ସମସ୍ତ ସୁବିଧା ଯୋଗାଇ ଦିଆଯାଇ ପାରନ୍ତା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



Reliance fresh
Reliance
Growth is Life
@RelianceFreshOfficial
@RelianceFreshIN
@RelianceFreshOfficial
ପ୍ରତି ମାସରେ ବୋନସ
ମାସିକିଆ ସଉଦା ରେ ସଞ୍ଚୟ ଏମିତି, ବୋନସ ଯେମିତି
ପ୍ରତି ମାସର 10 ତାରିଖ ପର୍ଯ୍ୟନ୍ତ
ଇଣ୍ଡିଆ ଗେଟ୍ ରୋଜାନା ବାସମତୀ ଚାଉଳ 5 kg + ସନ୍‌ରିଚ୍ ସନ୍‌ଫ୍ଲାୱାର୍ ତେଲ 5 ℓ
ଆମ ମୂଲ୍ୟ ₹829
ସମଷ୍ଟିଗତ MRP ₹1090
ସଞ୍ଚୟ ₹261
ଡବଲ୍ ହିରନ୍ ସୋରିଷ ତେଲ 1 ℓ
ଆମ ମୂଲ୍ୟ ₹101
MRP ₹130
ସଞ୍ଚୟ ₹29
ଏଚ୍‌ଏମ୍‌ଟି କୋଲମ୍ ରାଇସ୍ 10 kg
ଆମ ମୂଲ୍ୟ ₹465
MRP ₹550
ସଞ୍ଚୟ ₹85
ଅମୁଲ ଘିଅ 1 ℓ
ଆମ ମୂଲ୍ୟ ₹475
MRP ₹515
ସଞ୍ଚୟ ₹40
ବ୍ରିଟାନିଆ ଗୁଡ୍ ଡେ ବଟର୍ କାଶ୍ୟୁ ବିସ୍କୁଟ 200 g
ସଞ୍ଚୟ ₹14*
MRP ₹40 ପ୍ରତ୍ୟେକ
*ଯେକୌଣସି 2ଟି ୟୁନିଟ କିଣିଲେ
ତାଜ୍ ମହଲ ଚାହା 500 g
ସଞ୍ଚୟ ₹40
MRP ₹280
ଆମ ମୂଲ୍ୟ ₹240
ଡଭ୍ ପିଙ୍କ୍ ସୋପ୍ 100 g x 3 ୟୁନିଟ
ସଞ୍ଚୟ ₹20
MRP ₹172
ଆମ ମୂଲ୍ୟ ₹152
କ୍ଲିନିକ୍ ପ୍ଲସ୍ ଶାମ୍ପୁ 650 ml (ବଛା ବଛା ପ୍ରକାର)
ସଞ୍ଚୟ ₹120
MRP ₹325
ଆମ ମୂଲ୍ୟ ₹205
ଖୋଲା ଚିନି 1 kg
ବଜାର ମୂଲ୍ୟ ₹39
ଆମ ମୂଲ୍ୟ ₹37
ଖୋଲା 1014 ବଏଲଡ୍ ରାଇସ୍ 1 kg
ବଜାର ମୂଲ୍ୟ ₹34.50
ଆମ ମୂଲ୍ୟ ₹32.50
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg
ବଜାର ମୂଲ୍ୟ ₹81
ଆମ ମୂଲ୍ୟ ₹78
ଖୋଲା ଚଣା ଡାଲି 1 kg
ବଜାର ମୂଲ୍ୟ ₹76
ଆମ ମୂଲ୍ୟ ₹73
ଆଶୀର୍ବାଦ ଗୋଟା ଗହମ ଅଟା 5 kg
MRP ₹190
ଆମ ମୂଲ୍ୟ ₹165
ସଞ୍ଚୟ ₹25
ଗୁଡ୍ ଲାଇଫ୍ ୱାଲନଟ୍ ଇନ୍ ଶେଲ୍ 500 g
MRP ₹350
ଆମ ମୂଲ୍ୟ ₹249
ସଞ୍ଚୟ ₹101
ଗୁଡ୍ ଲାଇଫ୍ ଆଲମଣ୍ଡ 500 g
MRP ₹461
ଆମ ମୂଲ୍ୟ ₹375
ସଞ୍ଚୟ ₹86
ବ୍ଲେଣ୍ଡେଡ୍ ମସଲା (ବଛା ବଛା ବର୍ଗମାଳା)
BUY ANY2 GET1
ପାର୍ଲେ ରସ୍କ 300 g
MRP ₹40
ହଟ୍ ଅଫର୍
25% ଛାଡ଼
ଓମ୍‌ଫେଡ୍ ଗୋଲ୍ଡ ମିଲ୍କ 500 ml
MRP ₹20
ଆମ ମୂଲ୍ୟ ₹19.50
ପାର୍ଲେ'ଜ୍ ୱେଫର୍ସ 85 g (ବଛା ବଛା ପ୍ରକାର)
MRP ₹30 ପ୍ରତ୍ୟେକ
BUY2 GET1
ସଞ୍ଚୟ ₹30
ହଲଦିରାମ୍'ସ ପ୍ରଭୁଜୀ ଭୁଜିଆ 1 kg
MRP ₹210
ଆମ ମୂଲ୍ୟ ₹150
ସଞ୍ଚୟ ₹60
ୟିପ୍ପି ନୁଡଲସ୍ ମ୍ୟାଜିକ୍ ମସଲା 420 g
MRP ₹67 ପ୍ରତ୍ୟେକ
BUY2 GET1
ସଞ୍ଚୟ ₹67
କିସାନ୍ ଫ୍ରେଶ୍ ଟମାଟୋ କେଚପ୍ 950 g
MRP ₹125
ଆମ ମୂଲ୍ୟ ₹99
ସଞ୍ଚୟ ₹26
ଷ୍ଟାଣ୍ଡାର୍ଡ ହର୍ଲିକ୍ସ 500 g x 2 ୟୁନିଟ
MRP ₹399
ଆମ ମୂଲ୍ୟ ₹344
ସଞ୍ଚୟ ₹55
ବାଗରୀ'ଜ୍ କର୍ନ ଫ୍ଲେକ୍ସ 800 g / କେଲୋଗ୍‌ସ ହାର୍ଟ ଟୁ ହାର୍ଟ ଓଟ୍‌ସ 1 kg
MRP ₹185 ରେଞ୍ଜ
BUY1 GET1
ସଞ୍ଚୟ ₹185 ରେଞ୍ଜ
ବି ନାଚୁରାଲ୍‌କେଆର୍ ଜୁସ୍ 1 ℓ (ବଛା ବଛା ପ୍ରକାର)
MRP ₹99 ରେଞ୍ଜ
ଆମ ମୂଲ୍ୟ ₹59 ରେଞ୍ଜ
ସଞ୍ଚୟ ₹40
ମାଜା 1.5 ℓ
MRP ₹75
ଆମ ମୂଲ୍ୟ ₹57
ସଞ୍ଚୟ ₹18
କ୍ଲୋଜ୍ ଅପ୍ ରେଡ୍ ଜେଲ୍ ଟୁଥପେଷ୍ଟ 300 g
MRP ₹164
ଆମ ମୂଲ୍ୟ ₹114
ସଞ୍ଚୟ ₹50*
ଡେଟଲ୍ ଓରିଜିନାଲ୍ ହ୍ୟାଣ୍ଡ ୱାଶ୍ 200 ml
MRP ₹99
ଆମ ମୂଲ୍ୟ ₹89
ସଞ୍ଚୟ ₹10
ମାମି ପୋକୋ ପ୍ୟାଣ୍ଟ୍‌ସ (ବଛା ବଛା ବର୍ଗମାଳା)
MRP ₹999
ଆମ ମୂଲ୍ୟ ₹699
ସଞ୍ଚୟ ₹300
ହ୍ୱିସ୍ପର ଅଲଟ୍ରା କ୍ଲିନ୍ 30s
MRP ₹290
ଆମ ମୂଲ୍ୟ ₹250
ସଞ୍ଚୟ ₹40
ରିନ୍ ଡିଟର୍ଜେଣ୍ଟ ପାଉଡର 4 kg (ବଛା ବଛା ପ୍ରକାର)
MRP ₹330
ଆମ ମୂଲ୍ୟ ₹280
ସଞ୍ଚୟ ₹50
ହାର୍ପିକ୍ ଟୟଲେଟ୍ କ୍ଲିନର୍ / ଲାଇଜଲ୍ ଫ୍ଲୋର୍ କ୍ଲିନର୍ 500 ml x 3 ୟୁନିଟ (ବଛା ବଛା ପ୍ରକାର)
MRP ₹246 ରେଞ୍ଜ
ଆମ ମୂଲ୍ୟ ₹195 ରେଞ୍ଜ
ସଞ୍ଚୟ ₹51*
ରେଞ୍ଜ
20 % Cashback freecharge
T&C Apply : Offer valid on minimum bill of ₹250
Maximum cashback upto ₹50, valid twice per user
Paytm Cashback Get up to ₹150 Cashback
Flat ₹75 Cashback on 3rd Txn. | Flat ₹75 Cashback on 6th Txn.
MobiKwik SAVE 15%
sodexo Now accepted on Food items*.
ଡାୟଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍ସ ଫ୍ରେଶ୍ ଷ୍ଟୋରର ଠିକଣା ଜାଣିବାକୁ
ସମସ୍ତ ଅଫର୍ 3 ଫେବୃୟାରୀ, 2019 ... 10 ଫେବୃୟାରୀ, 2019 ପର୍ଯ୍ୟନ୍ତ ବୈଧ ।



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ଇଛାନଗରପାଟଣା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

ଛତିଆ,୧।୨(ଡି.ଏନ୍.ଏ.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଇଛାନଗରପାଟଣା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷୟିତ୍ରୀ ମମତା ଦାସ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ସୃଜନଶିଳତାର ବିକାଶ ପ୍ରକ୍ରିୟା କିଭଳି ଭାବେ ହୋଇଥାଏ, ସେ ସମ୍ପର୍କରେ ବୁଝାଇଥିଲେ। ପ୍ରଫେସର ଶରତ କୁମାର କଣ୍ଠ ମୁଖ୍ୟଅତିଥି, ନାରାୟଣ ପ୍ରଧାନ ବରିଷ୍ଠ ଶିକ୍ଷାବିତ୍ ଜଗନ୍ନାଥ ନାୟକ, ଛତିଆ ସରପଞ୍ଚ ନୟନା ବେହେରା, ନିଳାମ୍ବର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବଡ଼ଚଣା ମଣ୍ଡଳ ଶିକ୍ଷାଧିକାରିଣୀ ସସ୍ମିତା ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପ୍ରକାଶ ବାଇ, ସଭ୍ୟ ଦିଲୀପ ନାୟକ, ପ୍ରକାଶ କୁମାର ବେହେରା, ମଧୁସୂଦନ ବାରିକ, ନିତ୍ୟାନନ୍ଦ ବାରିକ, କାମିନୀ ବିଶ୍ୱାଳ, ମମତା ବିଶ୍ୱାଳ, ସସ୍ମିତା ପୃଷ୍ଟି, ପ୍ରାକ୍ତନ ସରପଞ୍ଚ ରମେଶ ପୃଷ୍ଟି ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ବିଦୁଲତା ପଣ୍ଡା, ସସ୍ମିତା ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମେଡ଼ିକାଲ କଲେଜ ଦାବିରେ ସାଇକେଲ ଶୋଭାଯାତ୍ରା

କୋରେଇ,୧।୨(ସ୍ୱ.ପ୍ର.)- ପାଣିକୋଇଲିଠାରେ ମେଡ଼ିକାଲ କଲେଜ ଦାବିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଓ ଜନ ସତ୍ୟାଗ୍ରହ ଚାଲୁ ରହିଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ ଜାରି ରହିଛି। ଅପରପକ୍ଷରେ ଜିଲା ପ୍ରଶାସନ ଧାରଣାସ୍ଥଳକୁ ଆସୁ ନ ଥିବାବେଳେ ଆନ୍ଦୋଳନ ଭଣ୍ଡୁର କରିବା ପାଇଁ ଉଦ୍ୟମ ଜାରି ରହିଥିବା କୁହାଯାଉଛି। ଏହି ଧାରଣାକୁ ସମର୍ଥନ କରି ଯାଜପୁର ୟୁଥ ଫୋରମ ପକ୍ଷରୁ ସମଗ୍ର କୋରେଇରେ ଶୁକ୍ରବାର ୩ ଦିନିଆ ସେଚତନତା ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇଛି। ଶୁକ୍ରବାର ନେତାଜୀ କ୍ଲବ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ ପରେ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବାହାରିଛି। ୩ଦିନ ବ୍ୟାପୀ ହେବାକୁ ଥିବା ଏହି ଶୋଭାଯାତ୍ରା ସମଗ୍ର କୋରେଇ ନିର୍ବାଚନ ମଣ୍ଡଳୀ ଗସ୍ତ କରିବ। ଏହି କାର୍ଯ୍ୟକ୍ରମରେ ମାନସ ରାୟ, ରବୀନ୍ଦ୍ର ଘଡାଇ, ସୁଶାନ୍ତ ପରିଡା, ସୌମ୍ୟରଞ୍ଜନ ପରିଡା, ଅନୁପ ଧଳ, ମଳୟ ମଲିକ, ରଞ୍ଜିତ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

## ଚ୍ୟାଲେଞ୍ଜ ୟୁ କ୍ରିକେଟ୍ ଟୁର୍ନାମେଣ୍ଟ

ଧର୍ମଶାଳା, ୧।୨(ଡିଏନଏ)- ଧର୍ମଶାଳା ବାଣୀପୀଠ ଖେଳପଡ଼ିଆରେ ୧୬ତମ ଚ୍ୟାଲେଞ୍ଜ ୟୁ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ମ୍ୟାଚ୍‌ରେ ଯଥାକ୍ରମେ ପଣ୍ଡୁଆ ଓ ବାମଦେଇପୁର ଦଳ ବିଜୟୀ ହୋଇଛି। କ୍ଷେତ୍ରପାଳ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭର୍ ମଧ୍ୟରୁ ୯ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁଆ ଦଳ ବ୍ୟାଟିଂ କରି ୮ ଓଭର୍‌ରେ ୬ ଉଇକେଟ୍ ହରାଇ ବିଜୟଲାଭ କରିଥିଲା। ୨ୟ ମ୍ୟାଚ୍‌ରେ ଧର୍ମଶାଳା ଆଞ୍ଚଳିକ ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ୬୦ ରନ୍ କରିଥିଲା। ଜବାବ୍‌ରେ ବାମଦେଇପୁର ଦଳ ୬ ଓଭର୍‌ରେ ୪ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ସନ୍ଦୀପ ଦାସ, ପ୍ରଦୀପ ଜେନା ଖେଳ ପରିଚାଳନା କରିଥିଲେ।

## ବ୍ଲକ ଅଧକ୍ଷ ଭାଇଙ୍କ ବିୟୋଗ

ବିଞ୍ଝାରପୁର/ସିଂହପୁର, ୧।୨ (ଡି.ଏନ.ଏ)- ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ନନ୍ଦକିଶୋର ସାମଲଙ୍କ ବଡଭାଇ ସାମାଜିକ କର୍ମୀ ନରହରି ସାମଲ(୬୮)ଙ୍କର ଗୁରୁବାର ରାତିରେ ଭୁବନେଶ୍ୱରର ୬ନଂ ସ୍ଥିତ ସରକାରୀ ଚିକିତ୍ସାଳୟରେ ଦେହାନ୍ତ ହୋଇଯାଇଛି। ହଠାତ ତାଙ୍କ ଦେହ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ଜଣାପଡିବା ପରେ ସମଗ୍ର ବିଞ୍ଝାରପୁର ଥାନା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ସାମଲ ଜଣେ ସାମାଜିକ କର୍ମୀ, ପରିବେଶବିତ୍ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ଖ୍ୟାତି ଅର୍ଜନ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ମୃତଦେହ ସିଂହପୁରସ୍ଥିତ ବାସ ଭବନରେ ପହଞ୍ଚିବା ପରେ ବିଞ୍ଝାରପୁର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ସାଲଙ୍କ ମରଶରିରକୁ ଶେଷ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ସ୍ୱର୍ଗତ ସାମଲଙ୍କ ମର ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଛି। ସ୍ୱର୍ଗତ ସାମଲଙ୍କ ବିୟୋଗରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଉପାଧକ୍ଷା କୁମୁଦୁନୀ ଦାସ, ବିଡିଓ ଦାମୋଦର ଖୁଣ୍ଟିଆ, ମୁରଲି ବେହେରା, ଖଗେଶ୍ୱର ମହାନ୍ତି, ରବିନ୍ଦ୍ର ପରିଡା, କାମଦେବ ଧଳ, ହେମେନ୍ଦ୍ର ସାମଲ, ସରୋଜ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଯାଜପୁର ପାଲଟିଲା ଅସ୍ଥାୟୀ ଶ୍ରୀକ୍ଷେତ୍ର

ବିରଜାକ୍ଷେତ୍ର,୧।୨(ଡି.ଏନ୍.ଏ)

### ଜଗନ୍ନାଥ ଚେତନା ଅଧିବେଶନ ଆରମ୍ଭ

- ଆଜ୍ଞାମାଳ ଶୋଭାଯାତ୍ରାରେ ୨୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ସାମିଲ
- ବେଶ ଗୃହରେ ଶୋଭାପାଉଛି ଜଗନ୍ନାଥଙ୍କ ୩୨ବେଶ



ଯାଜପୁର ସହର ବାଳାଶ୍ରମ ପଡ଼ିଆରେ ୧୦ଦିନ ବ୍ୟାପୀ ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ଶୁକ୍ରବାରରୁ ଆରମ୍ଭ ହୋଇଛି। ଏହି ଜଗନ୍ନାଥ ଚେତନା ମହାଧିବେଶନ ପୁରୀର ବିଶ୍ୱ ଜଗନ୍ନାଥ ଚେତନା ମହାସଂଘ ପକ୍ଷରୁ ଆୟୋଜିତ କରାଯାଉଛି। ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ନିମନ୍ତେ ପୁରୀରୁ ଜଗନ୍ନାଥଙ୍କ ଆଜ୍ଞାମାଳ ଧରି ପ୍ରଭୁ ଜଗନ୍ନାଥଙ୍କ ସେବକମାନେ ଶୁକ୍ରବାର ୧ଟା ୩୦ରେ ବିରଜାକ୍ଷେତ୍ର ମା' ବିରଜାଙ୍କ ନିକଟରେ ପହଞ୍ଚିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ମନ୍ଦିର ପ୍ରଶାସକ ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୁରୀ ବିଶ୍ୱ ଜଗନ୍ନାଥ ଚେତନା ସଂଘର ଆଚାର୍ଯ୍ୟ ସୂର୍ଯ୍ୟନାରାୟଣ ରଥଶର୍ମା, ବିରଜା ମନ୍ଦିର ବରିଷ୍ଠ ପୁରୋହିତ ଜ୍ଞାନରଞ୍ଜନ ପତି, ବିରଜା ମନ୍ଦିର ମୁକ୍ତିମଣ୍ଡପ ସେବାୟତ ପରିଷଦ ସଭାପତି ଦେବୀପ୍ରସାଦ ପାଣି ଆଜ୍ଞାମାଳକୁ ସ୍ୱାଗତ କରିଥିଲେ। ପରେ ମା' ବିରଜା ମନ୍ଦିରର ଅଙ୍ଗଲାଗି ସେବାୟତମାନେ ଆଜ୍ଞାମାଳକୁ ନେଇ ମା'ଙ୍କ ନିକଟରେ ଅର୍ପଣ କରିଥିଲେ। ମା' ବିରଜା ଓ ଜଗନ୍ନାଥଙ୍କ ଆଜ୍ଞାମାଳକୁ ଏକ ସୁସଜ୍ଜିତ ବିମାନରେ ଜଗନ୍ନାଥ ମୂର୍ତ୍ତିଙ୍କ ସହ ଭଜନ, କୀର୍ତ୍ତନ, ବାଦ୍ୟ, ଘଣ୍ଟ, ଲୋକନୃତ୍ୟ, ଲୋକକଳା ମାଧ୍ୟମରେ ଏକ ବିରାଟ ପଟୁଆରରେ ବିରଜା ମନ୍ଦିରରୁ ବାହାରି ବ୍ରହ୍ମାକୁଣ୍ଡ, କୁଆଁସରପୁର ଛକ, ହାବେଳୀ ବଜାର, କଚେରୀ, ଗାନ୍ଧୀ ଛକ ଦେଇ ମହାଧିବେଶନ ସ୍ଥାନ ବାଳାଶ୍ରମ ପଡ଼ିଆରେ ଅପରାହ୍ନ ୩ଟାରେ ପହଞ୍ଚିଥିଲେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ ଦଳ ସହ ହଜାର ହଜାର ଭକ୍ତ ଆଜ୍ଞାମାଳକୁ ମହାଧିବେଶନ ସ୍ଥଳକୁ ନେଇଥିଲେ।



ଅଧିବେଶନ ସ୍ଥଳରେ ଦୁର୍ଗାମୂର୍ତ୍ତି।



ବେଶ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି।



ଆଜ୍ଞାମାଳକୁ ଶୋଭାଯାତ୍ରାରେ ନିଆଯାଉଛି।

### ଲୋକକଳା ପ୍ରଦର୍ଶିତ

ଜଗନ୍ନାଥ ଚେତନା ଅଧିବେଶନ ନିମନ୍ତେ ବାଳାଶ୍ରମ ପଡ଼ିଆକୁ ଆଜ୍ଞାମାଳ ପାଟପଟୁଆରରେ ଯିବାବେଳେ ଓଡ଼ିଶାର ଲୋକକଳା ଓ ଲୋକନୃତ୍ୟ ବିଭିନ୍ନ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଏହି ଲୋକକଳା ଓ ଲୋକନୃତ୍ୟକୁ ଯାଜପୁର ସହରବାସୀ ଭକ୍ତିପୂର୍ଣ୍ଣଭାବେ ସମ୍ମାନ ଜଣାଇଥିଲେ।

### ସହରସାରା ପୁଷ୍ପ ବୃଷ୍ଟି

୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ନିମନ୍ତେ ଅଧିବେଶନ ଦଳକୁ ଆଜ୍ଞାମାଳ ଯାଜପୁର ସହର ପରିକ୍ରମା କରି ଯାଉଥିବାବେଳେ ସହରର ଜନସାଧାରଣ ପୁଷ୍ପ ବୃଷ୍ଟି କରି ଆଜ୍ଞାମାଳକୁ ଭକ୍ତିପୂତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ୫୧ହଜାର ଆହୁତି ଦିଆଯିବ

୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ନିମନ୍ତେ ବାଳାଶ୍ରମ ପଡ଼ିଆରେ ୧୦ଦିନ ଧରି ମହାବିଷ୍ଣୁ, ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ଯଜ୍ଞରେ ୨୦ଜଣ ପୁରୋଧା ନିୟୋଜିତ ଅଛନ୍ତି। ଏହି ୧୦ଦିନ ଧରି ମହାବିଷ୍ଣୁ ମନ୍ତ୍ରରେ ୫୧ହଜାର ଆହୁତି ଦିଆଯିବ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ସୂଚନା ଦେଇଛନ୍ତି।

ଯାଜପୁର ଜିଲାର ବିଭିନ୍ନ ଗ୍ରାମରୁ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ମା' ବିରଜା ମନ୍ଦିର ନିକଟସ୍ଥ ଲାଖବିନ୍ଧା ପଡ଼ିଆରେ ଏକତ୍ରିତ ହୋଇଥିଲେ। ଏହାପରେ ଯଜ୍ଞ ମଣ୍ଡପରେ ମହାବିଷ୍ଣୁ ମହାଯଜ୍ଞ ଆରମ୍ଭ ହୋଇଥିଲା। ମହାଧିବେଶନ ତଥା ବାଳାଶ୍ରମ ପଡ଼ିଆରେ ପୁରୀ ମନ୍ଦିର ସଦୃଶ ଏକ ଅସ୍ଥାୟୀ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି। ମନ୍ଦିରକୁ ଲାଗି ଜଗନ୍ନାଥଙ୍କ ୩୨ ବେଶ ଗୃହ ନିର୍ମାଣ ହୋଇଛି। ଏହି ଗୃହରେ ଜଗନ୍ନାଥଙ୍କ ୩୨ବେଶ ଶୋଭା ପାଉଛି। ଏହି ଗୃହକୁ ଲାଗି ଜଗନ୍ନାଥଙ୍କ ତତ୍ତ୍ୱଗୃହ ନିର୍ମାଣ ହୋଇଛି। ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତିତତ୍ତ୍ୱର ନିର୍ମଳ ବ୍ୟାଖ୍ୟା, ଜଗନ୍ନାଥଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ, ଯନ୍ତ୍ର ବା ମଣ୍ଡଳ ପ୍ରଦର୍ଶନ ପ୍ରଭୃତି ଭକ୍ତମାନେ ଦେଖିବାକୁ ପାଇବେ। ମନ୍ଦିର ସମ୍ମୁଖରେ ଅରୁଣସ୍ତମ୍ଭ, ମନ୍ଦିରକୁ ଲାଗି ମେଘନାଦ ପାଚେରୀ, ମୁଖ୍ୟ ଦ୍ୱାର ପ୍ରଭୃତି ନିର୍ମାଣ ହୋଇଛି। ପ୍ରତ୍ୟହ ସକାଳ ୭ରୁ ରାତି ୧୦ଟା ପର୍ଯ୍ୟନ୍ତ ଅସ୍ଥାୟୀ ଶ୍ରୀମନ୍ଦିର ଖୋଲା ରହିବ। ମହାଧିବେଶନ ସ୍ଥଳରେ ପ୍ରତ୍ୟହ ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନ ଜଗନ୍ନାଥଙ୍କ ରୀତିନୀତି କାର୍ଯ୍ୟ ଚାଲୁ ରହିଥିବାବେଳେ ବିଳମ୍ବରେ ଜଗନ୍ନାଥଙ୍କ ପହୁଡ଼ ଖୋଲିଥିଲେ। ୧୦ଦିନ ଧରି ହେଉଥିବା ଚେତନା ମହାଧିବେଶନରେ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ଆଗମନକୁ ଦେଖି ଯାଜପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚେତନା ଅଧିବେଶନ ନିମନ୍ତେ ଶୁକ୍ରବାର ଯାଜପୁର ପୌରପାଳିକା ପକ୍ଷରୁ ଯାଜପୁର ସହରକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଇଥିଲା। ଆଜ୍ଞାମାଳକୁ ସ୍ୱାଗତ କରିବା ଓ ଭଜନ କୀର୍ତ୍ତନ ମଣ୍ଡଳୀ ସହ ଶୋଭାଯାତ୍ରା ନେଇ ବାଳାଶ୍ରମ ପଡ଼ିଆରେ ପହଞ୍ଚାଇବାରେ ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ପୂର୍ବତନ ଉପାଧକ୍ଷ ବିଜୟ ମହାନ୍ତି, ସନ୍ତୋଷ ମଲ୍ଲିକ, ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ପ୍ରକାଶ ତ୍ରିପାଠୀ, ସୁରେନ୍ଦ୍ର ରଣା, ରଘୁନାଥ ରାଉତ, ପ୍ରଭାତ କୁମାର ରାଉତରାୟ, କେଦାରନାଥ ଖୁଣ୍ଟିଆ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

■୭୯ ଦିନରେ ଜିଆରଏସ୍‌ଙ୍କ ଧାରଣା

## ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ନିଷ୍ପତ୍ତି

ରସୁଲପୁର,୧।୨(ଡିଏନଏ)

ରସୁଲପୁର ବ୍ଲକର କୁଆଖିଆ ବଜାରସ୍ଥିତ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଗ୍ରାମ ରୋଜଗାର ସେବକ (ଜିଆରଏସ୍)ଙ୍କ ଏକ ବୈଠକ ସଂଘର ଜିଲା ସଭାପତି ଅଜୟ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଆରଏସ୍‌ମାନେ ଦୀର୍ଘ ୭୯ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସରକାରଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଆଗତ ସ୍ଥାୟୀ ନିଯୁକ୍ତି ଭଳି ଏକମାତ୍ର ଦାବିକୁ ପୂରଣ ନ କରି ଓଲଟା ସେମାନଙ୍କୁ ଚାକିରିରୁ ବାହାର କରିଦେବା ଭଳି ନିଷ୍ପତ୍ତି ନେଇଛନ୍ତି। ସବୁ ସଂଗଠନର ଦାବି ସରକାର ମାନି ନେବା ସହ ସନ୍ତୋଷଜନକ ଘୋଷଣା କରୁଛନ୍ତି। ହେଲେ ଜିଆରଏସ୍‌ଙ୍କ ବିରୋଧରେ ସରକାରଙ୍କ ଆକ୍ରୋଶମୂଳକ ପଦକ୍ଷେପ ସେମାନଙ୍କ ପ୍ରତି ବୈମାତୃକ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କର ସେମାନଙ୍କ ପ୍ରତି ଅବିଚାର ସମଗ୍ର ରାଜ୍ୟରେ ଜିଆରଏସ୍ ସଂଘକୁ ଆହୁରି ଦୃଢ କରିପାରିଛି। ସରକାରଙ୍କ ନାଲିଆଖିକୁ ସଂଘ ଭୃକ୍ଷେପ ନ କରି ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଉକ୍ତ ବୈଠକରେ ଜିଲା ସମ୍ପାଦକ ବିଜୟ ବସ୍ତିଆ, ବ୍ଲକ ସଭାପତି ପ୍ରଭାକର ପଣ୍ଡା, ପ୍ରଣତି ପତି, କମଳ କୁମାର ଦାସ, ମଧୁସ୍ମିତା ସାହୁ, ଉଦୟନାଥ ବରାଳ, ରଞ୍ଜନ ଗୁରୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତ ବିଧାନସଭା ଅଧିବେଶନ ଓ ଆସନ୍ତା ନିର୍ବାଚନ ପୂର୍ବରୁ ସରକାର ଜିଆରଏସ୍‌ଙ୍କ ସମସ୍ୟା ସମାଧାନ ଦିଗରେ ଆଶୁ ପଦକ୍ଷେପ ନେବେ ବୋଲି ବୈଠକରେ ଆଶାପୋଷଣ କରାଯାଇଛି। ଉକ୍ତ ବୈଠକରେ ସଂଘର ଆଗାମୀ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଥାନାଧିକାରୀଙ୍କ ବଦଳିକୁ ନେଇ ତୀବ୍ର ଅସନ୍ତୋଷ

ବିଞ୍ଝାରପୁର,୧।୨(ଡି.ଏନ.ଏ)

ଆସନ୍ତା ସାଧାରଣ ନିର୍ବାଚନକୁ ନଜରରେ ରଖି ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଏବେଠାରୁ ପୋଲିସ ପ୍ରଶାସନିକସ୍ତରରୁ ବଦଳି ପର୍ବ ଆରମ୍ଭ ହୋଇଛି। ୩୧ତାରିଖ ଗୁରୁବାର ପୋଲିସ ବିଭାଗରେ କେତେଜଣ ଥାନାଧିକାରୀଙ୍କ ମଧ୍ୟରେ ଅଦଳ ବଦଳ କରାଯାଇଛି। ଯାଜପୁର ଜିଲାରୁ ୮ଜଣ ପୋଲିସ ଆଇଆଇସିଙ୍କୁ ବଦଳି କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଞ୍ଝାରପୁର ଥାନାଧିକାରୀ ସୁଚୀତ୍ରବିର୍ଯ୍ୟ ଦାସଙ୍କୁ କଟକକୁ ବଦଳି କରାଯାଇଛି। ଏହି ଖବର ଜଣାପଡିବା ପରେ ବିଞ୍ଝାରପୁର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଥାନା ଅଧିକାରୀଙ୍କ ବଦଳିକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ବର୍ଷେ ପୂର୍ବରୁ ଦାସ ଏହି ଥାନାରେ ଆଇଆଇସି ଭାବେ ଯୋଗ ଦେଇଥିଲେ। ସେ ନିଜ କର୍ତ୍ତବ୍ୟ ପରାୟଣତା ପାଇଁ ଲୋକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ ତାଙ୍କ ବଦଳି ଖବର ଜଣାପଡିବା ପରେ ସମଗ୍ର ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଥାନାଧିକାରୀଙ୍କୁ ବଦଳି କରାଯାଇ ବିଞ୍ଝାରପୁର ପ୍ରତି ଅବିଚାର କରାଯାଇଛି ବୋଲି ବରିଷ୍ଠ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ପ୍ରକାଶ କରିବା ସହିତ ତାଙ୍କ ବଦଳି ବାତିଲ କରିବାକୁ ଦାବି କରିଛନ୍ତି। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ମଧ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହିତ ଥାନାଧିକାରୀଙ୍କ ବଦଳି ସ୍ଥଗିତ କରିବାକୁ ଦାବି କରିଛନ୍ତି।

ଅମଠପୁର ସମବାୟ ସମିତି ଧାନମଣ୍ଡିରେ ଅବ୍ୟବସ୍ଥା

## ହତାଶ ହେଉଛନ୍ତି ଚାଷୀ



ମଣ୍ଡିରେ ଗଦା ହୋଇଥିବା ଧାନ।

ରତ୍ନଗିରି, ୧।୨(ଡି.ଏନ୍.ଏ.)

ବରୀ ବ୍ଲକ ଅଧୀନ ଅମଠପୁର ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡିରେ ଅବ୍ୟବସ୍ଥା ଦେଖାଦେଇଛି। ସମିତିରେ ଚାଷୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଲକ୍ଷ୍ୟ ଧାର୍ଯ୍ୟଠାରୁ କମ୍ ପରିମାଣରେ ଧାନକ୍ରୟ କରାଯାଇଛି। ଫଳରେ ଧାନ ବିକ୍ରୀ କରି ନ ପାରିବାରୁ ମଣ୍ଡିରେ ଧାନ ରଖି ଜଗି ରହିଥିବା ଘଟଣାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଲର୍‌ଙ୍କ ଅସହଯୋଗ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ସରପଞ୍ଚ ଅଶୋକ କୁମାର ଜେନା କହିଛନ୍ତି। ପ୍ରକାଶ ଯେ, ମଣ୍ଡିରେ ସମିତି ପକ୍ଷରୁ ୪୫୦ କୁଇଣ୍ଟାଲ୍ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଧାନ କ୍ରୟ ଦାୟିତ୍ୱରେ ଥିବା ଇଷ୍ଟର୍ନ ରାଇସ୍ ମିଲ୍ ପକ୍ଷରୁ ଆବଶ୍ୟକ ଗାଡ଼ି ନ ଥିବାରୁ ଧାନ କ୍ରୟ କରିବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଖବର ଲେଖା ହେବା ପର୍ଯ୍ୟନ୍ତ ମାତ୍ର ୧୯୦ କୁଇଣ୍ଟାଲ୍ ଧାନ କ୍ରୟ କରାଯାଇଥିବା ଜଣାପଡିଛି। ଅପରପେକ୍ଷେ ମିଲରମାନେ ମୋଟା ଧାନ ପ୍ରତି କୁଇଣ୍ଟାଲ୍ ପିଛା ୫କେଜି ଓ ସରୁ ଧଳା ଧାନରେ ୩କେଜି କଟା କରିବାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମିଲରଙ୍କ ତରଫରୁ ଧାନକ୍ରୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଅମଠପୁର ସମବାୟ ସମିତିର ସମ୍ପାଦକ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ଚାଷୀଙ୍କ ବିକ୍ରୟ କ୍ଷେତ୍ରରେ ଟୁକନ ପ୍ରଦାନ କରିବା ସମିତିର ଦାୟିତ୍ୱ ଏବଂ ସମ୍ପୃକ୍ତ ମିଲର୍ ଆବଶ୍ୟକ ମୁତାବକ ପରିବହନ ପାଇଁ ଗାଡ଼ି ଯୋଗାଇ ଦେଇ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି କହିଛନ୍ତି। ବରୀ ଯୋଗାଣ ନିରିକ୍ଷକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

ଜେନାପୁର, ୧।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁରସ୍ଥିତ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ୧୭ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଓ ମୁଖ୍ୟବକ୍ତାଭାବେ 'ମନୁର୍ଭବ'ର ସମ୍ପାଦକ ହୃଷୀକେଶ ରଥ ଯୋଗଦେଇଥିଲେ। ସମ୍ମାନୀୟ ଅତିଥିଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ, ଜେନାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ, ଶିକ୍ଷାବିତ୍ ବନଲତା ଦେବୀ ଓ ଶିବପ୍ରସାଦ ଶତପଥୀ ଉପସ୍ଥିତଥିଲେ। ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପଟ୍ଟନାୟକଙ୍କୁ 'ଶୋଭନୀୟ ମଣିଷ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ଅଞ୍ଚଳରେ କ୍ରୀଡ଼ା, ନୃତ୍ୟ, ସଂଗୀତ ଓ ପାଠପଢା କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ସ୍ୱର୍ଗତ ନାରାୟଣ ଶତପଥୀଙ୍କ ପ୍ରତିମୂର୍ତ୍ତି ଓ ପୂଜ୍ୟଶ୍ରୀ କୁମାର ଭାଇଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ବିଷ୍ଣୁ ପ୍ରସାଦ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା, ଶିକ୍ଷାର୍ଥୀ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

ଧର୍ମଶାଳା, ୧।୨(ଡି.ଏନ୍.ଏ.)

ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମ କରି ଶୁକ୍ରବାର ଓଡ଼ିଆ ବିଭାଗରେ ଶିକ୍ଷା ଓ ଶିକ୍ଷାର୍ଥୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଇନ୍ଦୁପ୍ରଭା ସାମଲ ସଭାପତିତ୍ୱ କରିବା ସହ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଉପେନ୍ଦ୍ର ସାରଦା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁ, ଧର୍ମଶାଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ତ୍ରିଲୋଚନ ରାଉତ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଉପସଭାପତି ସୁନାକର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଶିକ୍ଷାର ଅର୍ଥ ଆଭିମୁଖ୍ୟ, ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ସହ ଯୋଗସୂତ୍ର, ଶିକ୍ଷାଦାତାଙ୍କ କର୍ତ୍ତବ୍ୟ, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମାନସିକ ପରିବର୍ତ୍ତନ ଏବଂ ପ୍ରାଚୀନ ଶିକ୍ଷା ସହ ଆଧୁନିକ ଶିକ୍ଷାର ତୁଳନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମିହିର ପ୍ରସାଦ ସେଠୀ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧକ୍ଷାଙ୍କ ସହ ଆଲୋଚନା କରିଥିଲେ। ସଚ୍ଚିଦାନନ୍ଦ ପ୍ରଧାନ, ରାଜକିଶୋର ଜେନା, ସସ୍ମିତା ରାଉତରାୟ, କୁଞ୍ଜଲତା ରାଉତ ଓ ରାଜୀବ ରାଉତ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସୁନାକର ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକଳ୍ପ କାମ ପାଇଁ ଦୁର୍ବଳ ହୋଇଛି ନଦୀବନ୍ଧ

ବାଞ୍ଛାନିଧି ସାହୁ
ବରୀ, ୧।୨(ସ୍ୱ.ପ୍ର)



- ୧୬ହଜାର ହେକ୍ଟର ଚାଷଜମି ଜଳସେଚିତ ହେବା ଆଶଙ୍କା
- ୩ଶହ ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ କରାଯାଉଛି

ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାରେ ଜଳସେଚନ ନିମନ୍ତେ ବୃହତ୍ ଉଠା ଜଳସେଚନ (ମେଗା ଲିଫ୍ଟ ଇରିଗେଶନ୍)ପକ୍ଷରୁ ଏକ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ୩ଶହ ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ଏହାର ନିର୍ମାଣ ଦାୟିତ୍ୱ ଏଲ୍ ଆଣ୍ଡ ଟି କମ୍ପାନୀ କରୁଥିବା ଜଣାପଡିଛି। ବରୀ ବ୍ଲକ ଅଧୀନ ଭଅଁରା ପଞ୍ଚାୟତର ଚଟୁମାରୀ ଗ୍ରାମନିକଟ ନଦୀରୁ ପାଣି ଉଠାଇବା ନିମନ୍ତେ କମ୍ପାନୀ ପକ୍ଷରୁ ବନ୍ଧତଳେ ୨୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଗାତ ଖୋଳି ପମ୍ପ ହାଉସ୍ ପର୍ଯ୍ୟନ୍ତ ପାଇପ୍ ବିଛା କାର୍ଯ୍ୟ କରାଯାଉଛି। ଫଳରେ ନଦୀବନ୍ଧ ଦୁର୍ବଳ ପାଲଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୬ ହଜାର ହେକ୍ଟର ଚାଷ ଜମି ଜଳ ସେଚିତ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିପାଇଁ ଠିକାଦାର ୧୨ଟି ସ୍କିମ୍ ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିଛନ୍ତି। କେନ୍ଦ୍ରାପଡ଼ାରେ ୩ଟି ସ୍କିମ୍ ଚାଲିଥିବାବେଳେ ଯାଜପୁର ଜିଲାର ବରୀ, ବଡ଼ଚଣା, ରସୁଲପୁରରେ ୯ଟି ସ୍କିମ୍ କାର୍ଯ୍ୟ କରୁଥିବା ମେଗା ଲିଫ୍ଟ ଇରିଗେଶନ୍ ପ୍ରୋଜେକ୍ଟ ପକ୍ଷରୁ ସୂଚନା ମିଳିଛି। ତେବେ ମାର୍ଶାଘାଇର ଶାଖା ନଦୀଭାବେ ପରିଚିତ ଏହି ନଦୀରେ ବର୍ତ୍ତମାନ ଜଳସ୍ରୋତ ସର୍ବଦା ଲାଗି ରହୁଛି। ଏଭଳିସ୍ଥିତିରେ ନଦୀରେ ଜଳପଥ-୫ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ଚାଲିଥିବାବେଳେ ନଦୀ ବନ୍ଧ ଖନନ କରାଯାଉଛି। ବନ୍ଧର ସୁରକ୍ଷା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀ ବନ୍ଧ କଡ଼ରେ ବହୁ ଅର୍ଥବ୍ୟୟ କରାଯାଇ ପଥର ପ୍ୟାକିଂ କରାଯାଉଛି। ହେଲେ ପ୍ରକଳ୍ପକାମ ପାଇଁ ବନ୍ଧ ତଳେ ଖନନ ହେତୁ ବନ୍ଧ ଦୁର୍ବଳ ପାଲଟିବାନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ମେଗା ଲିଫ୍ଟ ଇରିଗେଶନ୍ ପ୍ରୋଜେକ୍ଟର କାର୍ଯ୍ୟ ନିର୍ବାହୀ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ଦଳବେହେରାଙ୍କୁ ପଚାରିବାରୁ ଜଳ ସମ୍ପଦ ବିଭାଗର ଅଧିକାରୀଙ୍କୁ ଜଣାଇ ବନ୍ଧ ତଳ ଖନନ କରାଯାଇଛି। କାମ ସମ୍ପୂର୍ଣ୍ଣ ହୋଇଗଲେ ବନ୍ଧପ୍ରତି ବିପଦ ରହିବ ନାହିଁ ବୋଲି କହିଛନ୍ତି। ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀଙ୍କୁ ପଚାରିବାରୁ ମାର୍ଚ୍ଚ ସୁଦ୍ଧା ନଦୀବନ୍ଧ ଖୋଳା ସ୍ଥାନକୁ ମରାମତି କରାଯିବ ବୋଲି ମେଗା ଲିଫ୍ଟ ଇରିଗେଶନ୍ ବିଭାଗର ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ତ୍ରିପାଠୀ କହିଛନ୍ତି। ନଦୀବନ୍ଧ ପ୍ରତି ବିପଦ ନାହିଁ ବୋଲି ଠିକାସଂସ୍ଥା ପକ୍ଷରୁ ମଧ ସ୍ପଷ୍ଟୀକରଣ ଦିଆଯାଇଛି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର

## ସଂକ୍ଷେପରେ

### ବ୍ୟାସନଗରରେ ହେଟାବାଘ ଗୁଜବ

**ଯାଜପୁରରୋଡ,୧।୨(ନି.ପ୍ର.):** ବ୍ୟାସନଗର ପୌର ପରିଷଦରେ ଗୁରୁବାର ହେଟାବାଘ ମାଡିବା ଖବର ମିଥ୍ୟା। ବନ ବିଭାଗ କର୍ମଚାରୀ ହେଟା ବାଘ ସମ୍ପର୍କରେ କୌଣସି ସୂଚନା ପାଇନାହାନ୍ତି। ମାଇନିଂ କଲୋନୀରେ ହେଟାବାଘ ବୁଲୁଥିବାର ଦେଖି କେହି ଫୋନ୍ କରିଥିଲେ। କୌଣସି ହେଟା ବାଘ ଚିହ୍ନ ନ ଥିବା ବନ ବିଭାଗ କର୍ମଚାରୀ କହିଛନ୍ତି। ଏହି କଲୋନୀରେ ବିଦ୍ୟୁତ ଲାଇଟ ଜଳୁଛି। କୌଣସି ମଢ଼ ପଡ଼ି ନ ଥିଲା। ହେଟାବାଘ କାହିଁକି ଆସିବ ବୋଲି ଯାଜପୁରରୋଡ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ଲୋକଙ୍କ ଗୁଜବକୁ ସମ୍ବାଦପତ୍ରରେ କିଭଳି ଭାବେ ଚିତ୍ରଣ କରାଯାଉଛି, ତାହା ପ୍ରଶ୍ନ କରିଥିଲେ। ଠିକ୍ ତଦନ୍ତ କରି ଖବର ପ୍ରକାଶ କଲେ ଭଲ ହୁଅନ୍ତା ବୋଲି ରେଞ୍ଜର ପଟ୍ଟନାୟକ କହିଛନ୍ତି।

### ୨ ପଞ୍ଚାୟତର ଲୋକାଭିମୁଖୀ କାର୍ଯ୍ୟକ୍ରମ, ମିଶ୍ରଣ ପର୍ବ

**ରସୁଲପୁର,୧।୨(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଓ ଅତଲାପରୁ ପଞ୍ଚାୟତର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବରେ ଶୁକ୍ରବାର ପୂର୍ବାହ୍ନରେ ବରୀ ବିଧାୟକ ଦେବାଶିଷ ନାୟକ ଯୋଗ ଦେଇଥିଲେ। ସାମନ୍ତରାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସରପଞ୍ଚ ଅଭିମନ୍ୟୁ ମହାଲିକ ଅଧକ୍ଷତା କରିଥିଲେ। ଏଥିରେ ବିଧାୟକ ଦେବାଶିଷ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ବିରୋଧୀ ଦଳକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। କଂଗ୍ରେସ ଦଳ ଧରାଶାୟୀ ହୋଇଯାଇଥିବା ବେଳେ ଭାଜପା କେବଳ ଭାଷଣରେ ସୀମିତ ରହିଛି। ତେଣୁ ଭାଷଣକୁ ବିଶ୍ୱାସ ନ କରି ନବୀନ ପଟ୍ଟନାୟକଙ୍କ ଭଳି କାମରେ ବିଶ୍ୱାସ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ କିରବାକୁ ଆହ୍ୱାନ କରିଥିଲେ। ଉକ୍ତ ସଭାରେ ବରୀ ବ୍ଲକ ବିଜେଡି ସଭାପତି ସେକ୍ ସଫିଉଦ୍ଦିନ, ରସୁଲପୁର ବ୍ଲକ ବିଧାୟାକଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଉପସଭାପତି ବେଣୁଧର ଦାସ, ଯୁବ ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ଜିଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସରପଞ୍ଚ ସୁଶାନ୍ତ କୁମାର ବେହେରା, ସମିତି ସଭ୍ୟ ଦୀଲିପ ସାହୁ, ପ୍ରାକ୍ତନ ସରପଞ୍ଚ ଅର୍ଜୁନ ନାୟକ, ସେକ୍ ଜିଆଉଲ ହକ୍, ମଦନ ମଲିକ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାଜପା ନେତା ଅଶୋକ କୁମାର ସେଠୀଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ନୂତନ ଭାବେ ଦଳରେ ଯୋଗଦେଇଥିବା ବିଦ୍ୟାଧର ଦଲାଇ, କମଳାକାନ୍ତ ପଣ୍ଡା, କାର୍ତ୍ତିକ ମହାରଣା, ହରିହର ସାହୁ, ଉଦୟନାଥ ମହାରଣା,ତନିଆ ମହାରଣା, ବିକ୍ରମ ସାହୁ, ବିନୋଦ ସାହୁ, ବିଜୟ ବେହେରା, ଗୋପିନାଥ ବେହେରା, ଅନନ୍ତ ଲେଙ୍କା, ଦୁଃଶାସନ ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମୀଙ୍କୁ ବିଧାୟକ ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ ଆମ ଗାଁ ଆମ ବିକାଶ ଯୋଜନା ଅର୍ଥରେ ନିର୍ମିତ ଅନ୍ତର୍ଯ୍ୟାମିଜୀଉ ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଗୋପିନାଥଜୀଉ ନୋଡାଲ ପ୍ରାଥମିକ ବିଦ୍ୟାଳୟ ଓ ମା' ଖଗେଶ୍ୱରୀ ବିଦ୍ୟାୟନ ଓ ନୋଡାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବରେ ପୁରସ୍କାର ବାଣ୍ଟିଥିଲେ।

### ଗଙ୍ଗାଧରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ, ତରଞ୍ଜିଆ ବିଜୟୀ

**ଧର୍ମଶାଳା, ୧।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ପତିତପାବନ ହାଇସ୍କୁଲ ଖେଳପଡ଼ିଆରେ ତୃତୀୟ ବର୍ଷିକ ଗଙ୍ଗାଧରପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାନାଲ ମ୍ୟାଚ୍ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ମ୍ୟାଚ୍‌ରେ ଚୋରମୁହଁକୁ ୫ ଉଇକେଟରେ ପରାସ୍ତ କରି ସମ୍ପାରୁ ଦଳ ଫାଇନାଲରେ ପ୍ରବେଶ କରିଛି। ଚୋରମୁହାଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ର ଶେଷ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ସମ୍ପାରୁ ୧୩.୨ ଓଭର୍‌ରେ ୫ ଉଇକେଟ୍ ହରାଇ ୧୭୬ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ପର୍ଶୁରାମ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ଦେବାନନ୍ଦ ରାଉଲ ଓ ସୁନୀଲ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଶନିବାର ତରଞ୍ଜିଆ ସହିତ ସମ୍ପାରୁ ଦଳ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ଜ୍ଞାନରଞ୍ଜନ ସାହୁ ସୂଚନା ଦେଇନ୍ତି।

■ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ

# ବିନା କ୍ଷତିରେ ବାତ୍ୟା ଅନୁଦାନ

**ଯାଜପୁର ଅଫିସ,୧।୨**

୨୦୧୮ ଅକ୍ଟୋବର ୧୧ତାରିଖରେ ହୋଇଥିବା ତିତ୍‌ଲି ବାତ୍ୟାର କ୍ଷୟକ୍ଷତି ନାମରେ ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ବିଭାଗକୁ ୧କୋଟି ୫୩ଲକ୍ଷ ୯୭ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ତିତ୍‌ଲି ପ୍ରଭାବରେ ଜିଲାର କୌଣସି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ(ପିଡବ୍ଲ୍ୟୁଏସ୍) କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେଁ ଏତେ ପରିମାଣର ଟଙ୍କା ମଞ୍ଜୁର କରାଇବା ଜିଲାବାସୀଙ୍କୁ ଚକିତ କରିଛି। ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାର କେବଳ ଯାଜପୁର, ଦର୍ପଣ ଓ ବ୍ୟାସନଗର ତହସିଲର କେତେକ ଚାଷଜମି ତିତ୍‌ଲି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରୁ ପିଡବ୍ଲ୍ୟୁଏସ୍ ମରାମତି ଓ ପୁନରୁଦ୍ଧାର ନାମରେ ମିଥ୍ୟା ବିଲ୍ ଭାଉଚର ତିଆରି କରି ପ୍ରାୟ ଦେଢକୋଟି ଟଙ୍କା ମିଳିମିଶି ହଡପ କରିବାକୁ ମସୁଧା ଚଳାଇଥିବା ସ୍ପଷ୍ଟ ହେଉଛି।

ଚଣ୍ଡିଖୋଲ ଆରଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀଙ୍କ ଦାଖଲ ରିପୋର୍ଟ ଅନୁସାରେ ତିତ୍‌ଲି ଯୋଗୁ ୧୦୪ଟି ପାଇପ ଜଳଯୋଗାଣ ପ୍ରକଳ୍ପ ନଷ୍ଟ ହୋଇଛି। ସେଥିମଧ୍ୟରୁ ଯାଜପୁର ବ୍ଲକରେ ୨୦ଟି ପିଡବ୍ଲ୍ୟୁଏସ୍, ବିଞ୍ଝାରପୁର ବ୍ଲକରେ ୨୩, ଦଶରଥପୁର ବ୍ଲକରେ ୧୪, ବଡ଼ଚଣା ବ୍ଲକରେ ୧୧, ବରୀ ବ୍ଲକରେ ୧୩, ଧର୍ମଶାଳା ବ୍ଲକରେ ୭, ରସୁଲପୁର ବ୍ଲକରେ ୧୦ ଓ କୋରେଇ ବ୍ଲକରେ ୬ଟି ପିଡବ୍ଲ୍ୟୁଏସ୍ ନଷ୍ଟ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାର ତୁରନ୍ତ ମରାମତି ଓ ପୁନଃରୁଦ୍ଧାର ପାଇଁ ୨କୋଟି ୫୦ଲକ୍ଷ ୩୨ହଜାର ଟଙ୍କା ଅଟକଳ ହୋଇଥିଲା। ତେବେ ତିତ୍‌ଲି ପ୍ରଭାବରେ ରାଜ୍ୟର ଗଞ୍ଜାମ ଓ ଗଜପତି ଜିଲାର ବହୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। ରିପୋର୍ଟ ଅନୁସାରେ ରାଜ୍ୟର ୩୦୦୩ଟି ପିଡବ୍ଲ୍ୟୁଏସ୍ ନଷ୍ଟ ହୋଇଛି। ଏହାର ମରାମତି ଓ ପୁନରୁଦ୍ଧାର ପାଇଁ ୪୩ କୋଟି ୩୯ ଲକ୍ଷ ୮୩ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିମଧ୍ୟରୁ ଗଜପତି ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନରେ ୬୬୫, ବ୍ରହ୍ମପୁର ଡିଭିଜନରେ ୭୩୯ ଓ ଭଞ୍ଜନଗର ଡିଭିଜନରେ ୬୧୮ଟି ପିଡବ୍ଲୁଏସ ସର୍ବାଧିକ ଭାବେ ନଷ୍ଟ ହୋଇଛି । କିନ୍ତୁ ଯାଜପୁର ଜିଲାରେ ତିତଲି ପ୍ରଭାବରେ ଝିପିଝିପି ବର୍ଷା ହେବା ସହିତ ପାଗ ମେଘୁଆ ରହିଥିଲା। ଏପରିକି ପବନର ଗତି ମଧ୍ୟ ସେତେଟା ଭୟଙ୍କର ନ ଥିଲା। ତଥାପି ବିଭାଗ ପକ୍ଷରୁ ୧୦୪ଟି ପିଡବ୍ଲ୍ୟୁଏସ୍ ନଷ୍ଟ ହୋଇଥିବା ରିପୋର୍ଟ ଦେଇ ରାଜ୍ୟ ରାଜକୋଷରୁ ପ୍ରାୟ ଦେଢକୋଟି ଟଙ୍କା ମଞ୍ଜୁର କରାଯିବା ବିଡ଼ମ୍ବନା ବୋଲି ମତପ୍ରକାଶ ପାଇଛି। ଦର୍ଶାଯାଇଥିବା ରିପୋର୍ଟ ଅନୁସାରେ ନଷ୍ଟ ହୋଇଥିବା ୩ଟି ପିଡବ୍ଲ୍ୟୁଏସକୁ ବାଦ ଦେଲେ ଅନ୍ୟ ସମସ୍ତ ୧୦୧ଟି ପ୍ରକଳ୍ପ ପାଇଁ ଦେଢ଼ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର ହୋଇଛି। କେବଳ ଦଶରଥପୁର ତଲିଆ ପ୍ରକଳ୍ପ ପାଇଁ ୪୬ହଜାର ଟଙ୍କା, ବଡ଼ଚଣା ବ୍ଲକ ସୋଲାର ପ୍ରକଳ୍ପ ପାଇଁ ୬୩ହଜାର ଟଙ୍କା ଓ ଛତିଆ ପ୍ରକଳ୍ପ ପାଇଁ ୧ଲକ୍ଷ ୩୮ହଜାର ଟଙ୍କା ମଞ୍ଜୁର ହୋଇଛି। ବିଭିନ୍ନ ପ୍ରକଳ୍ପର ରିମାର୍କସ ରିପୋର୍ଟରେ ନଷ୍ଟ ପାଇପ୍‌ଲାଇନ ପରିବର୍ତ୍ତନ, ଷ୍ଟାଣ୍ଡପୋଷ୍ଟ ନିର୍ମାଣ, ଭଲବ ଚ୍ୟାମ୍ବର, ପରିସର ଉନ୍ନତିକରଣ, ପାଇପଲାଇନ ସମ୍ପ୍ରସାରଣ, ଆଭ୍ୟନ୍ତରୀଣ ୱାରିଂ, ରଙ୍ଗ ଆଦିରେ ଖର୍ଚ୍ଚ ହେବ ବୋଲି ଦର୍ଶାଯାଇଛି। ଜିଲାରେ ୩୦୧ଟି ପିଡବ୍ଲୁଏସ କାର୍ଯ୍ୟକାରୀ ହେଉଥିବା ବିଭାଗ ପକ୍ଷରୁ ଜଣାପଡିଛି।



■ତିତ୍‌ଲି ନାମରେ ଦେଢ଼ କୋଟି ହଡ଼ପ ମସୁଧା

■୧୦୪ ପିଡବ୍ଲ୍ୟୁଏସ ପାଇଁ ୧.୫୩ କୋଟି ମଞ୍ଜୁର

ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଅନୁଦାନ ଆସିଛି। କିନ୍ତୁ ବିଭାଗୀୟ ଅଧିକାରୀମାନେ ଚଞ୍ଚକତା କରି ତିତ୍‌ଲି ନାମରେ ଫାଇଦା ନେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏଥିରେ ଏକ ବିରାଟ ର୍ୟାକେଟ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି। ଜିଲାର ଗ୍ରାମାଞ୍ଚଳ ଲୋକେ ପାନୀୟ ଜଳ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ଏଭଳି ଭାବରେ ଆରଡବ୍ଲ୍ୟୁଏସ୍ଏସ୍ ଜିଲାବାସୀଙ୍କୁ ଭୁଆଁ ବୁଲାଇ ମିଛି ରିପୋର୍ଟ ଦେଇ ପ୍ରାୟ ଦେଢ଼ କୋଟି ଟଙ୍କା ହଡ଼ପ କରିବାକୁ ଯୋଜନା ହୋଇଥିବା ଅଭିଯୋଗ ହୋଇଛି । ଏସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ପରିଜାଙ୍କୁ ପଚାରିବାରୁ ସେ କହିଛନ୍ତି ବ୍ଲକସ୍ତରରେ ଯାଞ୍ଚ କରାଯାଇ ବ୍ୟୟ ଅଟକଳ ହୋଇଛି। ତଦନୁସାରେ ଜିଲାପାଳଙ୍କ ସୁପାରିଶକ୍ରମେ ଏହି ଟଙ୍କା ମଞ୍ଜୁର ହୋଇଛି। ୪୫ଦିନରେ କାମ ମରାମତି କାର୍ଯ୍ୟ ସମ୍ପନ୍ନ ହେବ। ପ୍ରକଳ୍ପ ମରାମତି କିମ୍ବା ପୁନଃରୁଦ୍ଧାର ପୂର୍ବରୁ ଓ ପରେ ଫଟୋ ଉଠାଯାଇ ବିଲ୍ ପ୍ରସ୍ତୁତ ହେବ। ଫଳରେ ଅନୁଦାନ ଅର୍ଥ ବାଟବାରଣା ହେବାର ସମ୍ଭାବନା ନାହିଁ ବୋଲି ପରିଜା କହିଛନ୍ତି।

## ୧୬ରେ ଉଦ୍‌ଘାଟନ ହେବ ଏଡିଜେ କୋର୍ଟ

**ଯାଜପୁରରୋଡ,୧।୨(ନି.ପ୍ର.)**

ବହୁଦିନର ଦାବି ପରେ ଯାଜପୁରରୋଡଠାରେ ଆସନ୍ତା ୧୬ ତାରିଖରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ (ଏଡିଜେ) ଉଦ୍‌ଘାଟିତ ହେବ ବୋଲି ଓଡ଼ିଶା ହାଇକୋର୍ଟ ତରଫରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞପ୍ତି ନଂ–୧୫୦୧, ୩୧।୧।୨୦୧୯ ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କ ଦ୍ୱାରା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦଘାଟନ ହେବ। ଏହି ଖବର ପ୍ରକାଶ ପାଇବା ପରେ ଯାଜପୁରରୋଡର ୪ଟିଆଇନଜୀବୀ ସଂଘ, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି। ଯାଜପୁରରୋଡ ଓକିଲ ସଂଘ ସଭାପତି ସରୋଜ କର, ବ୍ୟାସନଗର ଓକିଲ ସଂଘ ସଭାପତି ନାରାୟଣ ପ୍ରସାଦ ପତି, ଜିଲା ଟ୍ୟାକ୍ସ ବାର ଆସୋସିଏଶନର ସଭାପତି ବିବେକାନନ୍ଦ ମହାନ୍ତି, କଳିଙ୍ଗନଗର ବାର ଆସୋସିଏଶନର ସଭାପତି ମଣୀନ୍ଦ୍ର ଧଳ ଓ ସମସ୍ତ ଆଇନଜୀବୀ ଖୁସିରେ ନିଜ ନିଜ ମଧ୍ୟରେ ମିଠା ବାଣ୍ଟି ଖୁସି ମନାଇଥିଲେ। ଏହି ଅବସରରେ ଯାଜପୁରରୋଡ ମିଳିତ ଆଇନଜୀବୀ କମିଟି ଓଡ଼ିଶା ସରକାର, ଉଚ୍ଚ ନ୍ୟାୟାଳୟ ଓ ସ୍ଥାନୀୟ ସୁକିନ୍ଦା ଓ କୋରେଇ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । କୋରେଇ ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମିଳିତ ଚେଷ୍ଟା ଯୋଗୁ ଏହା ସମ୍ଭବପର ହୋଇଛି ବୋଲି ଆବାହକ ସରୋଜ କର କୃତଜ୍ଞତା ଜ୍ଞାପନ କରିଛନ୍ତି।

# କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତି ଯୋଗୁ ହୋଇପାରିଲାନି ସମାଧାନ

**ଯାଜପୁରରୋଡ,୧।୨(ନି.ପ୍ର.)**

**ବିସ୍ଥାପିତଙ୍କ ସମସ୍ୟା ନେଇ ଜନଶୁଣାଣି**

ପ୍ରତି ମାସର ଶେଷ ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିସ୍ଥାପିତଙ୍କ ସମସ୍ୟା ସହ ସୁକିନ୍ଦା, ଦାନଗଦୀ, ବ୍ୟାସନଗର ଓ କୋରେଇ ବ୍ଲକବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ପାଇଁ ଜିଲାପାଳ ଜନଶୁଣାଣି ଧାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜନଶୁଣାଣି ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, କଳିଙ୍ଗନଗର ଭୂ ଅର୍ଜନ ଅଧିକାରୀ ସପନ ନନ୍ଦ ପ୍ରମୁଖ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ବ୍ୟାସନଗର, କୋରେଇ ପ୍ରଭୃତି ଅଞ୍ଚଳର ୧୦ ଜଣ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗ ଦେଇଥିଲେ। ବ୍ୟକ୍ତିଗତଭାବେ ୭ ଓ ୩ ସମୂହ ଅଭିଯୋଗ ହୋଇଥିଲା। ଏଥିମଧ୍ୟରୁ ଗୋଟିଏ ରେଡ଼କ୍ରସ ସମ୍ବନ୍ଧୀୟ ଅଭିଯୋଗ ଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳର ୧୨ଟି ଶିଳ୍ପାନୁଷ୍ଠାନ ମଧ୍ୟରୁ କେବଳ ନୀଳାଚଳ ଇସ୍ପାତ ନିଗମ ବ୍ୟତୀତ ଅନ୍ୟ କାରଖାନାର କର୍ତ୍ତୃପକ୍ଷ ଆସି ନ ଥିଲେ। ଫଳରେ ବିସ୍ଥାପିତଙ୍କ ସମସ୍ୟା ଅଧୁରା ରହିଯାଇଥିଲା। ଶିଳ୍ପ କାରଖାନାର କର୍ତ୍ତୃପକ୍ଷ ଲଗାତାର ଜନଶୁଣାଣିକୁ ଉପେକ୍ଷା କରି ଚାଲିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ଗାଡପୁର ମୌଜାର ୫୦ରୁ ଅଧିକ ବିସ୍ଥାପିତ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଟାଟା କମ୍ପାନୀ ପକ୍ଷରୁ ସେମାନଙ୍କୁ ଯେଉଁଠାରେ ବିସ୍ଥାପିତ କରାଯାଉଛି ଉକ୍ତ ସ୍ଥାନ ଜଙ୍ଗଲ କିସମ ରହିଛି ବୋଲି କହିଥିଲେ। ଗାଡପୁର ମୌଜାର ଖତିଆନ ନଂ. ୨୭ ଅନୁସାରେ ପ୍ଲଟ ନଂ ୪୬୮ ଓ ୪୨୩ ଇଡକୋ ଦ୍ୱାରା ଅଧିଗ୍ରହଣ ହୋଇଥିବାରୁ ବର୍ତ୍ତମାନ ଏକ କମ୍ପାନୀ ଦ୍ୱାରା ଉକ୍ତ ଜାଗାକୁ ବିନା କାଗଜରେ ଅଧିଗ୍ରହଣ କରାଯାଇଛି। ଏଣୁ ଉକ୍ତ ଜାଗାରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର, ଗୋଚର ଜମି, କ୍ଲବ ଘର ଆଦି ନଷ୍ଟ କରାଯାଇଛି। ଉକ୍ତ ଗ୍ରାମରେ ବିସ୍ଥାପିତଙ୍କୁ ଥଇଥାନ କରିବା ପାଇଁ ଦାବି କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିବାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରିଲା ନାହିଁ ବୋଲି ଗୀତାଞ୍ଜଳି ତିରିଆ, ସୁରେନ୍ଦ୍ର କୁମାର ନେତୃତ୍ୱରେ ଶତାଧିକ ଲୋକ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ, ବିସ୍ଥାପିତଙ୍କ ସମସ୍ୟା ସମ୍ପର୍କରେ ଶିଳ୍ପାଞ୍ଚଳର ପ୍ରତ୍ୟେକ କାରଖାନା କର୍ତ୍ତୃପକ୍ଷଙ୍କୁ ଜନଶୁଣାଣିରେ ଉପସ୍ଥିତ ରହିବା ପାଇଁ ଚିଠି ହୋଇଥିଲା। ସେମାନେ ଆସୁ ନ ଥିବାରୁ ବିସ୍ଥାପନ ସମସ୍ୟା ସମାଧାନ ହେବାରେ ବିଳମ୍ବ ହେଉଛି। ଜନଶୁଣାଣିରେ ଉପସ୍ଥିତ ରହିବା ପାଇଁ ସେମାନଙ୍କୁ ପୁନର୍ବାର ଚିଠି କରାଯିବ ବୋଲି କହିଥିଲେ।

## ବବୁଲ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଗୋପାଳପୁର

**ଚଣ୍ଡିଖୋଲ,୧।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଏରାସ୍ଥିତ କନକେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଖଏରାଠାରେ ପଞ୍ଚମ ବାର୍ଷିକ ବବୁଲ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ହରପ୍ରିୟା ବରାଳ ଓ ସମିତି ସଭ୍ୟ ସ୍ୱର୍ଣ୍ଣରେଖା ପୃଷ୍ଟି ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ବିଏଚ୍ କ୍ରିକେଟ ଟିମ୍ ଛତା ଓ ୱାଇ ୱାଇ କ୍ରିକେଟ କ୍ଲବ ଗୋପାଳପୁର ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ଖେଳରେ ବି.ଏଚ. କ୍ରିକେଟ ଟିମ ଛତାକୁ ୧୩ ରନ୍‌ରେ ହରାଇ ୱାଇ ୱାଇ କ୍ରିକେଟ କ୍ଲବ ଗୋପାଳପୁର ବିଜୟୀ ହୋଇଛି। ଗୋପାଳପୁର ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୩୧ ରନ କରିଥିଲା। ଜବାବରେ ବିଏଚ କ୍ରିକେଟ ଟିମ ସମସ୍ତ ଉଇକେଟ ହରାଇ ୧୧୮ ରନ୍ କରି ପରାସ୍ତ ହୋଇଥିଲା। ଆଲୋକ ବରାଳ ଓ କାଶିନାଥ ଜେନା ଖେଳ ପରିଚାଳନା କରିଥିଲେ। ଖଏରା ନାଏବ ସରପଞ୍ଚ ସୁଧିର ରଞ୍ଜନ ପୃଷ୍ଟି ଓ ଶରତ ବରାଳ ପୁରସ୍କାର ବିତରଣ କରିଥିଲେ।

## ମତଦାନ ହାର ବୃଦ୍ଧି ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଅଧିକାରୀ।

**ଯାଜପୁର ଅଫିସ,୧।୨**

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଶୁକ୍ରବାର ଆଗାମୀ ନିର୍ବାଚନୀ ପରିପ୍ରେକ୍ଷୀରେ ମତଦାନ ବୃଦ୍ଧି ଓ ବିବେକାନୁମୋଦିତ ମତଦାନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ସମସ୍ତ ଭୋଟର ଯେପରି ମତଦାନ କରିବେ ସେଥିପାଇଁ ବିଭିନ୍ନସ୍ତରରେ ସଚେତନତା ସୃଷ୍ଟି କରାଯାଉଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଇଲେକ୍ଟୋରାଲ ଲିଟେରେସି କ୍ଲବ ଗଠନ ସହ ବିଭିନ୍ନ ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ପଥପ୍ରାନ୍ତ ନାଟକ, ବିଜ୍ଞାପନ, ଆଲୋଚନାଚକ୍ର ମାଧ୍ୟମରେ ମଧ୍ୟ ସଚେତନ କରାଯାଉଛି। ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟରେ ସଂକଳ୍ପ ପତ୍ର ମାଧ୍ୟମରେ ପିଲାଙ୍କ ଦ୍ୱାରା ଅଭିଭାବକଙ୍କୁ ମତଦାନ ପାଇଁ ଅନୁରୋଧ କରାଯାଉଛି। ତେଣୁ କଲେଜର ଅଧ୍ୟକ୍ଷ ଭୋଟର ସଚେତନତା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ସହ ଯଦି ୧୮ବର୍ଷରୁ ଊର୍ଦ୍ଧ୍ୱ କୌଣସି ବିଦ୍ୟାର୍ଥୀ ବର୍ତ୍ତମାନ ସୁଦ୍ଧା ଭୋଟର କାର୍ଡ ପାଇଁ ନାମ ପଞ୍ଜିକରଣ କରି ନାହାନ୍ତି ତେବେ ତୁରନ୍ତ ସେମାନଙ୍କୁ ଫର୍ମ ଯୋଗାଇ ନାମ ପଞ୍ଜିକୃତ କରାଇବାକୁ ଜିଲାପାଳ ଦାସ ପରାମର୍ଶ ଦେଇଥିଲେ। ଆସନ୍ତା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାର ଏନ୍‌ସି କଲେଜ, ବୁଦ୍ଧିରାଜ ହାଇସ୍କୁଲ, ବ୍ୟାସନଗର କଲେଜ, ଧର୍ମଶାଳା ଓ ବି.ବି. କଲେଜରେ ଛୋଟଛୋଟ ଗ୍ରୁପ ମାଧ୍ୟମରେ ନିର୍ବାଚନୀ ତାଲିମ ପ୍ରଦାନ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ନିର୍ବାଚନ ତାଲିମ ପାଇଁ ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେବା ସହ ପ୍ରାୟ ୩ ସ୍ତରୀୟ ତାଲିମ ଓ ସମସ୍ତ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି କହିଥିଲେ।

# ପୋଡ଼ପିଠା ବାସ୍ନାରେ ମହକିଲା ଓଳାଶୁଣୀ ପୀଠ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧।୨ (ଡି.ଏନ୍.ଏ./ସ୍ୱ.ପ୍ର.)**

**ଓଳାଶୁଣୀ ଗୁମ୍ଫା ମେଳାର ଦ୍ୱିତୀୟ ଦିନ**

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ ଆରମ୍ଭ ହୋଇଥିବା ଓଳାଶୁଣୀ ଗୁମ୍ଫା ମେଳା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବହୁ ଦୂରଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ମେଳା ପଡ଼ିଆକୁ ଛୁଟି ଆସିଥିଲାବେଳେ କେହି ପୋଡ଼ପିଠାକୁ ଭୁଲିନାହାନ୍ତି। ମହାପୁରୁଷଙ୍କ ପ୍ରିୟ ଭୋଗ ପୋଡ଼ପିଠା ମେଳାରେ ଆକର୍ଷଣ ପାଲଟିଛି। ସେଥିପାଇଁ ଓଳାଶୁଣୀ ପାହାଡ଼ର ଶୀର୍ଷଦେଶ ତଥା ମହାପୁରୁଷଙ୍କ ସମାଧି ମନ୍ଦିର ନିକଟରେ ୩୦ରୁ ଊର୍ଦ୍ଧ୍ୱ ପିଠା ଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି। କେଜି ପ୍ରତି ପ୍ରାୟ ୫୦ ଟଙ୍କା ଦରରେ ପୋଡ଼ପିଠା ବିକ୍ରୟ ହେଉଥିବା ଦୋକାନୀମାନେ ସୂଚନା ଦେଇଛନ୍ତି।



ମେଳାରେ ପୋଡ଼ ପିଠା ବିକ୍ରି କରାଯାଉଛି।

ସୂଚନାଯୋଗ୍ୟ ଦୈନିକ ଏଠାରେ ୫ କୁଇଣ୍ଟାଲରୁ ଅଧିକ ପୋଡ଼ପିଠା ବିକ୍ରୟ ହୋଇଥାଏ। ଏହା ବ୍ୟତୀତ ଲକ୍ଷ ଲକ୍ଷ ଭକ୍ତ ସେମାନଙ୍କର ମାନସିକ ପାଇଁ ମହାପୁରୁଷଙ୍କ ନିକଟକୁ ପୋଡ଼ପିଠା ଭୋଗ କରିବାକୁ ଆଣିଥାନ୍ତି।

## 'ଆଧ୍ୟାତ୍ମିକ ଜଗତର ଆଦର୍ଶ ଥିଲେ ସନ୍ଥ ଅରକ୍ଷିତ'

**ଓଳାଶୁଣୀ ଗୁମ୍ଫା ମହୋତ୍ସବ ଉଦ୍‌ଘାଟିତ**

ରାଜ୍ୟର ଏକ ପ୍ରମୁଖ ଧର୍ମ ଓ ପର୍ଯ୍ୟଟନ ପୀଠ ଓଳାଶୁଣୀ ଗୁମ୍ଫା ପାହାଡ଼ର ଶୀର୍ଷଦେଶରେ ଥିବା ଅନନ୍ତ ଗୁମ୍ଫାଠାରେ ଗୁରୁବାର ଆୟୋଜିତ ୬ଷ୍ଠ ଓଳାଶୁଣୀ ଗୁମ୍ଫା ମହୋତ୍ସବକୁ ସ୍ୱାମିଜୀ ଉଦ୍‌ଘାଟନ କରିଥିଲେ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କର ଚିନ୍ତା ଓ ଚେତନା ଆଧ୍ୟାତ୍ମିକ ଜଗତକୁ ନୂତନ ଆଲୋକ ଦେବା ସହ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି ବୋଲି କହିଥିଲେ। ଓଡ଼ିଶାର ପ୍ରଣମ୍ୟ ସନ୍ଥ କବି ଅରକ୍ଷିତ ଦାସ ଥିଲେ ଧର୍ମ ଓ ଆଧ୍ୟାତ୍ମିକ ଜଗତର ଏକ ଆଦର୍ଶ ବ୍ୟକ୍ତିତ୍ୱ। ତାଙ୍କ ଦ୍ୱାରା ରଚିତ ମହୀମଣ୍ଡଳ ଗୀତା ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଥମ ଆତ୍ମଜୀବନୀମୂଳକ ଗ୍ରନ୍ଥ ବୋଲି କହିଛନ୍ତି ବିଶିଷ୍ଟ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ। ବିଶିଷ୍ଟ ଅତିଥି ଭାବେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ସାଧୁସନ୍ଥମାନେ ଆମ ସମାଜକୁ ଦିଗ୍‌ଦର୍ଶନ, ସଂସ୍କାର ଓ ଶୃଙ୍ଖଳିତ ଚରିତ୍ର ଗଠନ ପାଇଁ ଯୁଗ ପରେ ଯୁଗ ପ୍ରେରଣା ଦେଇଆସିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ଏସ୍‌ପି ଚରଣ ସିଂହ ମୀନା ଯୋଗଦେଇଥିଲେ। ପାହାଡ଼ ପାଦଦେଶରେ ଥିବା ମା' ଓଳାଶୁଣୀଙ୍କ ପୀଠରୁ ମହୋତ୍ସବ ସ୍ଥଳ ପର୍ଯ୍ୟନ୍ତ ସଂକୀର୍ତ୍ତନ ସହ ଆଜ୍ଞାମାଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଜ୍ଞାନ ମିଶନର ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦଙ୍କୁ ବରେଣ୍ୟ ସନ୍ଥ ସମ୍ମାନ, ବିଶିଷ୍ଟ ଆଧ୍ୟାତ୍ମିକ ସାଧକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ ଓ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସଙ୍କୁ ଓଳାଶୁଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ରବିନ୍ଦ୍ର ନାଥ ସାମଲ ଓ ଜଙ୍ଗଲ ବିଭାଗର ଏସିଏଫ ଅଲେଖ ଚନ୍ଦ୍ର ସାମଲ ପ୍ରମୁଖ ସନ୍ଥ ଅରକ୍ଷିତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନ୍ୟାସର ସଦସ୍ୟ ସୁମନ୍ତ କୁମାର ଭୂୟାଁ ରାଜ୍ୟପାଳ ଗଣେଶୀ ଲାଲ ପଠାଇଥିବା ବାର୍ତ୍ତା ପାଠ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉନ୍ନୟନ ନ୍ୟାସର ମାନପତ୍ର ପାଠ କରିଥିଲେ ସଦସ୍ୟ ଶ୍ରୀକାନ୍ତ କୁମାର ସାମଲ ଓ ଜ୍ୟୋତି ପ୍ରକାଶ ସାହୁ। କଳା ସଂଯୋଜକ ବିପିନ ବିହାରୀ ସ୍ୱାଇଁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ସରସ୍ୱତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଗଣମାଧ୍ୟମ ପ୍ରକୋଷ୍ଠ ଉଦ୍‌ଘାଟନ କଲେ ସୂଚନା ପ୍ରସାରଣ ମନ୍ତ୍ରୀ



ମନ୍ତ୍ରୀ ପ୍ରତାପ ଜେନା ଗଣମାଧ୍ୟମ ପ୍ରକୋଷ୍ଠକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ଓଳାଶୁଣୀ ପାହାଡ଼ର ପାଦଦେଶରେ ଥିବା ମେଳା ପଡ଼ିଆରେ ଶୁକ୍ରବାର ଗଣମାଧ୍ୟମ ପ୍ରକୋଷ୍ଠକୁ ଉଦ୍‌ଘାଟନ କରିଛନ୍ତି। ବାଲିଚନ୍ଦ୍ରପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ କୁମାର ପଣ୍ଡା, ଗିରିଜା ପ୍ରସାଦ ସାହୁ, ପ୍ରଭାସ ଦାଶ, ଉତ୍କଳ କେଶରୀ ସାମଲ, ବୀରେନ୍ଦ୍ର ନାୟକ, ସତ୍ୟାନନ୍ଦ ମଲ୍ଲିକ ଓ ଅଜୟ ଦାସ ପ୍ରମୁଖ ବହୁ ଖବରଦାତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଲାଗିବ ସିସି ଟିଭି କ୍ୟାମେରା

**ଟାଙ୍ଗୀ(ଖୋର୍ଦ୍ଧା),୧।୨(ଡି.ଏନ.ଏ.):** ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବାହ୍ୟ ହସ୍ତକ୍ଷେପକୁ ବାରଣ ସହ କପି ରୋକିବା ପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି। ବିଶେଷତଃ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରକ୍ଷା ନିମନ୍ତେ ଓଡିଶା ମାଧମିକ ଶିକ୍ଷା ପରିଷଦ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମାଧମିକ ଶିକ୍ଷା ପରିଷଦ ସମ୍ପାଦକ ଏଥିପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନକଲ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ପରିଚାଳକଙ୍କୁ ଦେବାପାଇଁ ଜାନୁୟାରୀ ୩୦ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ପରୀକ୍ଷା କେନ୍ଦ୍ରରେ ଅସ୍ଥାୟୀ ଭାବେ ସିସି ଟିଭି କ୍ୟାମେରା ସ୍ଥାପନ ନିମନ୍ତେ ସିଦ୍ଧାର୍ଥ ଏଣ୍ଟର ପ୍ରାଇଜେସ୍‌କୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ଦିନ ଓ ରାତିରେ କାମ କରାଯାଇପାରେ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପରିଚାଳକମାନେ ସୁବିଧାରେ ସେମାନଙ୍କ ବିଦ୍ୟାଳୟରେ ସିସି ଟିଭି ସ୍ଥାପନ ପାଇଁ ସମସ୍ତ ପ୍ରକାର ସହାୟତା କରିବାକୁ ନିର୍ଦ୍ଦେଶ ନିଆଯାଇଛି ।

### ରାମେଶ୍ୱର କ୍ରିକେଟ୍ ପ୍ରତିଯୋଗିତା
### ତେଲେଙ୍ଗାପଡ଼ା ଚାମ୍ପିୟନ୍

**ନିରାକାରପୁର,୧।୨(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥ ଖେଳପଡ଼ିଆଠାରେ ରାମେଶ୍ୱର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଶୁକ୍ରବାର ଏକ ଦିବସୀୟ ଫାଇନାଲ୍ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଉଲ୍ଲେଖଯୋଗ୍ୟ, ଏହି ଦିନ ହିଁ ଫାଇନାଲ୍ ବିଜେତା ଦଳର ନାମ ଘୋଷଣା କରାଯାଇଥିଲା। ବୋଡଙ୍ଗରା କ୍ରିକେଟ୍ କ୍ଲବ୍ ଓ ତେଲେଙ୍ଗାପଡ଼ା କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବୋଡଙ୍ଗରା ପ୍ରଥମେ ଟସ୍ ଜିତି ୨୦ ଓଭର୍ ୮ ଉଇକେଟ୍‌ରେ ୧୪୨ ରନ୍ ସଂଗ୍ରହ କରିଥିଲା। ଜବାବରେ ତେଲେଙ୍ଗାପଡ଼ା ୧୬ ଓଭର୍ ଓ ଗୋଟିଏ ବଲ୍‌ରେ ୩ ଉଇକେଟ୍ ହରାଇ ୧୪୩ ରନ୍ କରି ଚାମ୍ପିୟନ୍ ହୋଇଥିଲା । ଶାନ୍ତନୁ କୁମାର ସ୍ୱାଇଁ ଓ ଶିବ ପ୍ରସାଦ ସୁବୁଦ୍ଧି ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ କାଳୁ ଖଣ୍ଡାୟତରାୟ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ରାଜନେତା ଦୁର୍ଯ୍ୟୋଧନ ସ୍ୱାଇଁ ଓ ଖୋର୍ଦ୍ଧା ଜିଲା ଧାନ ଚାଷୀ ମହାସଂଘର ସଭାପତି କେଳୁ ଚରଣ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ । ବିଜୟୀ ଦଳକୁ ୮ ହଜାର ନଗଦ ଟଙ୍କା, ଟ୍ରଫି ଓ ପରାଜିତ ଦଳକୁ ୬ ହଜାର ନଗଦ ଟଙ୍କା, ଟ୍ରଫି ପ୍ରଦାନ କରାଯାଇଥିବା ଆୟୋଜକ ରଶ୍ମି ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି ।

### ଭାଜପା ଯୁବମୋର୍ଚ୍ଚା ବୈଠକ

**କୃଷ୍ଣପ୍ରସାଦ,୧।୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଭାଜପା ଯୁବମୋର୍ଚ୍ଚା ତରଫରୁ ବଡଅଁଳ ପଞ୍ଚାୟତସ୍ଥ ହରିପୁର ଡାକବଙ୍ଗଳା ପରିସରରେ ଶୁକ୍ରବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ବୈଠକରେ ଭାଜପା ବ୍ଲକ ସଭାପତି ଦୀନବନ୍ଧୁ ଜେନା, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡିଆ ସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ଲକ ସାଧାରଣ ସମ୍ପାଦକ ଅନିଲ କୁମାର ସିଂ, ଯୁବ ସଂଯୋଜକ ସୁରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ଭାଜପାକୁ ବିଜୟ କରିବାକୁ ଆହ୍ୱାନ ଦେଇଥିଲେ।

# ପୁନରୁଦ୍ଧାର ପାଇଁ ସହଯୋଗର ହାତ ବଢ଼ାଇଲେ ୬ବନ୍ଧୁ

- ନୀଳମାଧବ ଜୀଉଙ୍କ ପରିତ୍ୟକ୍ତ ଚନ୍ଦନ ପୋଖରୀ
- ଅନୁଦାନ ରାଶି ଥାଇ ବି କାର୍ଯ୍ୟ ହୋଇ ପାରୁନି

**ଖଣ୍ଡପଡା,୧।୨(ସ୍ୱ.ପ୍ର.)**


ଆଲୋଚନାଚକ୍ରରେ ସାମିଲ ହୋଇଥିବା ନାଗରିକ ମଞ୍ଚ କର୍ମକର୍ତ୍ତା ଓ ଅନ୍ୟମାନେ।

କଣ୍ଟିଲୋସ୍ଥିତ ଶ୍ରୀଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ ଦୀର୍ଘବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ବାରମ୍ବାର ଦାବି ସତ୍ତ୍ୱେ ପୋଖରୀର ପୁନରୁଦ୍ଧାର ଦିଗରେ ଲକ୍ଷାଧିକ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନ ହେଉନାହିଁ। ପୋଖରୀର ଦୁରବସ୍ଥା ଯୋଗୁ ଠାକୁରଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ଗତବର୍ଷଠାରୁ ବନ୍ଦ ହୋଇ ଯାଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତେବେ ଗ୍ରାମବାସୀଙ୍କ ଆବେଗକୁ ଦୃଷ୍ଟିରେ ରଖି ନୀଳମାଧବ ବିଦ୍ୟାପୀଠର ୧୯୬୯ ମାଟ୍ରିକ ବ୍ୟାଚର ୬ ଜଣ ପୁରାତନ ଛାତ୍ର ଉକ୍ତ ପୋଖରୀର ପୁନରୁଦ୍ଧାର ପାଇଁ ସଂକଳ୍ପ ନେଇଥିବା ଜଣାଯାଇଛି ।

ସୂଚନାଯୋଗ୍ୟ ଯେ, ଶ୍ରୀ ନୀଳମାଧବ ଜୀଉଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ବୈଶାଖମାସ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ସମେତ ଲକ୍ଷ୍ମୀ ସରସ୍ୱତୀ ଓ ଶିବ ପାର୍ବତୀ ପୃଥକ ବିମାନରେ ସ୍ଥାନୀୟ ଚନ୍ଦନ ପୋଖରୀକୁ ଜଳ କ୍ରୀଡା କରିବା ପାଇଁ ବିଜେ ହୋଇଥାନ୍ତି । କାହିଁ କେଉଁ କାଳରୁ ଏହି ପ୍ରଥା ଚଳି ଆସୁଛି । ତେବେ ଦୀର୍ଘବର୍ଷ ହେବ ଉକ୍ତ ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ବିଭିନ୍ନ ଦଳ ଓ ପଦ୍ମ ବନରେ ପରିପୂର୍ଣ୍ଣ ହୋଇ ପ୍ରଦୂଷିତ ଅବସ୍ଥାରେ ଥିବା ପୋଖରୀର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ପରେ ଗତବର୍ଷ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ମାତ୍ର ଉକ୍ତ କାର୍ଯ୍ୟ କରିବାରେ କାର୍ଯ୍ୟ ନିର୍ବାହୀଙ୍କ ଇଚ୍ଛାଶକ୍ତିର ଅଭାବଯୋଗୁ କାର୍ଯ୍ୟ ସମ୍ପାଦନରେ ବାଧକ ସାଜିଛି । ଫଳରେ ଗତ ବର୍ଷ ଠାକୁରଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ବନ୍ଦ ହୋଇଯାଇଛି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ଭାବାବେଗକୁ ହୃଦୟଙ୍ଗମ କରି ନୀଳମାଧବ ବିଦ୍ୟାପୀଠର ୧୯୬୯ ମାଟ୍ରିକ ବ୍ୟାଚର ସିକ୍ସ ଏଫ୍ (୬ ବନ୍ଧୁ) ଭାବରେ ବେଶ୍ ଜଣାଶୁଣା ଛାତ୍ର ପବିତ୍ର ମୋହନ ମହାପାତ୍ର( ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ), କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ,ବିରଞ୍ଚି ନାରାୟଣ ସାହୁ( ଅବସରପ୍ରାପ୍ତ କୃଷି ଅଧିକାରୀ), ବିନୋଦ କୁମାର ଦାସ( ଅବସରପ୍ରାପ୍ତ ସହକାରୀ ପରିଚାଳକ, ରାଜ୍ୟ ସିଭିଲ ସପ୍ଲାଇ କର୍ପୋରେଶନ), ଧନେଶ୍ୱର ମହାରଣା(ଅବସରପ୍ରାପ୍ତ ଅଧ୍ୟକ୍ଷ) ଓ ଖଳେଶ୍ୱର ମହାରଣା( ଅବସରପ୍ରାପ୍ତ ସୁପରଭାଇଜର ଦୂର ସଞ୍ଚାର ନିଗମ) ପ୍ରମୁଖ ନିଜସ୍ୱ ପାଣ୍ଠିରେ ଉକ୍ତ ପୋଖରୀର ପୁନରୁଦ୍ଧାର କରିବା ସହ ଏହାକୁ ସରସ ସୁନ୍ଦର କରି ପର୍ଯ୍ୟଟକମାନଙ୍କ ପାଇଁ ବୋଟିଂ ସୁବିଧା କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ସାଧାରଣତନ୍ତ୍ର ଦିବସ ଅବସରରେ କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ପରିସରରେ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସମାବେଶରେ ୬ବନ୍ଧୁ ଏହି ସୂଚନା ଦେଇଥିଲେ । ଏକଦା ଦୀର୍ଘବର୍ଷ ତଳେ ଉକ୍ତ ପୋଖରୀକୁ ସ୍ଥାନୀୟ ଅଞ୍ଚଳର ଜନୈକ ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ଲିଙ୍ଗରାଜ ଦାସ ଖୋଳାଇଥିବାରୁ ଦାସଙ୍କ ପୋଖରୀ ନାମରେ ଏହା ନାମିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଶ୍ରୀ ଜୀଉଙ୍କ ଚନ୍ଦନ ପୋଖରୀ ନାମରେ ପରିଚିତ ହୋଇଛି ।

# ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ


ଆହତ ଖବରଦାତା ବିକ୍ରମ ଆଚାର୍ଯ୍ୟ।

**ପୁରୀଅଫିସ, ୧।୨**

ପୁରୀ–କୋଣାର୍କଜାତୀୟ ରାଜପଥ ମେରାଇନ୍ ଡ୍ରାଇଭ ରୋଡ ବେଲେଶ୍ୱର ପାଟଣା ଛକରେ ଶୁକ୍ରବାର ଜଣେ ଯୁବ ଖବରଦାତାଙ୍କୁ କେତେଜଣ ସ୍ଥାନୀୟ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରଦାତା ଜଣକ ହେଲେ ଏକ ଦୈନିକ ଖବରକାଗଜର ପ୍ରତିନିଧି ବିକ୍ରମ ଆଚାର୍ଯ୍ୟ(୨୮)। ଖବର ପାଇ ସାମୁଦ୍ରିକ ଥାନା ପୋଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରି ୨ଜଣଙ୍କ ଅଟକ ରଖି ପଚରାଉଚୁରା କରୁଛି। ବିକ୍ରମ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରଦାତାଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରିବାକୁ ପୁରୀ ଜିଲା ସାମ୍ବାଦିକ ସଂଘ ଏସ୍‌ଡିପିଓ ସୁଶିଲ ମିଶ୍ରଙ୍କ ନିକଟରେ ଦାବି କରିଛି।

ମିଳିଥିବା ସୂଚନା ପ୍ରକାରେ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ବେଲେଶ୍ୱର ପାଟଣା ଛକରେ ଦୁଇଟି କାର ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ବିକ୍ରମ ବାଇକରେ ଖବର ସଂଗ୍ରହ ଲାଗି ଘଟଣା ସ୍ଥଳକୁ ଯାଇଥିଲେ। ସେଠାରେ ସେ ନିଜ ମୋବାଇଲ ଘଟଣା ସ୍ଥଳର ଫଟୋ ସଂଗ୍ରହ କରୁଥିବା ସମୟରେ କେତେଜଣ ସ୍ଥାନୀୟ ଯୁବକ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେ ସେଠାରୁ ଖସିଯିବାକୁ ଉଦ୍ୟମ କରିବା ବେଳେ ତାଙ୍କୁ ଗୋଡାଇ ତଳେ କଚାଡି ମାଡ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ପିସିଆର ଭ୍ୟାନ୍ ପହଞ୍ଚି ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ସାମୁଦ୍ରିକ ଥାନା ଅଧିକାରୀ ନିଳୀମା ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଘଟଣା ସମ୍ପର୍କରେ ବୁଝିଛନ୍ତି।

**ଅଭିଯୁକ୍ତଙ୍କ ଗିରଫ ଦାବି**

# ଛାତ୍ରୀଛାତ୍ରଙ୍କୁ ପଣିକିଆ ପଚାରିଲେ ଜିଲାପାଳ


ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଚାରୁଛନ୍ତି।

**ନୟାଗଡ଼ ଅଫିସ,୧।୨**

ଜିଲାପାଳ ଡା. ଏନ୍ ତରୁମାଲା ନାୟକ ଶୁକ୍ରବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଦରା ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳ ନାୟକ କେତେକ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପଣିକିଆ ପଚାରିଥିବା ଦେଖିବାକୁ ମିଳିଥିଲା। ସେହିଭଳି ପ୍ରତିଦିନ ବିଦ୍ୟାଳୟରେ ଖବରକାଗଜ ପଢ଼ାଯାଉଛି କି ନାହିଁ ସେ ବିଷୟରେ ମଧ୍ୟ ପିଲାମାନଙ୍କୁ ପଚାରି ବୁଝିଥିଲେ ।

# ମଣ୍ଡିରେ ବସ୍ତା ଜାଲିଆତି: ଚାଷୀଙ୍କୁ ଫେରାଉ ନାହାନ୍ତି

**ପୁରୀ ଅଫିସ,୧।୨**

ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀଙ୍କୁ ତାଙ୍କ ପୁରୁଣା ବସ୍ତା ଫେରାଇଦେବା ନଚେତ ତାଙ୍କୁ ସମାନ ସଂଖ୍ୟକ ନୂଆ ବସ୍ତା ଦେବା କଥା। କିନ୍ତୁ ଅଧିକାଂଶ ମଣ୍ଡିରେ ବସ୍ତା ଜାଲିଆତି କରାଯାଉଛି। ଦୁର୍ଭାଗ୍ୟର ବିଷୟ ଚାଷୀଙ୍କୁ ନୂଆ ବସ୍ତା ତ ଦିଆଯାଉ ନାହିଁ ବରଂ ସେମାନଙ୍କ ପୁରୁଣା ବସ୍ତାକୁ ମିଲର ନେଇଯାଉଛନ୍ତି। ସେହିପରି ବିଭିନ୍ନ ମଣ୍ଡିରେ କାଟ ବି ଚାଷୀଙ୍କୁ କାଟୁଛି । ମେଶିନରେ ଧାନର ମାନ ପରୀକ୍ଷା କରା ନ ଯାଇ କୁଇଣ୍ଟାଲ ପିଛା କେଉଁଠି ୨ କିଲୋ ତ ପୁଣି କେଉଁ ମଣ୍ଡିରେ ୩ କିଲୋ କାଟ ନିଆଯାଉଛି। ପିପିଲି ବ୍ଲକ କମାକନ୍ଥିଆ ଗ୍ରାମର ଚାଷୀ ଧୂମସେନ ବରାଳ ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୪୦ କୁଇଣ୍ଟାଲ ଧାନ ଦେବା ପାଇଁ ଟୋକନ ପାଇଥିଲେ। ଶୁକ୍ରବାର ସେ ୫୩ ବସ୍ତା ଧାନ ମଣ୍ଡିକୁ ନେଇ ଯାଇଥିଲେ। ତାଙ୍କ ଧାନ ପରିମାଣ ୪୬ କୁଇଣ୍ଟାଲ ୧୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ । କିନ୍ତୁ ପ୍ରତିବଦଳରେ ନୂଆ ବସ୍ତା ଦେଇ ନ ଥିଲେ କିମ୍ବା ତାହାର ମୂଲ୍ୟ ମଧ୍ୟ ଦେଇ ନ ଥିଲେ। ସେହିପରି ତାଙ୍କ ଧାନର ମାନ ମେଶିନରେ ପରୀକ୍ଷା ନ କରି ମିଶା ରହିଥିବା କହି କୁଇଣ୍ଟାଲ ପିଛା ୩ କେଜି କାଟି ଦେବାକୁ କହିଥିଲେ। ନଚେତ ଧାନ ଫେରାଇ ନିଅ ବୋଲି ଧୂମସେନଙ୍କୁ କହିଥିଲେ। ଧୂମସେନ କିଛି ନ କହି ଧାନ ଦେଇ ଫେରିଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଚାଷୀର ପୁରୁଣା ବସ୍ତା ଯଦି ମିଲର ନେଉଛନ୍ତି ତେବେ ତାଙ୍କୁ ନୂଆ ବସ୍ତା କିମ୍ବା ତାହାର ଅର୍ଥ ଦେବା କଥା। କିନ୍ତୁ ଯେଉଁଠାରେ ଏପରି ହେଉଥିବା ଅଭିଯୋଗ ପହଞ୍ଚୁଛି ତୁରନ୍ତ ସମ୍ପୃକ୍ତ ସମବାୟ ସମିତିକୁ ତାଗିଦ କରାଯାଉଛି।

### ଖବରଦାତାଙ୍କ ବିୟୋଗରେ ଶୋକ

**ଟାଙ୍ଗୀ(ଖୋର୍ଦ୍ଧା),୧।୨(ଡି.ଏନ.ଏ.)**

ଖବରଦାତା ଅମ୍ବିକା ପ୍ରସାଦ ଦାସଙ୍କ ଅକାଳ ବିୟୋଗରେ ଟାଙ୍ଗୀ ଉତ୍କଳ ସାମ୍ବାଦିକ ସଭାଗୃହରେ ବ୍ଲକ ସଭାପତି ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ହରିହର ରଣା, ସମ୍ପାଦକ ମାନସ ପଟ୍ଟନାୟକ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।

# ଯୁବତୀଙ୍କ ମୃତ୍ୟୁ ସନ୍ଦେହ ଘେରରେ, ଥାନାରେ ହତ୍ୟା ଅଭିଯୋଗ

**ବାଲୁଗାଁ,୧।୨(ଡି.ଏନ.ଏ.)**

ବାଲୁଗାଁ ଅଧୀନ ନାଭାଲ ଫାଣ୍ଡି ଅନ୍ତର୍ଗତ ଖାରିବନ୍ଧ ଗ୍ରାମର ଜଣେ ଯୁବତୀଙ୍କୁ ଜୋର ଜବରଦସ୍ତ ବିଷ ପିଆଇ ମାରି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି । ମୃତା ଯୁବତୀ ହେଲେ ଉକ୍ତ ଗ୍ରାମର କୁମାରୀ ସ୍ୱାଇଁଙ୍କ ଝିଅ ପ୍ରମୋଦିନୀ ଓରଫ ଝିଲି ସ୍ୱାଇଁ(୨୧) । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ବାଲୁଗାଁ ବଜାର ପେଟ୍ରୋଲ ପମ୍ପ ନିକଟ ଏକ ମୋବାଇଲ କେୟାର ଦୋକାନରେ ଝିଲି କାର୍ଯ୍ୟ କରୁଥିଲେ । ଗତ ୨୫ତାରିଖ ସକାଳେ ଦୈନନ୍ଦିନ ପରି ଝିଲି ଘରୁ ଦୋକାନକୁ ଆସିଥିବା ବେଳେ ସନ୍ଧ୍ୟାରେ ଆଉ ଘରକୁ ଫେରିନଥିଲେ। ବିଳମ୍ବିତ ରାତ୍ରିରେ ଝିଲିଙ୍କ ଦେହ ଖରାପ ଥିବା ଉକ୍ତ ଗ୍ରାମର ଜଣେ ଯୁବକ ଫୋନ୍ ଯୋଗେ ତାଙ୍କ ଘରକୁ ଜଣାଇଥିଲେ । ସଙ୍ଗେ ସଙ୍ଗେ ଝିଲିଙ୍କ ପରିବାର ଲୋକେ ବାଲୁଗାଁ ହସ୍ପିଟାଲରେ ପହଞ୍ଚି ଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲକୁ ନେଇଥିଲେ । ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ୨୬ତାରିଖରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବାବେଳେ ଝିଲିଙ୍କ ମୃତ୍ୟୁ ଘଟିଥିଲା । ସୂଚନା ଯୋଗ୍ୟଯେ, ଝିଲିଙ୍କ ପରିବାରକୁ ଫୋନ୍ ଯୋଗେ ଖବର ଦେଇଥିବା ଯୁବକ କିଛି ଦିନ ପୂର୍ବରୁ ଝିଲିଙ୍କୁ ଏକତରଫା ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ଏହି ଘଟଣା ଝିଲି ତାଙ୍କ ଘରେ ଜଣାଇବାରେ ପରିବାର ପକ୍ଷରୁ ଯୁବକଙ୍କୁ ହଇରାଣ ନକରିବା ପାଇଁ ତାଗିଦ୍ କରାଯାଇଥିଲା । ତେବେ ପ୍ରେମରେ ବିଫଳ ହୋଇ ସମ୍ପୃକ୍ତ ଯୁବକ ଜୋର ଜବରଦସ୍ତ ଝିଅକୁ ବିଷ ପିଆଇ ମାରିଥିବା ତାଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗକୁ କେନ୍ଦ୍ର କରି ନଂ ୧୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ପଞ୍ଚୁପାଣ୍ଡବ ମହୋତ୍ସବ ଉଦ୍‌ଘାଟିତ

**ନୂଆଗାଁ,୧।୨(ଡି.ଏନ.ଏ.)**



ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ।

ନୟାଗଡ ଜିଲା ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପଞ୍ଚୁପାଣ୍ଡବ ପୀଠ ଠାରୁ ହାଇସ୍କୁଲ ପଡିଆ ଅଭିମୁଖେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ମଶାଲ ଶୋଭାଯାତ୍ରା ପଡିଆରେ ପହଞ୍ଚିବା ପରେ ସେଠାରେ ପତାକା ଉତ୍ତୋଳନ କରାଯାଇ ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା । ଅପରାହ୍ନ ୩ଟାରେ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରଫେସର ଆଦିକନ୍ଦ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲା ପରିଷଦ ଉପାଧ୍ୟକ୍ଷ ଅଖିଳ କୁମାର ଜାନୀ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯାମୀ ସ୍ୱାଇଁ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ, ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ଗଜେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ମଦନ ମୋହନ ପ୍ରଧାନଙ୍କ ଲିଖିତ ଓ ସ୍ୱର ସଂଯୋଜନାରେ ନୂଆଗାଁ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତସଙ୍ଗୀତ ଗାନ କରିଥିଲେ। ଟେଲି କଳାକାର ରୋଜାଲିନ ମହାନ୍ତିଙ୍କ ଆଙ୍କରିଂ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା । ଜଗତ୍‌ସିଂହପୁରର ଯାଦୁକର ନିଜର ଯାଦୁକରୀ ମାଧ୍ୟମରେ ଦର୍ଶକମାନଙ୍କୁ ବାନ୍ଧି ରଖିପାରିଥିଲେ। ଉକ୍ତ ମହୋତ୍ସବ ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମହୋତ୍ସବର ଆୟୋଜକଙ୍କ ତରଫରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ନୟାଗଡ ଜିଲା ନୂଆଗାଁ ବ୍ଲକରେ ୨୦୧୬ ମସିହାଠାରୁ ଆରମ୍ଭ ହୋଇଥିବା ପଞ୍ଚୁପାଣ୍ଡବ ମହୋତ୍ସବ ଦୁଇବର୍ଷ ଧରି ବେଶ୍ ଧୁମ୍‌ଧାମରେ ପାଳିତ ହୋଇଥିବା ବେଳେ ମହୋତ୍ସବ ଆୟୋଜନକୁ ନେଇ ୨୦୧୮ ମସିହାରେ କମିଟି ମଧ୍ୟରେ ନାନା ବାଦ ବିବାଦ ଦେଖାଦେଇଥିଲା। ଫଳରେ ୨୦୧୮ ମସିହାରେ ଏହି ମହୋତ୍ସବ ପାଳିତ ହୋଇ ପାରି ନ ଥିଲା । ସବୁ ବାଦ ବିବାଦକୁ ପଛରେ ପକାଇ ୨୦୧୯ ମସିହା ବର୍ଷ ଆରମ୍ଭରୁ ଏହି ମହୋତ୍ସବ କରାଯିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା ।

# ଆଜିଠୁ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜାତୀୟ ଅଧିବେଶନ

- ଅଂଶଗ୍ରହଣ କରିବେ ଦେଶର ୪ ହଜାର ପ୍ରତିନିଧି
- ୩ରେ ଯୋଗଦେବେ ଅମିତ ଶାହ

**ପୁରୀ ଅଫିସ, ୧।୨**

ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାରଠାରୁ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଦୁଇଦିନିଆ ଜାତୀୟ ଅଧିବେଶନ ଅନୁଷ୍ଠିତ ହେବ। ଏହି ଅଧିବେଶନରେ ଦେଶର ୪ ହଜାରରୁ ଉର୍ଦ୍ଧ୍ୱ ଅନୁସୂଚିତ ଜନଜାତି ପ୍ରତିନିଧି ଯୋଗଦେବେ। ଏଥିରେ ମୋର୍ଚ୍ଚାର ନିର୍ବାଚିତ ସମସ୍ତ ଜନପ୍ରତିନିଧି, ସବୁ ରାଜ୍ୟର ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ଭାଜପାର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଅଂଶଗ୍ରହଣ କରିବେ। ଶନିବାର ପୂର୍ବାହ୍ନ ୧୧ଟାରୁ ଅଧିବେଶନ ଆରମ୍ଭ ହୋଇ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ ବୋଲି ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମବିଚାର ନେତମ କହିଛନ୍ତି। ୩ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ। ଏହା ପରେ ବିଶାଳ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯୋଗଦେବେ। ଓଡ଼ିଶାର ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଆଦିବାସୀଙ୍କ ସମାଗମ ହେବ। ଅଧିବେଶନ ସମ୍ପର୍କରେ ନେତମ କହିଥିଲେ ଯେ, ଏଥିରେ ଯୋଗ ଦେଉଥିବା ଦେଶର ପ୍ରତିନିଧିଙ୍କୁ ୬ଟି ଗ୍ରୁପ୍ କରାଯିବ। ପ୍ରତି ଗ୍ରୁପ୍ ସହ ସେମାନଙ୍କ ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ସ୍ଥିତି କ'ଣ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସେବା ବିଷୟରେ ଚର୍ଚ୍ଚା ହେବ। ପରେ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ଧର୍ମ, ସଂସ୍କୃତି ଏବଂ ସ୍ୱାଧୀନତା ପାଇଁ ବହୁ ଜନଜାତି ସେମାନଙ୍କ ଜୀବନ ଉତ୍ସର୍ଗ କରିଛନ୍ତି। ଏମାନଙ୍କ ମଧ୍ୟରୁ ବିର୍ସା ମୁଣ୍ଡା ହେଉଛନ୍ତି ଅନ୍ୟତମ। ତାଙ୍କ ନାମରେ ଆସନ୍ତା ନିର୍ବାଚନ ପରେ ଓଡ଼ିଶାରେ ଗୌରବ ଯାତ୍ରା ଅନୁଷ୍ଠିତ ହେବ। ବିଶେଷକରି ଓଡ଼ିଶା ସମ୍ପର୍କରେ କ'ଣ ଫୋକସ ରହିବ ପ୍ରଶ୍ନରେ ନେତମ କହିଥିଲେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଜନଜାତିଙ୍କ ସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଛି। ସଡ଼କ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସବୁଥିରେ ଅନୁସୂଚିତ ଜନଜାତିଙ୍କୁ ଉପେକ୍ଷା କରାଯାଇଛି। କେନ୍ଦ୍ର ସରକାର ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣୁଛନ୍ତି। କେନ୍ଦ୍ର ସରକାର ସବୁ ବନଜାତ ଦ୍ରବ୍ୟର ସହାୟକ ମୂଲ୍ୟ ବୃଦ୍ଧି କରିଥିଲେ ମଧ୍ୟ ଓଡ଼ିଶାର ଆଦିବାସୀ ଲୋକେ ଏହାର ସୁଫଳ ପାଉନାହାନ୍ତି। ମାର୍କେଟିଂ ସୁବିଧା ନ ଥିବାରୁ ଆଦିବାସୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏହିପରି ସବୁ ବିଷୟ ଉପରେ ଅଧିବେଶନରେ ଆଲୋଚନା ହେବ ବୋଲି ନେତମ କହିଥିଲେ ।

ଏହି ଖବରଦାତା ସମ୍ମିଳନୀ ପରେ ଭାଜପା ଦଳୀୟ ପଦାଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିବେଶନରେ କାହାର କ'ଣ ଭୂମିକା ରହିବ ସେ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୋର୍ଚ୍ଚାର ରାଜ୍ୟ ସଭାପତି ରବି ନାୟକ ଉପସ୍ଥିତ ଥିଲେ।

■ ଏମ୍‌ଫିଲ୍ ପାଠ୍ୟକ୍ରମ ଅନୁମୋଦନ ପ୍ରସଙ୍ଗ

# ରାଜସ୍ୱ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବିଶ୍ୱବିଦ୍ୟାଳୟ ଘେରାଉ କରିବାକୁ ଏବିଭିପିର ଚେତାବନୀ**

**ପୁରୀଅଫିସ, ୧।୨**

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)କୁ ଏମ୍‌ଫିଲ୍ ପାଠ୍ୟକ୍ରମ ଅନୁମୋଦନ ପ୍ରଦାନରେ ବିଳମ୍ବ ହେଉଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମୋଦନ ପ୍ରଦାନରେ ବିଳମ୍ବ କରୁଥିବାରୁ ଛାତ୍ରୀଛାତ୍ରଙ୍କ ଆଡମିଶନ ଏବଂ ପାଠପଢ଼ାରେ ବିଳମ୍ବ ଘଟୁଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ଏ ନେଇ ଶତାଧିକ ଛାତ୍ରୀଛାତ୍ର ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଅସହଯୋଗ ଏବଂ ଅବହେଳାରୁ ଏସ୍‌ସିଏସ୍ କଲେଜକୁ ଏମ୍‌ଫିଲ୍ ପାଠ୍ୟକ୍ରମ ଅନୁମୋଦନ ମିଳୁନାହିଁ ବୋଲି ଏବିଭିପିର ଜିଲା ସଂଯୋଜକ ପାର୍ଥଜିତ୍ ପୃଷ୍ଟି ଅଭିଯୋଗ କରିଛନ୍ତି।

ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୧୭ ମସିହାରେ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ କଲେଜରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଅନୁମୋଦନରେ ଏମ୍‌ଫିଲ୍ ପାଠ୍ୟକ୍ରମ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସ୍ୱୀକୃତି ପ୍ରକାରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪ଟି ବିଭାଗ ଓଡ଼ିଆ, ଇଂଲିଶ, ଭୂଗୋଳ ଓ ବାଣିଜ୍ୟରେ ୮ଟି ଲେଖାଏ ସିଟ୍ ଖୋଲିବା ଲାଗି ଅନୁମତି ପ୍ରଦାନ କରିଥିଲେ। ସେହି ଅନୁଯାୟୀ ପ୍ରଥମ ବର୍ଷରେ ୩୨ଜଣ ନାମ ଲେଖାଇଥିଲେ। ୨୦୧୭ ଡିସେମ୍ବରରେ ଏହି ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ପାଠ୍ୟଦାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ବ୍ୟାଚର ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ସମାପ୍ତ ହେବ। ତେବେ ସେମାନଙ୍କ ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପ୍ରଥମ ବର୍ଷ ଏମ୍‌ଫିଲ୍ ପାଠ୍ୟକ୍ରମକୁ ଅନୁମୋଦନ ମିଳି ନ ଥିବା ବେଳେ କର୍ତ୍ତୃପକ୍ଷ ଦ୍ୱିତୀୟ ବ୍ୟାଚର ଆଡମିଶନ ଲାଗି ୨୦୧୮ ମେ ୧୩ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ସେପ୍ଟେମ୍ବର ୧୮ରେ ପ୍ରବେଶିକା ପରୀକ୍ଷା, ସେପ୍ଟେମ୍ବର ୨୫ରେ ଫଳାଫଳ, ଅକ୍ଟୋବର ୫ରେ ଭାଇଭା, ଅକ୍ଟୋବର ୧୦ରେ ଫଳାଫଳ, ଅକ୍ଟୋବର ୨୬ରେ ଆଡମିଶନ ଏବଂ ନଭେମ୍ବର ୧୨ସୁଦ୍ଧା ପାଠ୍ୟଦାନ ଆରମ୍ଭ କରାଯିବାକୁ ଉଲ୍ଲେଖ ରହିଥିଲା ବୋଲି ଦର୍ଶାଯାଇଛି। ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ କେତେକ କଲେଜକୁ ଅନୁମୋଦନ ପ୍ରଦାନ କରିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଇଚ୍ଛାଶକ୍ତିର ଅଭାବରୁ ଏସ୍‌ସିଏସ୍ କଲେଜ ଏଥିରୁ ବଞ୍ଚିତ ରହିଛି ବୋଲି ପାର୍ଥଜିତ୍ ଅଭିଯୋଗ କରିଛନ୍ତି। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଥିଲେ। ୨୦୧୭ୟୁଜିସି ଗାଇଡଲାଇନ ଅନୁସାରେ ଅନୁମୋଦନ ପ୍ରଦାନ ନେଇ ସମସ୍ୟା ସୃଷ୍ଟି ହୋଇଛି। ଏ ନେଇ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟ କାଉନ୍‌ସିଲିଂ ବୈଠକ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏ ନେଇ ଜାନୁୟାରୀ ୧୯ରେ ଏବିଭିପି ପକ୍ଷରୁ ରାଜ୍ୟପାଳଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁମତି ପ୍ରଦାନ ନେଇ ବିଶ୍ୱବିଦ୍ୟାଳୟ ନିଜ ମତ ସ୍ପଷ୍ଟ ନ କଲେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଘେରାଉ କରାଯିବ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ସାଢ଼େ ୩ ଲକ୍ଷ ଟଙ୍କା ଚୋରି ଅଭିଯୋଗ



ବୋଲଗଡ଼,୧।୨(ଡି.ଏନ.ଏ.): ବୋଲଗଡ଼ ଥାନା ସମ୍ପୁର ଗ୍ରାମ ଟାଙ୍ଗୀସାହିର ଦାଶରଥି ବେହେରାଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ଆନୁମାନିକ ସାଢ଼େ ୩ ଲକ୍ଷ ଟଙ୍କା ସହିତ ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଦାଶରଥିଙ୍କ ପୁଅ ସୋମନାଥ ଶୁକ୍ରବାର ବୋଲଗଡ଼ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୋଲିସ ଥାନା କେସ୍ ନଂ ୧୦/୧୯ ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି । ପରିବାର ସୂତ୍ରରୁ ପ୍ରକାଶ ଯେ, ଦାଶରଥିଙ୍କ ପରିବାର ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାରି ପଟ କବାଟ ଭାଙ୍ଗି ଘରେ ପଶିଥିଲେ। ପରିବାର ଲୋକେ ଶୋଇଥିବା କୋଠରିଗୁଡିକୁ ବାହାର ପଟୁ ବନ୍ଦ କରି ଦୁର୍ବୃତ୍ତମାନେ ଅନ୍ୟ କୋଠରିରେ ଥିବା ଆଲମାରୀ ଭାଙ୍ଗି ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ, ଜମି କିଣିବା ପାଇଁ ଆଲମାରୀରେ ଏହି ଟଙ୍କା ରଖାଯାଇଥିବା ଦାଶରଥି କହିଛନ୍ତି।

### ଚେକ୍‌ଡ୍ୟାମ ନିର୍ମାଣ ପାଇଁ ଶିଳାନ୍ୟାସ

ଭାପୁର,୧।୨(ଡି.ଏନ.ଏ.): ଭାପୁର ବ୍ଲକ ଏଲପଡା ଗ୍ରାମ ଗଦ୍‌ଗଦି ନାଳରେ ଚେକଡ୍ୟାମ୍ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପ ଲାଗି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଭାପୁର ପଞ୍ଚାୟତର ମନ୍ଦାରବେରେଣୀ ଗ୍ରାମଠାରୁ ବାହାରିଥିବା ନାଳଟି କାଳିଗିରି ନଦୀରେ ମିଶିଛି। ଏହି ନାଳର ଏଲପଡା ଗ୍ରାମ ନିକଟରେ ଏହି ଚେକ୍‌ଡ୍ୟାମ୍ ନିର୍ମାଣ ହେବ। ଏହା କାର୍ଯ୍ୟକାରୀ ହେଲେ ଏଲପଡା, ବେଗୁନିଆ ଗ୍ରାମର ବହୁ ଚାଷଜମି ଜଳସେଚିତ ହୋଇପାରିବ। ଶୁକ୍ରବାର ଅପରାହ୍ନ ୪ଟାରେ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଭାପୁର ପଞ୍ଚାୟତର ସମିତି ସଭ୍ୟଙ୍କ ପ୍ରତିନିଧି ବୈଷ୍ଣବ ଚରଣ ନାୟକ, ଲକ୍ଷ୍ମୀଧର ବଳବନ୍ତରାୟ, ବୁଦ୍ଧିମାନ ନାୟକ, ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ସାହୁ, ଯନ୍ତ୍ରୀ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ।

### ଭାଗବତ ପ୍ରତିଯୋଗିତା ଆରମ୍ଭ

ବୋଲଗଡ଼,୧।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ଅସରଳାଠାରେ ଶୁକ୍ରବାର ମା' କାଳୀକା ଭାଗବତ ପ୍ରତିଯୋଗିତାର ପ୍ରଥମ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା। ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ଭାଗବତ ମଣ୍ଡଳୀ ଏବଂ ବାଙ୍କୀ ବ୍ଲକ ଅନ୍ତର୍ଗତ ଖଏରପଙ୍ଗା ଭାଗବତ ମଣ୍ଡଳୀ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉଭୟ ମଣ୍ଡଳୀର ଗାୟକ, ପାଳିଆମାନେ ଖଞ୍ଜଣି ଭଜନ ପରିବେଷଣ କରିଥିଲେ। ପ୍ରତିଯୋଗିତାକୁ କେଦାର ନାଥ ପଟ୍ଟଯୋଶୀ ପରିଚାଳନା କରିଥିଲେ। ଶଚି ପଟ୍ଟନାୟକ ଓ ସୁକାନ୍ତ ନନ୍ଦ ବିଚାରକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷାବିତ୍ ସୁବଳ ଜେନା, ଭାଜପା ନେତା ରୁଦ୍ର ନାରାୟଣ ବାହିନୀପତି ଓ ଜତିନ ମହାନ୍ତି ଅତିଥି ଭାବେ ଉପସ୍ଥିତ ଥିଲେ। ଶନିବାର ଭାପୁର ବ୍ଲକସ୍ଥ ଧଳାବନ୍ଧ ଏବଂ ବୋଲଗଡ଼ ବ୍ଲକସ୍ଥ ଖଉରୁଣୀ ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।



■ ଶାମୁକା ହୋଟେଲ ପ୍ରକଳ୍ପ ବାତିଲ ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପୁରୀ ଅଫିସ,୧।୨



ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସିପସରୁବାଲି ଜମିରେ ପ୍ରସ୍ତାବିତ ଶାମୁକା ହୋଟେଲ ପ୍ରକଳ୍ପ ବାତିଲ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଉକ୍ତ ଜମି ଉପରେ ଅଧିକାର ଦାବିରେ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବାହ୍ନରେ ସମିତିର ଶତାଧିକ ସଦସ୍ୟ ଗୁଣ୍ଡିଚା ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସମିତି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ପ୍ରତିବାଦ ସଭାରେ ସମିତି ସଦସ୍ୟ କହିଥିଲେ ଯେ, ଓଡ଼ିଶା ଉପକୂଳ ଏକ ବାତ୍ୟାପ୍ରବଣ ଅଞ୍ଚଳ। ଅନ୍ୟପକ୍ଷରେ ସମୁଦ୍ର ଉପକୂଳର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି। ସରକାର ଏହା ଜାଣି ସୁଦ୍ଧା ଉପକୂଳ ଅଞ୍ଚଳରେ କଳ କାରଖାନା, ଅଧିକ ବନ୍ଦର, ଉପକୂଳ ରାଜପଥ ଓ ପର୍ଯ୍ୟଟନ ପ୍ରକଳ୍ପ କରି ଉପକୂଳକୁ ଧ୍ୱଂସ କରିବାରେ ଲାଗିପଡିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ବର୍ତ୍ତମାନ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜଙ୍ଗଲ ସୃଷ୍ଟି କରିବା, ବାଲିବନ୍ତ ଓ ହେନ୍ତାଳ ଜଙ୍ଗଲକୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି । ମାତ୍ର ସିପସରୁବାଲି ଅଞ୍ଚଳରେ ଥିବା ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ବାଲୁକାସ୍ତୂପକୁ ଧ୍ୱଂସ କରି ସରକାର ଏଠାରେ ଶାମୁକା ହୋଟେଲ ନିର୍ମାଣ ପାଇଁ ମସୁଧା କରିଛନ୍ତି। ଏହି ଜନବିରୋଧୀ ଏବଂ ପରିବେଶ ବିରୋଧୀ ପ୍ରକଳ୍ପରୁ ସରକାର କ୍ଷାନ୍ତ ରୁହନ୍ତୁ। ଏହାକୁ ବନ୍ଦ କରି ସ୍ଥାନୀୟ ବାସିନ୍ଦାଙ୍କୁ ଜମି ଉପରେ ଅଧିକାର ଦେବା ସହ ସ୍ଥାନୀୟ ସମ୍ପଦକୁ ବ୍ୟବହାର କରି କୃଷିଭିତ୍ତିକ ଶିଳ୍ପ କରିବା ପାଇଁ ଦାବି କରିଥିଲେ। ଆସନ୍ତା ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ବାତିଲ କରି ସ୍ଥାନୀୟ ବାସିନ୍ଦାଙ୍କୁ ଜମି ଅଧିକାର ଦେବା ପାଇଁ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରନ୍ତୁ ବୋଲି ସମିତି ସଦସ୍ୟ ଦାବି କରିଥିଲେ। ସମିତି ଆବାହକ ବଟକୃଷ୍ଣ ସ୍ୱାଇଁ ଏହି ପ୍ରତିବାଦ ସଭାକୁ ପରିଚାଳନା କରିଥିଲେ। ଏଥିରେ ଶ୍ରୀକାନ୍ତ ମହାନ୍ତି, ଅଶୋକ ପ୍ରଧାନ, ନରେନ୍ଦ୍ର ମହାନ୍ତି, ତପନ ଉପାଧ୍ୟାୟ, ଭୀମସେନ ସ୍ୱାଇଁ, ମୋହନ ନାଇଡୁ, ଜୟରାମ ଜେନା, ତପନ ଚିହ୍ନରା, ଶରତ ରାୟଗୁରୁ, କୃଷ୍ଣ ରାଉତ, ସୁରେନ୍ଦ୍ର ତପସ୍ୱୀ, ବ୍ରହ୍ମାନନ୍ଦ ମଲିକ, ଜଗନ୍ନାଥ ଦେଓ, ଲୋକନାଥ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂରକ୍ଷିତ ଜଙ୍ଗଲରୁ ଶାଳଗଛ କାଟି ଜଣେ ଗିରଫ


ଗିରଫ ଅଭିଯୁକ୍ତ ଗୋପାଳ ନାୟକ।

ଓଡ଼ଗାଁ, ୧।୨(ସ୍ୱ.ପ୍ର.)
ଓଡ଼ଗାଁ ବନାଞ୍ଚଳର ଏକ ସଂରକ୍ଷିତ ଜଙ୍ଗଲରୁ ଶାଳଗଛ କାଟି ଚାଲାଣ କରୁଥିବା ଜଣେ ଯୁବକ ବନ କର୍ମଚାରୀଙ୍କ ହାତରେ ଧରାପଡି ଜେଲ ଯାଇଛନ୍ତି। ସୂଚନା ଅନୁସାରେ ଓଡ଼ଗାଁ ବନାଞ୍ଚଳର ବାହାଡ଼ାଖୋଲା ସେକ୍ସନ ଅଧୀନରେ ଥିବା ଶୁଳିଆ ସଂରକ୍ଷିତ ଜଙ୍ଗଲରୁ କାଠ ମାଫିଆମାନେ ଶାଳ, ପିଆଶାଳ ଆଦି ମୂଲ୍ୟବାନ ବୃକ୍ଷ କାଟିନେଉଥିବା ଅଭିଯୋଗ ହୋଇଆସୁଥିଲା। ଏପରିସ୍ଥଳେ ଗୁରୁବାର ସେକ୍ସନ ବନପାଳ ସରିତା ବରାଳଙ୍କ ସହିତ ବନରକ୍ଷୀ ଶୁଭେନ୍ଦୁ ପ୍ରସାଦ ନାୟକ ଓ ଧରଣୀଧର ନାୟକ ଉକ୍ତ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାହାଡ଼ାଖୋଲା ନିକଟ ବଡପଦା ଗ୍ରାମର ଗୋପାଳ ନାୟକ(୩୬) ହଳଦ୍ୱାରା ଗୋଟିଏ କଞ୍ଚା ଶାଳଗଛ କାଟି ବୋହିନେଉଥିବା ବେଳେ ସେମାନଙ୍କ ହାବୁଡରେ ପଡିଥିଲେ । ସେ ହଳ ଛାଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ବନ କର୍ମଚାରୀ ତାଙ୍କୁ କାବୁ କରି ଗିରଫ କରିଥିଲେ । ଜବତ ଶାଳ ଗଣ୍ଡି ୪ ସିଏଫଟି ହେବ। ଗିରଫ ଗୋପାଳଙ୍କ ବିରୋଧରେ ୧୦୪/୧୮-୧୯ରେ ଏକ ମକଦ୍ଦମା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ବନପାଳ ବରାଳ ସୂଚନା ଦେଇଛନ୍ତି ।

## ଅଟୋ ଓଲଟି ଶିଶୁ ସମେତ ୬ ଆହତ

ନୟାଗଡ଼ ଅଫିସ,୧।୨

**୨ ଗୁରୁତର ଭୁବନେଶ୍ୱର ସ୍ଥାନାନ୍ତର**


ଗୁରୁତର ଭୂମି ଓ ହଜାରୀ ନାୟକ

ନୟାଗଡ଼ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁର ଛକଠାରେ ଶୁକ୍ରବାର ରାତ୍ର ୯ଟା ସମୟରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ଜଣେ ଶିଶୁ ସମେତ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନିକଟସ୍ଥ କୁଶପଲ୍ଲା ଗ୍ରାମର ସୁକାନ୍ତି ନାୟକ, ହଜାରୀ ନାୟକ, ଭୂମି ନାୟକ, ମଲ୍ଲୀ ନାୟକ, କମଳା ନାୟକ ଓ ଧରମା ନାୟକ। ଏମାନଙ୍କ ମଧ୍ୟରୁ ୩ ବର୍ଷର ଶିଶୁ ଭୂମି ନାୟକ ଓ ହଜାରୀ ନାୟକ(୪୫)ଙ୍କ ମୁଣ୍ଡରେ ଆଘାତ ଲାଗି ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କୁଶପଲ୍ଲାର ଏହି ବ୍ୟକ୍ତିମାନେ ଏକ ଅଟୋ ଭଡ଼ା କରି ସମ୍ପର୍କୀୟଙ୍କ ଦଶ ତୁଠ କାର୍ଯ୍ୟ ପାଇଁ ଖଡିଆ ଗ୍ରାମକୁ ଯାଇଥିଲେ। ସେଠାରୁ ରାତ୍ରିରେ ଫେରୁଥିବାବେଳେ ଦର୍ପନାରାୟଣପୁର ଛକଠାରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ଫଳରେ ସମସ୍ତେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅଟୋ ଡ୍ରାଇଭର ଓ ଗାଡ଼ିରେ ବସିଥିବା ତାଙ୍କର ଜଣେ ସାଙ୍ଗ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

## ୧୯୬୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ନୟାଗଡ଼ ଅଫିସ,୧।୨
ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟର ୧୯୬୯ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା କାର୍ଯ୍ୟ ଆରମ୍ଭ ହେବା ପରେ ଦିବଂଗତ ଶିକ୍ଷକ ଓ ସହପାଠୀମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ହରେକୃଷ୍ଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ଅଭୟ ସ୍ୱାଇଁ, ମହାଦେବ କୁଣ୍ଟ, ବେଣୁଧର ଜେନା, ସୁଧୀର ଦାସ, ହାକିମ ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରମାନେ ମିଳିମିଶି ବିଦ୍ୟାଳୟର ଉନ୍ନତି ପାଇଁ ସାହାଯ୍ୟ କରିବା ସହ ପରିଣତ ବୟସରେ ସମାଜସେବା କାର୍ଯ୍ୟରେ ସାମିଲ ହେବା ନେଇ ଆଲୋଚନା କରାଯାଇଥିଲା। ସହପାଠୀମାନେ ପୁରୁଣା ଦିନର ସ୍ମୃତି ସାଉଁଟିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଣିଆ,୧।୨(ଡ.ଏନ.ଏ.)
ଗଣିଆ ବ୍ଲକ ଆଡକଟା ପଞ୍ଚାୟତ କୃଷ୍ଣପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟଭାର ତୁଲାଇଥିବା ବାଉରୀବନ୍ଧୁ ସେଠୀଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ବାମନ ଚରଣ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରାଜକିଶୋର ମହାରଣା, ପ୍ରଶାନ୍ତ କୁମାର ସାହୁ, ସିଆରସିସି କେଶବ ଚନ୍ଦ୍ର ନାୟକ, ପ୍ରମୋଦ କୁମାର ସ୍ୱାଇଁ ଓ ଆଡକଟା ସରପଞ୍ଚ ବୀରକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ସହକର୍ମୀ ଓ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ମାତୃମଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ସଭ୍ୟା, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ ।

## କୁସୁମୀ ବାମପାର୍ଶ୍ୱ ମାଳବନ୍ଧର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡା,୧।୨(ସ୍ୱ.ପ୍ର.)
କୁସୁମୀ ନଦୀ ବାମପାର୍ଶ୍ୱ ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତାଠାରୁ କୁମ୍ଭାରସାହି ପର୍ଯ୍ୟନ୍ତ ତଥା ଖଣ୍ଡପଡା ସହରର ୮ନଂ ୱାର୍ଡ ଅଧୀନ କୁମ୍ଭାରସାହି ଓ ପାଡିସାହି ପାର୍ଶ୍ୱସ୍ଥିତ ମାଳବନ୍ଧର ଉନ୍ନତୀକରଣ ନିମନ୍ତେ ବୁଧବାର ଅପରାହ୍ନରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଉକ୍ତ କାର୍ଯ୍ୟ ନିମନ୍ତେ କଣ୍ଟିଲୋ ଜଳସେଚନ ବିଭାଗ ଜରିଆରେ ୨୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାଯାଇଛି। ଉକ୍ତ ଅନୁଦାନ ଅର୍ଥରେ ଶୋଚନୀୟ ମାଳବନ୍ଧର ଉନ୍ନତୀକରଣ କରାଯିବ ବୋଲି ଜଣାପଡିଛି। ଫଳରେ ପ୍ରତିବର୍ଷ ବନ୍ୟା ପାଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ନିକଟସ୍ଥ ଚାଷଜମିଗୁଡିକ ସୁରକ୍ଷିତ ରହିପାରିବ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ଇଂ. ସସ୍ମିତା ସାହୁଙ୍କ ଠାରୁ ପ୍ରକାଶ। ଆସନ୍ତା ୨ମାସ ମଧ୍ୟରେ ମାଳବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ମହିଳା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ମାଳବନ୍ଧର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

■ ସ୍ୱଚ୍ଛତା ପାଇଁ କାୟାକଳ୍ପ ପୁରସ୍କାର

# ଜିଲାର ୫ ସ୍ୱାସ୍ଥ୍ୟ ଅନୁଷ୍ଠାନ ମନୋନୀତ

ନୟାଗଡ଼ ଅଫିସ/ଭାପୁର (ଡି.ଏନ.ଏ.),୧।୨



ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଚଳିତବର୍ଷ ପାଇଁ ଜିଲାର ୫ ସ୍ୱାସ୍ଥ୍ୟ ଅନୁଷ୍ଠାନ (ଡାକ୍ତରଖାନା) କାୟାକଳ୍ପ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେଗୁଡ଼ିକ ହେଲା ନୟାଗଡ଼ ଜିଲାର ଖଣ୍ଡପଡ଼ା ବ୍ଲକର ନୂଆଗଡ଼ିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ରଣପୁର ବ୍ଲକ ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଓ ଭାପୁର ବ୍ଲକର ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଗତ ନଭେମ୍ବର ମାସରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ନୟାଗଡ଼ ଜିଲାକୁ ଗସ୍ତ କରି ବିଭିନ୍ନ ଡାକ୍ତରଖାନା ପରିଭ୍ରମଣ କରିଥିଲେ। ସ୍ୱଚ୍ଛତା ମାପଦଣ୍ଡ ଆଧାରରେ ସେମାନେ ଉକ୍ତ ମେଡ଼ିକାଲ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପର୍ଯ୍ୟବେକ୍ଷକ ଦଳର ସୁପାରିସ ପରେ ଏହି ସଫଳତା ମିଳିଥିବା ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ମନୋନୀତ ହୋଇଥିବା ୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ ଓ ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାସ୍ତରୀୟ ଉତ୍ସବରେ ଅର୍ଥରାଶି ସହ ମାନପତ୍ର ଦିଆଯାଇ ସମ୍ମାନିତ କରାଯିବ। ଏହି ଅବସରରେ ପୁରସ୍କୃତ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର କର୍ମଚାରୀମାନଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶୁଭେଚ୍ଛା ଜଣାଇ ଦିଆଯାଇଛି।

## ରାଷ୍ଟ୍ରପତି ପଦକ ପାଇବେ ରଣପୁର ପୂର୍ବତନ ଥାନା ଅଧିକାରୀ

ରଣପୁର,୧।୨(ସ୍ୱ.ପ୍ର.)



ନୟାଗଡ ଜିଲା ରଣପୁର ଥାନାର ପୂର୍ବତନ ଥାନା ଅଧିକାରୀ ବିକ୍ରମ କେଶରୀ ଜେନା ରାଷ୍ଟ୍ରପତିଙ୍କ ଠାରୁ ପୋଲିସ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପୋଲିସ ପଦକ ପାଇବେ ବୋଲି ରାଷ୍ଟ୍ରପତି ଭବନରୁ ଘୋଷଣା ହୋଇଛି । ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ୨୦୧୪ ମସିହାରେ ଚାନ୍ଦପୁର ଅଞ୍ଚଳରେ ଏକ ପରିବାରର ୪ଜଣଙ୍କୁ ହତ୍ୟା ଘଟଣାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିଲା। ସେତେବେଳେ ଥିବା ଥାନା ଅଧିକାରୀଙ୍କୁ ନିଲମ୍ବିତ କରାଯାଇ ତାଙ୍କ ସ୍ଥାନରେ ବିକ୍ରମ ଜେନାଙ୍କୁ ନିଯୁକ୍ତି ଦିଆଯାଇଥିଲା। ଶାନ୍ତି କମିଟି ଗଠନ କରି ସେ ଅଶାନ୍ତ ଚାନ୍ଦପୁର ଅଞ୍ଚଳରେ ଆଇନ୍ ଶୃଙ୍ଖଳା ରକ୍ଷା କରିପାରିଥିଲେ। ଏହା ସହିତ ବିଭିନ୍ନ ମାମଲାରେ ଅଭିଯୁକ୍ତ ମାନଙ୍କୁ ଧରିବାରେ ସେ ସକ୍ଷମ ହୋଇଥିଲେ । ସେ ୧୯୯୮ ମସିହାରେ ଓଡ଼ିଶା ପୋଲିସରେ ଯୋଗ ଦେଇ ପ୍ରଥମେ କେନ୍ଦ୍ରାପଡା ଜିଲାର ବିଭିନ୍ନ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ପରେ ନୟାଗଡ ଓ ବର୍ତ୍ତମାନ ଖୋର୍ଦ୍ଧା ସଦର ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି।

## ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ରଣପୁର,୧।୨(ସ୍ୱ.ପ୍ର.)
ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ନମ୍ବର ୱାର୍ଡର ଜୟପୁରରେ ଶୁକ୍ରବାର ପୋଖରୀରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଲେ ଛବି ସାହୁ(୨୮)। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଛବି ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ୱାର୍ଡ ମୁଣ୍ଡରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀ ହୁଡାରେ ଚପଲ ଓ ଲୁଗାପଟା ରଖି ଗାଧୋଉ ଥିଲା ବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ ଖସି ଯାଇଥିବା ଓ ସେ ପହଁରା ଜାଣି ନ ଥିବାରୁ ପୋଖରୀରେ ବୁଡି ଯାଇଥିବା ଅନୁମାନ କରାଯାଉଛି । ତେବେ ଛବି ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । କେଉଁଠାରେ ଛବିଙ୍କ ପତ୍ତା ନ ମିଳିବାରୁ ଗ୍ରାମବାସୀ ଖୋଜିବାରେ ସାହାଯ୍ୟ କରିଥିଲେ। ପୋଖରୀ ହୁଡାରେ ଲୁଗା ଓ ଚପଲ ଦେଖି ପୋଖରୀରେ ବୁଡିଯାଇଥିବା ସନ୍ଦେହ ହେବାରୁ ଗ୍ରାମର କିଛି ଯୁବକ ପୋଖରୀରେ ପଶି ଖୋଜାଖୋଜି କରି ଛବିଙ୍କୁ ପୋଖରୀ ଭିତରୁ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏକ ବାଇକ ଯୋଗେ ଚିକିତ୍ସା ପାଇଁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଛବିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ରଣପୁର ଥାନରେ ନଂ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଯୁବଶକ୍ତି ସମାଜ ପରିବର୍ତ୍ତନର ବାର୍ତ୍ତାବହ

■ ଗାୟତ୍ରୀ ପରିବାର ପକ୍ଷରୁ ନିଶାମୁକ୍ତ ଅଭିଯାନ

ଖଣ୍ଡପଡା,୧।୨(ସ୍ୱ.ପ୍ର.)


ନିଶାମୁକ୍ତ ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପ୍ରକୃତିର ଶ୍ରେଷ୍ଠ ଜୀବ ଭାବରେ ପରିଚିତ ମାନବ ବିଶେଷ କରି ଯୁବ ସମାଜ କୁପଥରେ ପରିଚାଳିତ ହୋଇ ମାଦକଦ୍ରବ୍ୟ ସେବନ କରି ଜୀବନକୁ ବରବାଦ କରି ଦେଉଛି । ସମଗ୍ର ବିଶ୍ୱରେ ଭଲ ମଣିଷଟିଏ ହୋଇ ବଞ୍ଚି ରହିବାକୁ ହେଲେ ଜୀବନରେ କେବେ ହେଲେ କୌଣସି ମାଦକ ଦ୍ରବ୍ୟ ସେବନ ନ କରିବା ଉଚିତ। ସେ ଚାହିଁଲେ ନିଶାମୁକ୍ତ ସମାଜ ଗଠନ ହୋଇପାରିବ ବୋଲି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ସମାବେଶରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ରାଜ୍ୟ ସଂଯୋଜକ ତଥା ଟୋଲି ନାୟକ ବିଚିତ୍ରାନନ୍ଦ ସାହୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସୁଦୂର ହରିଦ୍ୱାରସ୍ଥିତ ଶାନ୍ତିକୁଞ୍ଜରୁ ଆସିଥିବା ରଥରେ ବିଭିନ୍ନ ପ୍ରକାର ପ୍ରାମାଣିକ ଚଳଚ୍ଚିତ୍ର ମାଧ୍ୟମରେ ନିଶାମୁକ୍ତ ସମ୍ବନ୍ଧରେ ସଚେତନତା କରାଯାଇଥିଲା। ବିଶେଷତଃ ଓଡିଶାକୁ ନିଶାମୁକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଦେଢକୋଟି ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଦେବା ସଙ୍ଗେ ପ୍ରତ୍ୟେକ ଜିଲାରେ ନିଶା ଛଡାଇବା କେନ୍ଦ୍ର ସ୍ଥାପନ କରିବା ଓ ୫ଟି ଶକ୍ତିପୀଠ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜିଲା ସଂଯୋଜକ ରାସ ବିହାରୀ ସେଠୀ ସୂଚନା ଦେଇଥିଲେ । ଏହି ରଥ ପରିକ୍ରମାରେ ଶାନ୍ତିକୁଞ୍ଜରୁ ଆସିଥିବା ଶାନ୍ତିକୁଞ୍ଜ ଟୋଲି ମାଧବ ମରାଠି, ଅନିଲ ଅଗ୍ରହୀ ଓ ଗୋକୁଳାନନ୍ଦ ରାଉତ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକ ଶାନ୍ତିକୁଞ୍ଜରୁ ଆସିଥିବା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧାପିକା ଜୟଶ୍ରୀ ସାହୁ ଓ ଅଧ୍ୟାପକ ବଳରାମ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।